| 20 | ROHAN BHANJA | Staff Nurse Trainee | 01.06.2025 | VILL/PO- BAKCHA,PS- MOYNA, DIST- PURBA MEDINIPUR, West Bengal, 721642 |
| 21 | SUSHREE SANGEETA BISWAL | Staff Nurse Trainee | 06.06.2025 | AT/PO-GARHAKARAMALA,PS-GOP, DIST-PURI, 752116 |
| 22 | PRAVASINI SETHI | ANM | 06.06.2025 | AT: JANKIA, PO: GADASHI, PS: KANASH, DIST : PURI, 752017 |
| 23 | KALYANI BHOENA | Staff Nurse | 05.06.2025 | AT/PO: VSS NAGAR, PS: SAHID NAGAR, BHUBANESWAR, 751007 |
| 24 | SUBHASMITA KABAT | Staff Nurse Trainee | 05.06.2025 | AT/PO-MANATRI,PS-BAISINGA, DIST-MAYURBHANJ, 757017 |
| 25 | JHUNITA NAIK | Staff Nurse | 03.06.2025 | AT/PO- DONGASIL, BLOCK- KASHIPUR, RAYAGADA, 765015 |
| 26 | SUCHITRA SUBHADARSHINI NAYAK | Staff Nurse Trainee | 06.06.2025 | AT - MAHIUR, PO - KOUDUKHOL, PS - BALICHHDARPUR, DIST – JAJPUR, 754296 |

କର୍ତ୍ତୃପକ୍ଷ
ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ
ପାଣ୍ଡରା, ଭୁବନେଶ୍ୱର

# ଓଡ଼ିଶାରେ ସର୍ବାଧିକ ରକ୍ତଶିକୁଳି ମାମଲା

ନୂଆଦିଲ୍ଲୀ,୧୮

ଦେଶରେ ସର୍ବାଧିକ ସଂଖ୍ୟକ ରକ୍ତ ଶିକୁଳି (ସିକିଲ୍ ସେଲ୍) ରୋଗୀ ଓଡ଼ିଶାରେ ରହିଥିବା ରାଜ୍ୟ ସଭାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ କହିଛନ୍ତି। ଦେଶରେ ମୋଟ ୨,୧୫,୩୮୦ ରକ୍ତ ଶିକୁଳି ରୋଗୀ ଥିବାବେଳେ କେବଳ ଓଡ଼ିଶାରେ ୯୬,୦୮୦ ମାମଲା ପଞ୍ଜୀକୃତ ହୋଇଛି। ଓଡ଼ିଶା ପଛକୁ ମଧ୍ୟପ୍ରଦେଶରେ ୩୦,୫୮୦, ଗୁଜରାଟରେ ୨୮,୧୫୦, ମହାରାଷ୍ଟ୍ରରେ ୨୩,୨୧୮ ଏବଂ ଛତିଶଗଡ଼ରେ ୨୬,୧୦୪ ମାମଲା ରହିଛି। ଅନ୍ୟ ରାଜ୍ୟ ମଧ୍ୟରେ ରାଜସ୍ଥାନରେ ୨,୭୨୯, ଆନ୍ଧ୍ରପ୍ରଦେଶରେ ୨,୧୫୯ ଏବଂ ଝାଡ଼ଖଣ୍ଡରେ ୨,୧୫୪ ସିକିଲ୍ ସେଲ୍ ରୋଗୀ ଅଛନ୍ତି। ଏହା ବ୍ୟତୀତ କେରଳରେ ୧,୪୬୯, ପଶ୍ଚିମବଙ୍ଗରେ ୮୮୩, କର୍ଣାଟକରେ ୫୭୯, ତାମିଲନାଡୁରେ ୪୮୫ ଏବଂ ତେଲଙ୍ଗାନାରେ ୪୬୮ ମାମଲା ଥିବାବେଳେ ଆସାମ, ଉତ୍ତରପ୍ରଦେଶ, ବିହାର ଏବଂ ଉତ୍ତରାଖଣ୍ଡରେ ଯଥାକ୍ରମେ ୨୮୫, ୩୨, ୮ ଏବଂ ୬ ମାମଲା ରହିଛି। ଏହି ରୋଗର ଚିକିତ୍ସା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ରାଜ୍ୟଗୁଡ଼ିକୁ ବୈଷୟିକ ଓ ଆର୍ଥିକ ସହାୟତା ଯୋଗାଇଦେଉଛନ୍ତି। ସିକିଲ୍ ସେଲ୍ ଆନେମିଆର ପରୀକ୍ଷାନିରୀକ୍ଷା, ଔଷଧ କିଣିବା, କାଉନସେଲିଂ, ସଚେତନତା ଶିବିର, ସ୍ୱାସ୍ଥ୍ୟକର୍ମୀଙ୍କ ତାଲିମ ଓ ରକ୍ତ ଟ୍ରାନ୍ସଫ୍ୟୁଜନ ପାଇଁ ଏହି ସହାୟତା ଉଦ୍ଦିଷ୍ଟ।

# ଗତବର୍ଷ ତୁଳନାରେ ୯ ହଜାର ଅଧିକ ଚାଷୀ ପଞ୍ଜୀକୃତ

ଭୁବନେଶ୍ୱର,୧୮ (ସୁନିତ୍ ମିଶ୍ର)

ରାଜ୍ୟରେ ଖରିଫ ଋତୁ ଧାନ କ୍ରୟ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଛି। ଗତ ମାସ ୧୯ରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏଥିପାଇଁ ଚାଷୀମାନେ ନିକଟସ୍ଥ ପ୍ରାଥମିକ କୃଷି ସମବାୟ ସମିତି ପ୍ୟାକ୍ସ, ଲ୍ୟାମ୍ପସ୍ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ପାଣିପଞ୍ଚାୟତରେ ଆଗୁଆ ପଞ୍ଜୀକରଣ କରୁଛନ୍ତି। ଚଳିତ ବର୍ଷ ଆଜି ସୁଦ୍ଧା ୩ ଲକ୍ଷ ୯୫ ହଜାର ୯୪୯ ଜଣ ଚାଷୀ ପଞ୍ଜୀକରଣ କରିଥିବାବେଳେ ଗତବର୍ଷ ଏହି ଦିନ ସୁଦ୍ଧା ୩ ଲକ୍ଷ ୮୭ ହଜାର ୧୦୪ ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ଚଳିତ ବର୍ଷ ଗତବର୍ଷ ତୁଳନାରେ ୫ ଦିନ ବିଳମ୍ବରେ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଅଧିକ ଚାଷୀ ପଞ୍ଜୀକରଣ ହୋଇଥିବାରୁ ଶେଷ ତାରିଖ ସୁଦ୍ଧା ସମସ୍ତ ଯୋଗ୍ୟ ଚାଷୀ ପଞ୍ଜୀକରଣ କରିବେ ବୋଲି ଆଶା କରାଯାଉଛି।

ସମସ୍ତ ପଞ୍ଜୀକୃତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟ ସହ ଆଧାର ସଂଯୋଗୀକରଣ କରିବା ସହ ଇ-କେୱାଇସି ବାଧ୍ୟତାମୂଳକ ଭାବେ କରାଯାଇଛି। ଯୋଗ୍ୟ ଚାଷୀମାନଙ୍କୁ ଧାନକିଣା ପ୍ରକ୍ରିୟାରେ ସାମିଲକରିବା ଏବଂ ନକଲି ଚାଷୀମାନଙ୍କୁ ଏହି ପ୍ରକ୍ରିୟାରୁ ବାଦ୍ଦେବା ଉଦ୍ଦେଶ୍ୟରେ ଚଳିତ ବର୍ଷ ଆଧାରଭିତ୍ତିକ ଇ-କେୱାଇସି କରାଯାଉଛି। ଏହାଦ୍ୱାରା ଯୋଗ୍ୟ ଚାଷୀମାନଙ୍କ ମଧ୍ୟରେ ଧାନ ବିକ୍ରୟ ପାଇଁ ଆଗ୍ରହ ପରିଲକ୍ଷିତ ହେଉଛି। ଏତଦ୍ବ୍ୟତୀତ ଭାଗଚାଷୀ ଏବଂ ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ମଧ୍ୟ ଉପକୃତ ହୋଇପାରିବେ। ସମସ୍ତ ଚାଷୀଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ରେକର୍ଡଧାରୀ ତଥା ଜମି ମାଲିକଙ୍କ ସହମତିପତ୍ର ମଧ୍ୟ ସଂଲଗ୍ନ କରାଯାଉଛି। ଏହାଦ୍ୱାରା ଧାନ ସଂଗ୍ରହବେଳେ କୌଣସି ସ୍ତରରେ ଯୋଗ୍ୟଚାଷୀ ସମସ୍ୟାର ସମ୍ମୁଖୀନ ହେବେ ନାହିଁ। ଏଥିପାଇଁ ସମିତିଗୁଡ଼ିକରେ ନିୟୋଜିତ କର୍ମଚାରୀ ଓ ଅଧିକାରୀ ସମସ୍ତ ସହଯୋଗ ଯୋଗାଇଦେଉଛନ୍ତି। ଧାନ ବିକ୍ରୟ ଉଦ୍ଦେଶ୍ୟରେ ଚାଷ ଅନୁପଯୋଗୀ ଜମି କିମ୍ବା ଅଣଧାନ ଚାଷ ହୋଇଥିବା ଜମିକୁ ପଞ୍ଜୀକରଣ ପ୍ରକ୍ରିୟାରୁ ବାଦ୍ ଦେବା ପାଇଁ ସମିତି ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ କରାଯାଇ ଯୋଗ୍ୟ ଚାଷୀମାନଙ୍କଠାରୁ ଧାନ କ୍ରୟ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। କୌଣସି ସମସ୍ୟା ଥିଲେ ଚାଷୀମାନେ ଦେୟମୁକ୍ତ ନଂ. ୧୯୬୭ରେ ଯୋଗାଯୋଗ କରିପାରିବେ।



“ଯେଉଁମାନେ ଗରିବ, ଅଜ୍ଞାନ, ନୀଚକୁଳରେ ଜାତ ଓ କଦର୍ଯ୍ୟ ପରିବେଶରେ ପ୍ରତିପାଳିତ ସେମାନଙ୍କୁ ଆମେ ଇତର ସାଧାରଣ ମଣିଷ ବୋଲି କହିବା ନାହିଁ ବରଂ ଅନ୍ୟପକ୍ଷରେ, ଆମେ ସେଇମାନଙ୍କୁ ହିଁ ଇତର ସାଧାରଣ ମଣିଷ କହିବା- ଯେଉଁମାନେ ଛୋଟ ଛୋଟ କଥାଗୁଡ଼ିକୁ ନେଇ ବଞ୍ଚିଥାନ୍ତି ଓ ଏକ ସାଧାରଣ ଜୀବନକୁ ନେଇ ସନ୍ତୁଷ୍ଟ ଥାନ୍ତି। -ଶ୍ରୀଅରବିନ୍ଦ



# ସିଏସ୍ଏସ୍ ସଙ୍କଟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସେଣ୍ଟ୍ରାଲ ସେକ୍ରେଟାରିଏଟ ସର୍ଭିସ(ସିଏସ୍ଏସ୍)ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇ ନ ପାରେ ; କିନ୍ତୁ ଏହା ନିଶ୍ଚିତ ଯେ, ତାହା ସରକାରଙ୍କର ସବୁ କ୍ଷେତ୍ରକୁ ଏମାନେ ସୁଚାରୂପେ ଚଳାଇବାରେ ସାହାଯ୍ୟ କରିଥାଏ। ଏବେ ଏହା ଅଚଳ ହୋଇଯିବାର ସଙ୍କେତ ମିଳୁଛି। ଅନେକ ବର୍ଷ ଧରି ସିଏସ୍ଏସ୍ କ୍ୟାଡର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସୁଛି ଏବଂ ଠିକ୍ ସମୟରେ କ୍ୟାଡର ସମୀକ୍ଷା, ତ୍ରୁଟିଶୂନ୍ୟ ପଦୋନ୍ନତି ଏବଂ ଅନ୍ୟ କେନ୍ଦ୍ରୀୟ ସର୍ଭିସ ସହ ସମାନତା ପାଇଁ ଦାବି କରିଆସୁଛି। ତେବେ ୨୦୧୮ରେ ହୋଇଥିବା ୪ର୍ଥ କ୍ୟାଡର ସମୀକ୍ଷା ଅମଲାତନ୍ତ୍ରିକ ମନ୍ଥରତା ଯୋଗୁ ଅଟକି ଗଲା । ଏହାର ପାଖାପାଖି ଦୁଇ ବର୍ଷ ପୂର୍ବରୁ ଏକ କମିଟି ଗଠନ ହୋଇଥିଲେ ମଧ୍ୟ ଏହା ହୋଇପାରି ନ ଥିଲା। କ୍ୟାଡର ସମୀକ୍ଷା ନିୟମିତ ଭାବେ ପ୍ରତି ୫ ବର୍ଷରେ ହେବାକୁ ଥିବାବେଳେ ଏଥିରେ ୭ ବର୍ଷ ବିଳମ୍ବ ହୋଇଛି। ପଦୋନ୍ନତି ସମ୍ପୂର୍ଣ୍ଣ ଅଟକି ରହିଛି। ପାଞ୍ଚ ବର୍ଷ ପରେ ପଦୋନ୍ନତି ପାଇଁ ଯୋଗ୍ୟ ଅଣ୍ଡର ସେକ୍ରେଟାରିମାନେ ୧୨ ବର୍ଷରୁ ଅଧିକ ସମୟ ଅପେକ୍ଷା କରି ବସିଛନ୍ତି। ୨୦୧୪ ବ୍ୟାଚ୍‌ର ଏଏସ୍‌ଓମାନଙ୍କ ମଧ୍ୟରୁ ଜଣେ ହେଲେ କେହି ପଦୋନ୍ନତି ପାଇନାହାନ୍ତି। ଏହା ଏକ ଉଦାସୀନତା ଭଳି ମନେହେଉଛି। ଆରଟିଆଇ ଉତ୍ତରରୁ ଜଣାପଡ଼ିଛି ଯେ,କେବଳ ୨୪ଟି ବିଭାଗରେ ୨,୫୦୦ରୁ ଅଧିକ ସିଏସ୍ଏସ୍ ପଦବୀ ଖାଲି ରହିଛି , ଯାହା ଶାସନ, ଦକ୍ଷତା ଓ ସାର୍ବଜନୀନ ସେବାକୁ ପ୍ରଭାବିତ କରୁଛି। ଅତ୍ୟନ୍ତ ଦୁଃଖଦାୟକ ଯେ, ଅନ୍ୟ ସେବାଗୁଡ଼ିକର କ୍ୟାଡର ସମୀକ୍ଷା ଏକ ବର୍ଷରୁ କମ୍ ସମୟରେ ପୂର୍ଣ୍ଣ କରାଯାଉଛି। କେବଳ ସିଏସ୍ଏସ୍‌କୁ କାହିଁକି ଅଲଗା କରି ରଖାଯାଇଛି ବୋଲି ସିଏସ୍ଏସ୍ ବାବୁମାନେ ପ୍ରଶ୍ନ ଉଠାଉଛନ୍ତି । କାର୍ମିକ ନୀତି ପାଇଁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ହିଁ ଦାୟୀ। ଏହାକୁ ନିଶ୍ଚିତ କରିବାକୁ ପଡ଼ିବ ଯେ, ସିଏସ୍ଏସ୍ ଅଧିକାରୀଙ୍କୁ ସିଭିଲ୍ ସର୍ଭିସର ଅନ୍ୟ ସଦସ୍ୟଙ୍କ ଭଳି ସମ୍ମାନର ସହ ଗଣାଯିବା ଦରକାର। ତେବେ ସିଏସ୍ଏସ୍ ସୁବିଧା ପାଇଁ କହୁନାହିଁ ; କିନ୍ତୁ ପ୍ରଶାସନିକ କଳ ବନ୍ଦ ହେବା ପୂର୍ବରୁ ସେମାନଙ୍କ କଥା ଶୁଣିବାକୁ ହେବ।

### ଇସ୍ତଫାକୁ ନେଇ ନୀରବତା

ଉପରାଷ୍ଟ୍ରପତି ଜଗଦୀପ ଧନକର ସ୍ୱାସ୍ଥ୍ୟଗତ କାରଣ ଯୋଗୁ ଇସ୍ତଫା ଦେଇଥିବା କହି ମୂଳ ରହସ୍ୟକୁ ଆଢୁଆଳରେ ରଖାଯାଇପାରେ, କିନ୍ତୁ ଏହାର ପରବର୍ତ୍ତୀ ଘଟଣାକ୍ରମ ବାସ୍ତବରେ ଅତି ଆଶ୍ଚର୍ଯ୍ୟଜନକ। ଧନକରଙ୍କ ଇସ୍ତଫାକୁ ଗଣମାଧ୍ୟମ ଭଲ ଭାବେ ହୃଦୟଙ୍ଗମ କରିବା ପୂର୍ବରୁ ଡେପୁଟେଶନରେ ଥିବା ଅଧିକାରୀଙ୍କ ସମେତ ତାଙ୍କ ସଚିବାଳୟ କର୍ମଚାରୀମାନଙ୍କୁ ତୁରନ୍ତ ସେମାନଙ୍କ ମୂଳ କ୍ୟାଡରକୁ ପଠାଇଦିଆଯାଇଥିବା ଜଣାପଡ଼ିଛି। ଏଭଳି ସ୍ଥାନାନ୍ତର ପାଇଁ ଏହା ଉପଯୁକ୍ତ ସମୟ ନୁହେଁ । ଏହି ସ୍ତରର ଏକ ସାମ୍ବିଧାନିକ ପଦବୀ ପାଇଁ ଏଭଳି ଶୀଘ୍ର ପଦକ୍ଷେପ ନେବା ଅନୁଚିତ । ଯେତେବେଳେ ଏକ ଉଚ୍ଚ ସାମ୍ବିଧାନିକ ପଦାଧିକାରୀଙ୍କୁ କାର୍ଯ୍ୟକାଳ ଅଧାରୁ ଅନ୍ତର କରାଯାଏ, ସେତେବେଳେ ସାଧାରଣତଃ ବ୍ୟବସ୍ଥାଗତ କାର୍ଯ୍ୟ ଅଟକି ଯାଏ, ସ୍ୱଚ୍ଛତା ଜାରି ରଖାଯାଏ ଏବଂ ଏକ ବ୍ୟବସ୍ଥିତ ହସ୍ତାନ୍ତରକୁ ନିଶ୍ଚିତ କରେ। କିନ୍ତୁ ଏହି ଘଟଣାରେ ତାହା ହୋଇନାହିଁ। ବରଂ ଏଥର କେବଳ ଉପରାଷ୍ଟ୍ରପତି ନୁହନ୍ତି, ବରଂ ତାଙ୍କ ଲୋକମାନେ ମଧ୍ୟ ବାହାରିଗଲେ ଏବଂ ତାହା ଖୁବ୍‌ଶୀଘ୍ର କରାଗଲା। ଏହି ପ୍ରକାର ପ୍ରଶାସନିକ କସରତ ଦର୍ଶାଉଛି ଏବଂ ଆଧିକାରିକ ସୂତ୍ରରୁ ଯାହା ଜଣାପଡୁଛି, ଧନକରଙ୍କ ଇସ୍ତଫା ସ୍ୱେଚ୍ଛାକୃତ ନ ଥିଲା। ଏହା ସହ ଶାସକ ଦଳ ପକ୍ଷରୁ ସମ୍ପୂର୍ଣ୍ଣ ନୀରବତା ଅବଲମ୍ବନ କରାଯାଉଛି। ଅମଲତନ୍ତ୍ରର କାଗଜ କଲମ ଓ ତଥ୍ୟରେ ସବୁବେଳେ ବହୁତ କିଛି କହୁଥିବାବେଳେ ଏହି ସମୟରେ ତାହା ପ୍ରତିଶୋଧ ନେବା ମାନସିକତାରେ ଥିବା ଭଳି ମନେହେଉଛି। ବେଳେବେଳେ ଧନକରଙ୍କ ମନ୍ତବ୍ୟ ସରକାରଙ୍କୁ ଅକଳରେ ପକାଉଥିଲା, ସମ୍ଭବତଃ କ୍ଷମତାଧାରୀଙ୍କୁ ଏହି କଥା ପସନ୍ଦ ହୋଇନାହିଁ। କିନ୍ତୁ ତାଙ୍କ କର୍ମଚାରୀଙ୍କ ପ୍ରତି ସରକାରଙ୍କ ବ୍ୟବହାରରୁ ଜଣାପଡ଼ିଛି ଯେ, ଏହା କେତେ ବ୍ୟକ୍ତିଗତ ହୋଇଗଲାଣି।

### ପୋଡକାଷ୍ଟରେ ବାବୁ

ପୋଡକାଷ୍ଟରେ ଏବେ ବାବୁମାନେ ଦେଖିବାକୁ ମିଳିଲେଣି। ଏଥିରେ ପୋଲିସ ଅଧିକାରୀ ଏବଂ ବାବୁମାନେ ସେମାନଙ୍କ କାହାଣୀକୁ ଶେୟାର କରୁଛନ୍ତି, ଯାହା ଗୋଟିଏ ସମୟରେ କେବଳ କାର୍ଯ୍ୟାଳୟ ପରିସରରେ ସୀମିତ ଥିଲା। ଉତ୍ତରପ୍ରଦେଶ ପୋଲିସର ‘ବିୟଣ୍ଡ ଦି ବ୍ଲେଜ୍’ ସିରିଜରେ ୧୦୦ କୋଟି ଟଙ୍କା ବୀମା ଜାଲିଆତି ଏବଂ ୟୁପିଏସ୍‌ସି ଟପ୍ପରଙ୍କ ଆକର୍ଷଣୀୟ କାହାଣୀ ନିଜେ ପୋଲିସ ଅଧିକାରୀମାନେ କହୁଛନ୍ତି। ଏଥିରେ ସେମାନେ ୟୁନିଫର୍ମରେ ଫୋରେନ୍‌ସିକର ସମ୍ପୂର୍ଣ୍ଣ ବିବରଣୀ ସହ ଆକାଂକ୍ଷାପୂର୍ଣ୍ଣ ଯାତ୍ରା ସମ୍ପର୍କିତ କାହାଣୀ ବଖାଣୁଛନ୍ତି। ହରିୟାଣାର ଏଚ୍ଏସ୍ଏନ୍‌ସିବି ମୁଖ୍ୟ ନିକଟରେ ବିନା ଡାକ୍ତରଙ୍କ ପରାମର୍ଶରେ ନିଜେ ଔଷଧ ସେବନ କରିବାଠାରୁ ଆରମ୍ଭ କରି ଆନ୍ତଃରାଜ୍ୟ ଚୋରାକାରବାର ନେଟୱର୍କ ପର୍ଯ୍ୟନ୍ତ ମାଦକଦ୍ରବ୍ୟର ଅବୈଧ ବ୍ୟବହାର ଓ ବେପାରକୁ ରୋକିବା ଲାଗି କରାଯାଉଥିବା ଆଇନଗତ ପ୍ରୟାସ ବା ପଦକ୍ଷେପ ସମ୍ପର୍କିତ କାହାଣୀର ଏକ ସିରିଜ ଆରମ୍ଭ କରିଥିଲେ। ପୋଡକାଷ୍ଟର ଭାବେ ବାବୁମାନେ ଅପରାଧର ଅବଗଣନା ଯେତିକି କରୁଛନ୍ତି ତାହାଠାରୁ ଅଧିକ ନିଜ ଭାବମୂର୍ତ୍ତି ଗଢ଼ିବାରେ ଜୋର ଦେଉଥିବା ଦେଖାଯାଉଛି। ଭାରତର ବ୍ୟାପକ ପୋଡକାଷ୍ଟ ସଂସ୍କୃତିରେ ଏବେ ବାବୁ ପୋଡକାଷ୍ଟରମାନେ ଜାଗା ଜମାଇ ସାରିଲେଣି। ବାବୁମାନଙ୍କ ପ୍ରବେଶ ଅତ୍ୟନ୍ତ କୌତୂହଳପ୍ରଦ। ବାବୁମାନେ ପୋଡକାଷ୍ଟିଙ୍ଗ ଆରମ୍ଭ କରି ସେମାନଙ୍କ ବ୍ୟକ୍ତିତ୍ୱକୁ ମାର୍ଜିତ କରିବା କିମ୍ବା ପଦବୀର ପ୍ରଚାର କରୁଥିବାବେଳେ ତାହା ସମସ୍ତଙ୍କୁ ଚକିତ କରିଛି ଏବଂ କିଛି ସନ୍ଦେହ ସୃଷ୍ଟି କରୁଛି। ଯଦି ବାବୁମାନେ ସେମାନଙ୍କ ପ୍ରଶଂସା ଚାହୁଁଛନ୍ତି, ତେବେ ବାସ୍ତବ ପରୀକ୍ଷା କହୁଥିବା କାହାଣୀରେ ନାହିଁ ବରଂ ତାହା ପ୍ରକୃତରେ ସଚ୍ଚୋଟ କାର୍ଯ୍ୟରେ ଅଛି।

Email: dilipcherian@gmail.com

## su|do|ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 9 | | | 6 | | | | | 5 |
| | 7 | | | 3 | | 1 | | 9 |
| 4 | | | | 2 | | | | |
| | 6 | | | | 1 | | 9 | |
| | | 4 | 2 | | | | 6 | 1 |
| | | | 7 | | | | | 3 |
| 6 | | 9 | 4 | | 8 | | | |
| | | | | 1 | 6 | | | 8 |
| 8 | | | | | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 3 | 4 | 9 | 6 | 5 | 2 | 8 |
| 5 | 9 | 8 | 3 | 2 | 7 | 1 | 4 | 6 |
| 2 | 6 | 4 | 5 | 8 | 1 | 3 | 7 | 9 |
| 4 | 7 | 1 | 2 | 3 | 9 | 6 | 8 | 5 |
| 8 | 2 | 5 | 1 | 6 | 4 | 7 | 9 | 3 |
| 9 | 3 | 6 | 8 | 7 | 5 | 2 | 1 | 4 |
| 6 | 8 | 2 | 7 | 4 | 3 | 9 | 5 | 1 |
| 1 | 4 | 9 | 6 | 5 | 2 | 8 | 3 | 7 |
| 3 | 5 | 7 | 9 | 1 | 8 | 4 | 6 | 2 |

ଗତକାଲିର ଉତ୍ତର

# ଏନ୍ଏମ୍‌ସି, ନାକ୍ ଓ ଏନ୍‌ଟିଏ



ସୌଭାଗ୍ୟ ସୁନ୍ଦରରାୟ

ନିକଟରେ ଜାତୀୟ ମେଡିକାଲ କମିଶନ (ଏନ୍ଏମ୍‌ସି), କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର କିଛି ଅଧିକାରୀ ଓ କେତେକ ଘରୋଇ ମେଡିକାଲ କଲେଜ ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଦୁର୍ନୀତିଜନିତ ଏଫ୍ଆଇଆର୍ ଦାଏର କରିଛି। ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ ଉପରୋକ୍ତ ସଂସ୍ଥାର ଅଧିକାରୀଗଣ ମିଳିତ ଭାବେ ଦୁର୍ନୀତି ଉପାୟ ଅବଲମ୍ବନ କରି କିଛି ଘରୋଇ ମେଡିକାଲ କଲେଜକୁ ଅନୁକମ୍ପା ପ୍ରଦର୍ଶନ କରିଛନ୍ତି। ଭାରତୀୟ ନ୍ୟାୟ ସଂହିତାର ଧାରା ୬୧(୨) ଓ ଦୁର୍ନୀତି ନିବାରଣ ଆଇନର ଏକାଧିକ ଧାରାରେ ଏହି ମାମଲା ଦାଏର ହୋଇଛି। ଦେଶର ମେଡିକାଲ କଲେଜ ସ୍ୱୀକୃତି ବା ପୂର୍ବ ସ୍ୱୀକୃତି ନବୀକରଣ ଏନ୍ଏମ୍‌ସି ଅନୁମୋଦନରେ ହୋଇଥାଏ। ଏହାର ନାମ ପୂର୍ବରୁ ମେଡିକାଲ କାଉନ୍‌ସିଲ ଅଫ ଇଣ୍ଡିଆ ବା ଏମ୍‌ସିଆଇ ଥିଲା। ଭାରତୀୟ ଜନତା ପାର୍ଟି ସରକାର କେନ୍ଦ୍ରରେ କ୍ଷମତାସୀନ ହେବା ପରେ ଏହି ନାମ ପରିବର୍ତ୍ତନ ହୋଇଛି। ଏହା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଏକ ସ୍ୱୟଂଶାସିତ ସଂସ୍ଥା। ଦେଶର ମେଡିକାଲ କଲେଜଗୁଡ଼ିକ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମାର୍ଗଦର୍ଶିକା ଓ ବିଭିନ୍ନ ସର୍ତ୍ତାବଳୀ ପାଳନ କରୁଛନ୍ତି କି ନାହିଁ ତାହା ତଦାରଖ କରି ବାର୍ଷିକ ଭିତ୍ତିରେ କଲେଜର ସ୍ୱୀକୃତି ନବୀକରଣ, ନୂଆ କଲେଜକୁ ସ୍ୱୀକୃତି ପ୍ରଦାନ ଅଥବା ନାମଲେଖା ଆସନ ସଂଖ୍ୟା ହ୍ରାସ ପାଇଁ ଏହି ସଂସ୍ଥା ନିଷ୍ପତ୍ତି ନେଇଥାଏ। ଏଥିପାଇଁ ସଂସ୍ଥା ପକ୍ଷରୁ ନିୟୋଜିତ ଏକ ବିଶେଷଜ୍ଞ ପର୍ଯ୍ୟବେକ୍ଷକ ଦଳ ବିଭିନ୍ନ କଲେଜ ଗସ୍ତ କରି ରିପୋର୍ଟ ପ୍ରଦାନ କରିଥାନ୍ତି। ବିଶେଷଜ୍ଞ ଦଳ ସଦସ୍ୟଙ୍କ ନାମ, ପଦବୀ ଓ ତଦାରଖ ସମୟ ଏକ ଗୋପନୀୟ ବ୍ୟବସ୍ଥା। କିନ୍ତୁ ଏନ୍ଏମ୍‌ସି ଓ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର କେତେକ ଅଧିକାରୀ ଏହି ଗୋପନୀୟ ସୂଚନା ଆଗୁଆ ସମ୍ପୃକ୍ତ ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥାନ୍ତି। ଫଳରେ କଲେଜ କର୍ତ୍ତୃପକ୍ଷ ବିଭିନ୍ନ ସର୍ତ୍ତାବଳୀ ପୂରଣ ପାଇଁ ‘ଭୂତ’ ବା ଅସ୍ଥାୟୀ ବ୍ୟବସ୍ଥା ଗ୍ରହଣ କରିଥାନ୍ତି। କାରଣ ଏହି କଲେଜଗୁଡ଼ିକର ଆବଶ୍ୟକ ଭିତ୍ତିଭୂମି ନ ଥାଏ। ଏହି ବ୍ୟବସ୍ଥାରେ ପ୍ରଚୁର ମାତ୍ରାରେ ଲାଞ୍ଚ କାରବାର ହୋଇଥାଏ। ପରିଶେଷରେ କଲେଜ ସ୍ୱୀକୃତି ପାଇଥାଏ ବା ଆସନ ସଂଖ୍ୟା ନବୀକରଣ ହୋଇଥାଏ। ଏହାଦ୍ୱାରା ମେଡିକାଲ କଲେଜ ଶିକ୍ଷା ବ୍ୟବସ୍ଥାରେ ନିମ୍ନ ମାନର ଡାକ୍ତର ସୃଷ୍ଟି ହେବା ନିଶ୍ଚିତ। ଏହି ଘଟଣାରେ ୟୁଜିସିର ପୂର୍ବତନ ଅଧ୍ୟକ୍ଷ ତଥା ବର୍ତ୍ତମାନର ଟାଟା ଇନ୍‌ଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍‌ସ (ଟିସ୍)ର କୁଳପତିଙ୍କ ବିରୋଧରେ ମାମଲା ଦାଏର ହୋଇଛି। ୨୦୨୫-୨୬ ଶିକ୍ଷାବର୍ଷରେ ଏହି ଦୁର୍ନୀତିରେ ପ୍ରାୟ ୧୦୦୦ କୋଟି ଟଙ୍କା ଲାଞ୍ଚ କାରବାର ହୋଇଛି । ସିବିଆଇ ମାମଲା ପରେ ବିଭିନ୍ନ କଲେଜକୁ ସ୍ୱୀକୃତି ପ୍ରଦାନ,



ନବୀକରଣ ବା ଆସନ ସଂଖ୍ୟା ବୃଦ୍ଧି ବା ହ୍ରାସ କାର୍ଯ୍ୟ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ବର୍ତ୍ତମାନ ଏନ୍ଏମ୍‌ସିରେ କେହି ସ୍ଥାୟୀ ଅଧ୍ୟକ୍ଷ ନାହାନ୍ତି।

ଏବେ ଦେଖିବା ନାକ୍ ବିଷୟ। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଅଧୀନସ୍ଥ ଏହି ସଂସ୍ଥା ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ପାଳନ ଭିତ୍ତିରେ ଦେଶର ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନକୁ ମାନ୍ୟତା ପ୍ରଦାନ କରିଥାନ୍ତି। ସର୍ତ୍ତାବଳୀ ଅନୁପାଳନ ଭିତ୍ତିରେ କାହାକୁ ଉଚ୍ଚ ଗ୍ରେଡ୍ ତ କାହାକୁ ନିମ୍ନ ଗ୍ରେଡ୍ ପ୍ରଦାନ କରାଯାଇଥାଏ। ଏହି ଗ୍ରେଡ୍ ଭିତ୍ତିରେ ମହାବିଦ୍ୟାଳୟ ମାନ୍ୟତା ବୃଦ୍ଧି ବା ହ୍ରାସ ପାଇଥାଏ ଏବଂ ଛାତ୍ରୀଛାତ୍ର ସେହି ଅନୁଯାୟୀ ଶିକ୍ଷାନୁଷ୍ଠାନ ପସନ୍ଦ କରିଥାନ୍ତି। ନାକ୍ ମାନ୍ୟତା ପାଇଁ ମଧ୍ୟ ବିଶେଷଜ୍ଞ କମିଟି ବିଭିନ୍ନ ମହାବିଦ୍ୟାଳୟ ଗସ୍ତ କରିଥାନ୍ତି। ତେବେ ଗତ ଫେବୃୟାରୀ ମାସରେ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରଠାରେ ଥିବା ଏକ ମହାବିଦ୍ୟାଳୟକୁ ଅନୁକମ୍ପା ପ୍ରଦର୍ଶନ ପାଇଁ ଲାଞ୍ଚ ନେଇଥିବା ଅଭିଯୋଗରେ ସିବିଆଇ ଦ୍ୱାରା ୭ ଜଣ ବିଶେଷଜ୍ଞ କମିଟି ସଦସ୍ୟ ଗିରଫ ହେଲେ। ଏମାନଙ୍କ ମଧ୍ୟରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସର ପାହ୍ୟାର ସଦସ୍ୟ ମଧ୍ୟ ରହିଛନ୍ତି। ଏହି ଘଟଣା ପରେ ନାକ୍ ଏହାର ୧୨୦୦ ବିଶେଷଜ୍ଞ କମିଟି ସଦସ୍ୟଙ୍କୁ ବିଦା କରିଛି। ନୂଆ ପଦ୍ଧତିରେ ମୂଲ୍ୟାୟନ ପାଇଁ ନିଷ୍ପତ୍ତି ନେଇଛି ।

ଦେଶରେ ଉଚ୍ଚଶିକ୍ଷା, ବୈଷୟିକ ଶିକ୍ଷା ବା ବୃତ୍ତିଗତ ଶିକ୍ଷା ମାନବୃଦ୍ଧି ପାଇଁ ଗଠନ କରାଯାଇଥିବା ଉପରୋକ୍ତ ସଂସ୍ଥାର ବିଶେଷଜ୍ଞ ସଦସ୍ୟ ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନ ଦ୍ୱାରା ପ୍ରଲୋଭିତ ହୋଇ ଯେଉଁ ରିପୋର୍ଟ ପ୍ରଦାନ କରୁଛନ୍ତି ତାହା ଦେଶର ଭବିଷ୍ୟତକୁ ତଳିତଳାନ୍ତ କରୁଛି। ମାନ୍ୟତା କମିଟିରେ ଉଚ୍ଚଶିକ୍ଷିତ ବ୍ୟକ୍ତିବିଶେଷ ସାମିଲ ଥାଇ ଓ ଅତୀତରେ ମୋଟା ଅଙ୍କର ସରକାରୀ ଦରମା ନେଇ ବିଶେଷଜ୍ଞ ପଦବୀକୁ ଉନ୍ନୀତ ହୋଇଥିବା ସତ୍ତ୍ୱେ ଲୋଭର ମୋହ ସମ୍ବରଣ କରିପାରୁ ନାହାନ୍ତି। ଏହି ବ୍ୟକ୍ତିବିଶେଷ ଦେଶପ୍ରେମୀ ନା ଦେଶଦ୍ରୋହୀ ଭାବେ ବିବେଚିତ ହେବେ ? ଏହା ପଛରେ ରାଜନୈତିକ ପୃଷ୍ଠପୋଷକତା ରହିଥିବା ମଧ୍ୟ ଅନୁମେୟ।

ଏବେ ଦେଖିବା ଦେଶର ବୈଷୟିକ ଓ ବୃତ୍ତିଗତ ଶିକ୍ଷାନୁଷ୍ଠାନରେ ନାମଲେଖା ଦୁର୍ନୀତି। ଅତୀତରେ ସ୍ନାତକ ମେଡିକାଲ ଇଞ୍ଜିନିୟରିଂ ଶିକ୍ଷା ପାଇଁ ପ୍ରତିଯୋଗିତାମୂଳକ ପରୀକ୍ଷା ପରିଚାଳନା କରୁଥିଲା ସିବିଏସ୍‌ସି । ଭାଜପା ସରକାର ଆସିବା ପରେ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସୀ (ଏନ୍‌ଟିଏ) ନାମରେ ଏକ ନୂଆ ସଂସ୍ଥା ଗଠନ କରି ଉଭୟ ପରୀକ୍ଷା ଦାୟିତ୍ୱ ଏହି ସଂସ୍ଥା ଉପରେ ନ୍ୟସ୍ତ କଲେ। କୁହାଗଲା ନୂଆ ଢାଞ୍ଚା ତଥା ସ୍ୱଚ୍ଛ ପଦ୍ଧତିରେ ଏହି ସଂସ୍ଥା ପରୀକ୍ଷା ପରିଚାଳନା କରିବ। ଦେଖାଗଲା ଯେ, ୨୦୨୪ ମସିହାରେ ନିଟ୍-ୟୁଜି ପ୍ରଶ୍ନପତ୍ର ପ୍ରଘଟ ହେଲା। ଦେଶବ୍ୟାପୀ ଏନ୍‌ଟିଏ ନିନ୍ଦିତ ହେଲା। ଏହି ଘଟଣାରେ ସିବିଆଇ ୪୦ ଜଣଙ୍କ ନାମରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଛି। ୨୦୨୪ ଶିକ୍ଷାବର୍ଷରେ ୨୪ ଲକ୍ଷ ବିଦ୍ୟାର୍ଥୀ ନିଟ୍-ୟୁଜି ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୩.୫ ଲକ୍ଷ ପରୀକ୍ଷାର୍ଥୀ ଅଧିକ ନମ୍ବର ରଖିଥିବା ଜଣାପଡ଼ିଲା। ଫଳରେ ପରୀକ୍ଷା ବାତିଲ କରି ପୁନଃପରୀକ୍ଷା ପାଇଁ ଦାବି ଉଠିଲା। ମାମଲା ଶୀର୍ଷ ଅଦାଲତକୁ ଗଲା। କେତେକ କେନ୍ଦ୍ରରେ ପୁନଃ ପରୀକ୍ଷା କରାଗଲା। ସେହିବର୍ଷ ୟୁଜିସି-ନେଟ୍ ପରୀକ୍ଷା ପ୍ରଶ୍ନପତ୍ର ମଧ୍ୟ ପ୍ରଘଟ ହେଲା। ଫଳରେ ପରୀକ୍ଷା ବାତିଲ କରାଗଲା। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଏନ୍‌ଟିଏ ନିର୍ଦ୍ଦେଶକ ସୁବୋଧ କୁମାର ସିଂହଙ୍କୁ ପଦବୀରୁ ହଟାଇବାକୁ ସରକାର ବାଧ୍ୟ ହେଲେ। ଏନ୍‌ଟିଏ କାର୍ଯ୍ୟଧାରା ଅନୁଧ୍ୟାନ କରି ଆବଶ୍ୟକ ସଂସ୍କାର ସୁପାରିସ କରିବାକୁ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଡକ୍ଟର କେ. ରାଧାକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ ୭ ଜଣିଆ କମିଟି ଗଠନ କରାଗଲା। ଏବେ ଏକ କେନ୍ଦ୍ରୀଭୂତ ଭାରତୀୟ ଉଚ୍ଚ ଶିକ୍ଷା କମିଶନ (ଏଚ୍ଇସିଆଇ) ଗଠନ କରିବାକୁ ଯାଉଛନ୍ତି।

ଦେଖାଯାଉଛି ନାକ୍ ଓ ଏନ୍ଏମ୍‌ସି ବିଶେଷଜ୍ଞ ମନୋନୟନ ରାଜନୈତିକ ଦୃଷ୍ଟିକୋଣରୁ ହେଉଛି। ଏଥିପାଇଁ ଲାଞ୍ଚ କାରବାର ମଧ୍ୟ ହେଉଛି। ଫଳରେ ଏହି ବିଶେଷଜ୍ଞମାନେ ପରବର୍ତ୍ତୀ ସମୟରେ ଦୁର୍ନୀତି ଉପାୟ ଅବଲମ୍ବନ କରି ନିକୃଷ୍ଟ ଶିକ୍ଷାନୁଷ୍ଠାନକୁ ଉତ୍କୃଷ୍ଟ ଶିକ୍ଷାନୁଷ୍ଠାନର ମାନ୍ୟତା ଦେଇ ବିପୁଳ ଅର୍ଥ ରୋଜଗାର କରୁଛନ୍ତି। ଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନ ଆଇଆଇଟି, ଆଇଆଇଏମ୍ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାନୁଷ୍ଠାନ ନାକ୍ ମାନ୍ୟତାକୁ ଗ୍ରହଣ କରିନାହାନ୍ତି। ଏହାଦ୍ୱାରା କ’ଣ ସଂପୃକ୍ତ ଶିକ୍ଷାନୁଷ୍ଠାନ ମାନରେ ଅବନ୍ନତି ଘଟିଯାଇଛି ? ଏଣୁ ନାକ୍ ମାନ୍ୟତା ସଂପ୍ରତି ପ୍ରହସନରେ ପରିଣତ ହୋଇଛି। ନାକ୍ ଓ ଏନ୍ଏମ୍‌ସି ସ୍ୱୀକୃତି ଆଳରେ ଯେଉଁ ଦୁର୍ନୀତି ହେଉଛି ତାହାର ନିରାକରଣ ପାଇଁ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଆବଶ୍ୟକ। ସେହିପରି ସମସ୍ତ ପରୀକ୍ଷାକୁ ଏକକ ପରିଚାଳନା କରିବାକୁ ଯେଉଁ ପଦକ୍ଷେପ ନିଆଯାଇଛି ତାହା ବିଫଳ ହୋଇଥିବା ଏନ୍‌ଟିଏ ଅବ୍ୟବସ୍ଥାରୁ ଜଣାପଡ଼ିଛି। ଯେତେଦିନ ପର୍ଯ୍ୟନ୍ତ ପ୍ରତିଯୋଗିତା ପରୀକ୍ଷା ବିକେନ୍ଦ୍ରୀକୃତ ଥିଲା ସେଥିରେ ଅନିୟମିତତା କମ୍ ରହିଥିଲା। କେନ୍ଦ୍ରୀଭୂତ ବ୍ୟବସ୍ଥାରେ ଅସ୍ୱଚ୍ଛତା ବୃଦ୍ଧି ପାଇଛି। ଏନ୍‌ଟିଏର ଆବଶ୍ୟକ ଭିତ୍ତିଭୂମି ନାହିଁ। ପରୀକ୍ଷା ପରିଚାଳନା ବ୍ୟବସ୍ଥାକୁ ସଂସ୍ଥା ଆଉଟସୋର୍ସିଂ କରୁଛି। ସଂପୃକ୍ତ ସଂସ୍ଥାର ମଧ୍ୟ ପ୍ରଯୁକ୍ତି ଭିତ୍ତିଭୂମି ନାହିଁ। ଫଳରେ ଗୋପନୀୟତା ପ୍ରସଙ୍ଗରେ ଏହା ନିୟନ୍ତ୍ରଣ ହରାଉଛି। ଏଣୁ ସମସ୍ତ ପରୀକ୍ଷା ଏନ୍‌ଟିଏ ଦ୍ୱାରା ପରିଚାଳନା କରା ନ ଯାଇ ଏହାର ବିକେନ୍ଦ୍ରୀକରଣ କରାଯିବା ଆବଶ୍ୟକ।

ମୋ: ୯୪୩୭୨୨୯୨୩୩

# ମାଟିର ବଇରୀ ମଣିଷ



ଡ. କମଳାକାନ୍ତ ଜେନା

ପୃଥିବୀରେ ବଞ୍ଚିବା ଲାଗି ମଣିଷ ପାଇଁ ପାଣି ଓ ବାୟୁ ଯେମିତି ଜରୁରୀ, ମାଟି ବି ସେମିତି ଜରୁରୀ। କିନ୍ତୁ ମଣିଷ ହିଁ ମାଟିର ବଇରୀ ଭଳି କାମ କରିଚାଲିଛି। ଯେଉଁ ମାଟି ମଣିଷକୁ ବଞ୍ଚେଇ ରଖିଛି, ଆଜି ମଣିଷର ଅସ୍ୱାସ୍ଥ୍ୟକର ଓ ଅବିବେକୀ ବ୍ୟବହାର ସେହି ମାଟିର କ୍ଷୟ ଓ ପ୍ରଦୂଷଣକୁ ବହୁଗୁଣିତ କରିଚାଲିଛି। ଏକଥା ସତ, ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ମାଟି ଖରାପ ହୁଏ। କିନ୍ତୁ କିଛିଦିନ ଭିତରେ ପ୍ରକୃତି ସେହି ଖରାପ ମାଟିକୁ ଭଲ ମାଟିରେ ବଦଳାଇ ଦିଏ। ହେଲେ ମଣିଷର ଅବିବେକୀ କାର୍ଯ୍ୟକଳାପ ଦ୍ୱାରା ମାଟି ଥରେ ଖରାପ ହେଲା ପରେ ପ୍ରକୃତି ଦ୍ୱାରା ତାହା ସହଜରେ ଭଲ ମାଟିରେ ପରିଣତ ହୋଇପାରେ ନାହିଁ।

ମାଟିକୁ ମାଆର ସମ୍ମାନ ଦିଆଯାଏ। କାହିଁକି ନା, ମଣିଷ ମାଆ କୋଳରେ ସିନା ଜନ୍ମ ନିଏ, କିନ୍ତୁ ଖେଳେ ମାଟି ଉପରେ ଓ ବଡ଼ ହୁଏ ମାଟିର କୋଳରେ। ମାଟି ହେଉଛି ମଣିଷ ଜୀବନର ପୃଷ୍ଠଭୂମି। ସେଥିପାଇଁ ମାଟିର ଯେ କୌଣସି ପ୍ରକାରର ପରିବର୍ତ୍ତନ ମାନବ ଜାତିକୁ ପ୍ରଭାବିତ କରିବ। ମାଟି ପ୍ରଦୂଷିତ ହେଲେ ମାନବ ଜାତିର ଅଗ୍ରଗତି ବାଧାପ୍ରାପ୍ତ ହେବ। ଆମେ ଯେଉଁ ମାଟି ଦେଖୁ, ତାହା ଆଜି କି ଗତକାଲି ତିଆରି ହୋଇନାହିଁ। ଆଞ୍ଜୁଳାଏ ମାଟି ତିଆରି ହେବାପାଇଁ ଶହ ଶହ ବର୍ଷ ଲାଗିଛି। ଦୁଃଖର କଥା, ଆଜି ମାଟି ଅଛି, କିନ୍ତୁ ମଣିଷର ଅବିବେକୀ କାର୍ଯ୍ୟକଳାପ ହେତୁ ତାହାର ମାଟିତ୍ୱ ନାହିଁ। ମାଟିରେ ଅତିମାତ୍ରାରେ ବିଷାକ୍ତ ରାସାୟନିକ ଯୌଗିକ, ଲବଣ, ରୋଗ ସୃଷ୍ଟିକାରୀ ଅଣୁଜୀବ ଓ ତେଜସ୍କ୍ରିୟ ଉପାଦାନମାନ ରହି ତାକୁ ପ୍ରଦୂଷିତ କରିଛି। ମାଟିରେ ଅଧିକ ପରିମାଣରେ କାଗଜ, ଟିଣ, ପାଉଁଶ, ଧାତୁ, ପ୍ଲାଷ୍ଟିକ୍, ଯନ୍ତ୍ରାଂଶ, ସିରାମିକ୍, କାଚ, ପଲିଥିନ୍, ବିଷ୍ଠା, ସିମେଣ୍ଟ, ଇଟା, ସାର, କୀଟନାଶକ, କାଠ ଇତ୍ୟାଦି ପଦାର୍ଥ ରହିବା ଫଳରେ ତାହା ଆଉ ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ। କଳକାରଖାନା, କୃଷିକାର୍ଯ୍ୟ, ଘରୋଇ ଆବର୍ଜନାରୁ ବାହାରୁଥିବା ବର୍ଜ୍ୟବସ୍ତୁ ମାଟିକୁ ନଷ୍ଟ କରୁଛି। ପ୍ଲାଷ୍ଟିକ୍ ଉପକରଣ ତିଆରି କଳକାରଖାନା ଓ ବୟନ ଶିଳ୍ପରୁ ବାହାରୁଥିବା ପ୍ଲାଷ୍ଟିକ୍ ଖଣ୍ଡ, ପଲିଥିନ୍, ରଙ୍ଗ, ତୁଳାଗୁଣ୍ଡ ଓ ବିଭିନ୍ନ ରାସାୟନିକ ଦ୍ରବ୍ୟ ମାଟିରେ ମିଶି ମାଟିକୁ ଅମାଟି କରିଦେଉଛି। ଅଠା ଓ ରଙ୍ଗ ପ୍ରସ୍ତୁତକାରୀ କାରଖାନାରୁ ବାହାରୁଥିବା ଫେନଲ୍, ଫର୍ମାଲଡିହାଇଡ୍ ଓ ଅନ୍ୟାନ୍ୟ ରାସାୟନିକ ପଦାର୍ଥ ମାଟିକୁ ବ୍ୟବହାର ଅନୁପଯୋଗୀ କରି ଦେଉଛି। ତାପଜ ବିଦ୍ୟୁତ୍ କେନ୍ଦ୍ର ଓ ଇସ୍ପାତ କାରଖାନାରୁ ବାହାରୁଥିବା ତରଳ ଓ କଠିନ ବର୍ଜ୍ୟବସ୍ତୁ ମାଟିର ଗୁଣକୁ ନଷ୍ଟ କରୁଛି। ଖାଲି ସହର ମଣିଷ ନୁହେଁ, ଗାଆଁର ମଣିଷ ବି ଚାଷ କାମ ଛାଡ଼ିଲା ପରେ ମାଟିର ମମତାକୁ ପାସୋରି ଦେଇଛି।

ପଚାଶ ବର୍ଷ ତଳେ ଗାଆଁର ମାଟି ଓ ଗାଆଁ ମୁଣ୍ଡରେ କ୍ଷେତ ଠିକ୍ ଥିଲା। ଜମି ଚାଷ ହେଉଥିଲା।



ଜମି ଥିଲା ଜୀବିକା। ତେଣୁ ମଣିଷ ମାଟିକୁ ପୂଜା କରୁଥିଲା। ମାଟିକୁ ପୂଜା କରିବା ଲାଗି ଆମ ସଂସ୍କୃତିରେ ଅନେକ ପର୍ବପର୍ବାଣି ରହିଥିଲା। ଏବେ ସମସ୍ତେ ସହରମୁହାଁ। ଯିଏ ବି ଗାଆଁରେ ରହୁଛି, ସେ ଆଉ ଚାଷ କରୁନି। ସେ କାହିଁକି ମାଟିକୁ ପୂଜା କରିବ ? ସେ କାହିଁକି ମାଟିକୁ ସମ୍ମାନ ଦେବ ? ପଚାଶ ବର୍ଷ ତଳେ ଆମର ଜେଜେ ଜେଜେମା’ ନାନା ପ୍ରକାର ଉଦ୍ଭିଦର ଔଷଧୀୟ ଗୁଣ ବିଷୟରେ ଜାଣିଥିଲେ। ସେହି ଉଦ୍ଭିଦର ଚେର, ମୂଳ, ପତ୍ର, ଫୁଲ ଓ ଫଳକୁ ଖାଇ ନୀରୋଗ ରହୁଥିଲେ। କିନ୍ତୁ ଆଜି ସେହି ଗଛଲତା ଆଉ ଦେଖିବାକୁ ମିଳୁନାହିଁ। ମାଟି ଖରାପ ହେଲା ପରେ ସେସବୁ ଗଛଲତା ଲୋପ ପାଇଗଲା। ମୁଁ ଯାହା ଶୁଣିଛି, ଆଗରୁ କାମ କରୁ କରୁ ଗୋଡ଼ହାତ ଖଣ୍ଡିଆ ହେଲେ ଲୋକ କ୍ଷତସ୍ଥାନରେ ମଲମ ବଦଳରେ ମାଟି ଲଗେଇ ଦେଉଥିଲେ। ଆମକୁ କଥାଟା ଆଶ୍ଚର୍ଯ୍ୟ ଲାଗିପାରେ, କିନ୍ତୁ ମାଟି ଲଗେଇ ଦେଲେ କ୍ଷତ ଶୁଖିଯାଉଥିଲା। ସେତେବେଳର ମାଟିରେ ବୋଧହୁଏ ଔଷଧୀୟ ଗୁଣ ଥିଲା। ହେଲେ ଆଜି ସେହି ମାଟି ବିଷ ହୋଇଯାଇଛି। ସେହି ବିଷାକ୍ତ ପ୍ରଦୂଷିତ ମାଟିକୁ କ୍ଷତ ସ୍ଥାନରେ ଲଗେଇବାର ପ୍ରଶ୍ନ ଉଠୁନି। ଗତକାଲିର ଶୁଦ୍ଧ ମାଟିକୁ ମଣିଷ ହିଁ ଅଶୁଦ୍ଧ କରିଦେଇଛି। ମାଟିରେ ରାସାୟନିକ ସାର ଓ କୀଟନାଶକର ଉପସ୍ଥିତି ମଣିଷ ପାଇଁ ବିପଜ୍ଜନକ ପ୍ରମାଣିତ ହେଉଛି।

ମଣିଷର କାର୍ଯ୍ୟକଳାପ ପାଇଁ ଯେଉଁ ବିଷାକ୍ତ ଉପାଦାନ ମାଟିରେ ମିଶୁଛି, ତାହା ମାଟିରୁ ଗଛଲତା ଭିତରକୁ ପ୍ରବେଶ କରି ଶେଷରେ ମଣିଷ ଶରୀରକୁ ଯାଉଛି। ତେଣୁ ମଣିଷ ବିଭିନ୍ନ ଜଣାଅଜଣା ରୋଗର ଶିକାର ହେଉଛି। ତେଣୁ ମାଟିର ଶୁଦ୍ଧତା ଦିଗରେ ପଦକ୍ଷେପ ନେବା ଜରୁରୀ। ବିଭିନ୍ନ କିସମର ବର୍ଜ୍ୟବସ୍ତୁ ଦ୍ୱାରା ମାଟି ଖରାପ ହୁଏ। ଯେଉଁ ନିର୍ମାଣ କୌଶଳରେ କମ୍ ବର୍ଜ୍ୟବସ୍ତୁ ବାହାରିବ ଓ ମାରାତ୍ମକ ବର୍ଜ୍ୟବସ୍ତୁ ବାହାରିବ ନାହିଁ, ସେହି କୌଶଳକୁ ସ୍ୱାଗତ କରାଯାଉ। ବିପଦ ସୃଷ୍ଟିକାରୀ ଓ ବିଘଟିତ ହେଉ ନ ଥିବା ବର୍ଜ୍ୟବସ୍ତୁକୁ କମ୍ କରିବା ପାଇଁ ଉନ୍ନତ ବ୍ୟବସ୍ଥା ହେଉ। ବ୍ୟବହୃତ ଜିନିଷକୁ ଆଉ ଥରେ କଞ୍ଚାମାଲ୍ ରୂପରେ ବ୍ୟବହାର କରାଯାଇପାରିବ। ଅଦରକାରୀ ବର୍ଜ୍ୟବସ୍ତୁକୁ ଏଣେ ତେଣେ ଖୋଲାରେ ନ ପକେଇ ମାଟି ତଳେ ପୋତି ସେଥିରୁ ଦରକାରୀ କମ୍ପୋଷ୍ଟ ପ୍ରସ୍ତୁତ କରି ହେବ। ଜୀବଜନ୍ତୁ ଓ ମଣିଷଠାରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ଏକତ୍ରିତ କରି ବାୟୋଗ୍ୟାସ୍ ମିଳିପାରିବ। ପାଉଁଶକୁ କୃଷିକ୍ଷେତ୍ରରେ ପ୍ରୟୋଗ କରିବା ଉଚିତ। ତାପଜବିଦ୍ୟୁତ୍ କେନ୍ଦ୍ରରୁ ବାହାରୁଥିବା ପାଉଁଶରେ ଇଟା ତିଆରି କରିହେବ। କମ୍ ବର୍ଜ୍ୟବସ୍ତୁ ବାହାରୁଥିବା କଞ୍ଚାମାଲ୍ କାରଖାନାରେ ବ୍ୟବହାର କରାଯିବ। ମାଟିକୁ ସୁସ୍ଥ ରଖିବା ସକାଶେ କଡ଼ା ଆଇନ ରହିବ। ଏମିତି କିଛି ପଦକ୍ଷେପ ନେଲେ ମାଟିର ଦୁଃଖ କିଛି ମାତ୍ରାରେ ଲାଘବ ହେବ।

ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ, ଭଦ୍ରକ
ସ୍ୱୟଂଶାସିତ ସରକାରୀ କଲେଜ, ଭଦ୍ରକ
ମୋ:୯୪୩୯୫୦୧୬୫୧

## ଏଇ ଭାରତରେ

ଡ. କ୍ରାନ୍ତି ମିଶ୍ରା ନିଜର ସବୁକିଛି ଦାନ କରି ଅନ୍ୟମାନଙ୍କ ଆଶାବାଡ଼ି ସାଜିଛନ୍ତି। କର୍ତ୍ତବ୍ୟ ଭିତରୁ ସମୟ ବାହାର କରି ସେ ସମାଜସେବାରେ ନିଜ ଜୀବନକୁ ସମର୍ପିତ କରି ଦେଇଛନ୍ତି। ସେ ମଧ୍ୟପ୍ରଦେଶ ସତନା ଜିଲାରେ ଥିବା ଶହୀଦ ପଦମଧର ସିଂହ କଲେଜର ହିନ୍ଦୀ ପ୍ରଫେସର ଭାବେ କାମ କରନ୍ତି। ଚାକିରିକାଳର ସମସ୍ତ ରୋଜଗାରରେ ସେ ଗରିବ ଝିଅମାନଙ୍କୁ ମାଗଣାରେ ପାଠ ପଢ଼ାଉଛନ୍ତି । କେବଳ ଏତିକି ନୁହେଁ ସେମାନଙ୍କୁ ନିଜ ଖର୍ଚ୍ଚରେ ମଧ୍ୟ ବିବାହ କରାଉଛନ୍ତି। ଏବେ ସୁଦ୍ଧା ୪୦ ଜଣ ଗରିବ କନ୍ୟାଙ୍କ ବିବାହ କରିସାରିଲେଣି। ୬୦ରୁ ଅଧିକ ଛାତ୍ରଙ୍କ ପାଠପଢ଼ା ଖର୍ଚ୍ଚ ବହନ କରି ସେମାନଙ୍କୁ ଆତ୍ମନିର୍ଭର କରିଛନ୍ତି। ଏହା ବ୍ୟତୀତ ସହ ସ୍ୱଚ୍ଛତା ଅଭିଯାନ, ନିଶାମୁକ୍ତି ଆନ୍ଦୋଳନ, ମହିଳା ସାକ୍ଷରତା ତଥା ଗମନାଗମନ ସୁବିଧା ଆଦି ପାଇଁ ମଧ୍ୟ ଡ. ମିଶ୍ରା ବିଭିନ୍ନ ସଂସ୍ଥା ମାଧ୍ୟମରେ କାମ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨ ଅଗଷ୍ଟ ୧୯୭୬

- ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ଦୁର୍ନୀତି ନିରୋଧ ଲାଗି ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏକ ନୂତନ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ନିଷ୍ପତ୍ତି କରିଥିବାର ଜଣାପଡ଼ିଛି।
- ଢେଙ୍କାନାଳ ଜିଲାର ସଦର ମହକୁମାଠାରେ ୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ।
- କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଡଃ ଶଙ୍କର ଦୟାଲ ଶର୍ମା ରାୟପୁରଠାରେ ୨ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ମାଇକ୍ରୋୱେଭ ଟାୱାର ତିଆରି କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

## ଚିରନ୍ତନୀ

ବାଲୁକାଚରେ ଚକ୍ରବାକ
ଚରଇ ମହାନଦେ
ଗୋଧୂଳି ପଥ ଅରୁଣ ଆହେ
ଚରଣ ତବ ବନ୍ଦେ
ମୋଚନ କର ବିରହ-ଶାପ
ବନ୍ଧନ ହେ ବନ୍ଧନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ !
-(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦୁର୍ନୀତିଗ୍ରସ୍ତଙ୍କ ସମ୍ପତ୍ତି ବାଜ୍ୟାପ୍ତ ହେଉ

ମହାଶୟ,

ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ। ଜଗନ୍ନାଥ ଦେଶ ଭାବେ ଏହାର ଖ୍ୟାତି ରହିଛି। ହେଲେ ରାଜ୍ୟରେ ଅନେକ ଦୁର୍ନୀତିଗ୍ରସ୍ତ କିରାଣି, ଅମିନ, ପୋଲିସ, ଅଫିସର ଏବଂ ଇଞ୍ଜିନିୟର ପ୍ରତିଦିନ ଭିଜିଲାନ୍ସ, ଇଡି ଓ ସିବିଆଇ ଦ୍ୱାରା ଧରା ହେଉଛନ୍ତି ; ଯେଉଁମାନେ କି କୋଟି କୋଟି ଟଙ୍କାର ମାଲିକ। ଚାକିରି ଜୀବନରେ ସେମାନେ ଯେତିକି ଅର୍ଥ ରୋଜଗାର କରିଥାନ୍ତି ତାହାଠାରୁ ଅନେକ ହଜାର ଗୁଣ ସମ୍ପତ୍ତି କେମିତି ଠୁଳ କଲେ ବୁଝି ହୁଏ ନାହିଁ। ସରକାରଙ୍କ ଗେଜେଟେଡ୍ ପାହ୍ୟା ଏମାନଙ୍କୁ ମିଳିଥାଏ। ଧରାପଡ଼ିବା ପରେ ଏମାନେ ମୁହଁକୁ ଘୋଡ଼ାଇ ଯେମିତି ଯାଉଛନ୍ତି ଆମକୁ ଲଜ୍ଜା ଲାଗୁଛି। କାରଣ ସେମାନଙ୍କୁ ଦେଖି ଆମେ ନମସ୍କାର କରୁଥିଲୁ ତାଙ୍କର ପଦ ପଦବୀ ଲାଗି। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଚାକିରିରୁ ବହିଷ୍କାର କରାଯାଉ ଏବଂ ସମ୍ପତ୍ତି ବାଜ୍ୟାପ୍ତି ହେଉ।

-ଅକ୍ଷୟ ମହାନ୍ତି, କଳିଙ୍ଗ ନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବୃଦ୍ଧ ମୃତ: ରାସ୍ତା ଅବରୋଧ





ଦେଓଗାଁ ବ୍ଲକ ଖଗସିକନା ଗାଁରେ ଗ୍ରାମବାସୀ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି(ବାମ), ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ବିଦ୍ୟୁତ ଖୁଣ୍ଟ ।।

ଦେଓଗାଁ,୧।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

**ଖଗସିକନାରେ ତାର ଛିଡ଼ି ପଡିଲା**

ଶୁକ୍ରବାର ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ତୁଷୁରା ଥାନା ଅନ୍ତର୍ଗତ ଖଗସିକନା ଗାଁରେ ବିଦ୍ୟୁତ୍ ତାର ହଠାତ୍ ଛିଡି ପଡିବାରୁ ଏହା ସଂସ୍ପର୍ଶରେ ଆସି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗାଁର ବ୍ରଜବନ୍ଧୁ ପ୍ରଧାନ(୭୨)। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ଉତ୍ତ୍ୟକ୍ତ ହୋଇ ମୃତଦେହ ରଖି ଖଗସିକନା-ଅର୍ଜୁନପୁର ରାସ୍ତା ୩ ଘଣ୍ଟା ଧରି ଅବରୋଧ କରିଥିଲେ। ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା।

ପ୍ରକାଶ ଯେ, ସକାଳ ପ୍ରାୟ ୭ଟା ସମୟରେ ଗାଁ ଛକଠାରେ ଥିବା ନଳକୂପ ନିକଟକୁ ବ୍ରଜବନ୍ଧୁ ଦାନ୍ତ ଘସିବା ପାଇଁ ଯାଇଥିବା ବେଳେ ଉପରେ ଯାଇଥିବା ବିଦ୍ୟୁତ୍ ତାର ହଠାତ୍ ଛିଡି ତଳେ ପଡି ଯାଇଥିଲା । ଏହି ସମୟରେ ଝିପି ଝିପି ବର୍ଷା ହେଉଥିବା ବେଳେ ନଳକୂପ ଚାରିପଟେ ପାଣି ଜମି ରହିଥିଲା । ଫଳରେ ବୃଦ୍ଧ ଜଣକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଉକ୍ତ ଗାଁରେ ଦୀର୍ଘଦିନ ହେଲା ବିଦ୍ୟୁତ ତାର ଓ ଖୁଣ୍ଟଗୁଡିକ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି । ଏ ନେଇ ଗ୍ରାମବାସୀ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବିଦ୍ୟୁତ୍ ଆଘାତରେ ବୃଦ୍ଧଙ୍କ ମୃତ୍ୟୁ ଘଟିବା ଜଣାପଡିବା ପରେ ପ୍ରବଳ ଉତ୍ତେଜନା ଦେଖା ଦେଇଥିଲା । ଗ୍ରାମବାସୀ ମୃତଦେହ ରଖି ରାସ୍ତା ଅବରୋଧ କରିବା ଖବର ପାଇ ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀ ତଥା ତୁଷୁରା ଥାନାଧିକାରୀ ସଞ୍ଜୀବ ପଧାନ ଘଟଣାସ୍ଥଳକୁ ଆସି ଆନ୍ଦୋଳନକାରୀ ତଥା ବ୍ଲକ ଉପାଧକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ଦାଶଙ୍କ ସହ ଆଲୋଚନା କରିଥିଲେ । ପରେ ସରକାରୀ ନିୟମାନୁସାରେ କ୍ଷତିପୂରଣ ପ୍ରଦାନ କରିବା ଓ ଅଗଷ୍ଟ ଶେଷ ସୁଦ୍ଧା ଗାଁର ପୋଖରୀ ଉପର ଦେଇ ଯାଇଥିବା ୧୧କେଭି ବିଦ୍ୟୁତ ତାରକୁ ସ୍ଥାନାନ୍ତର କରିବା ସହ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋରୁ ଗ୍ରାମବାସୀ ଓହରି ଯାଇଥିଲେ । ଏନେଇ ତୁଷୁରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

# ଖଲିଆପାଲିରୁ ନିଖୋଜ ନାବାଳିକା ତାମିଲନାଡୁରୁ ଉଦ୍ଧାର

ଦେଓଗାଁ,୧।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅନ୍ତର୍ଗତ ଖଲିଆପାଲି ଗାଁରୁ ନିଖୋଜ ଥିବା ନାବାଳିକାଙ୍କୁ ୧ ମାସ ପରେ ସ୍ଥାନୀୟ ପୋଲିସ ତାମିଲନାଡୁର ତିରପୁରରୁ ଉଦ୍ଧାର କରିଛି । ପ୍ରକାଶ ଯେ, ନାବାଳିକା ଜଣକ ଗତ ଜୁନ ମାସ ୨୩ ତାରିଖରେ ଘରୁ କୁଆଡେ ଚାଲି ଯାଇଥିଲେ । ବିଭିନ୍ନ ସ୍ଥାନ ଖୋଜାଖୋଜି କରି ତାଙ୍କର ପତ୍ତା ମିଳି ନ ଥିଲା । ପରେ ପରିବାର ଲୋକେ ନାବାଳିକାଙ୍କୁ ଗାଁର ଜଣେ ଯୁବକ ନେଇ ଯାଇଥିବା ଜାଣି ବନ୍ଧପଡା ଫାଣ୍ଡିରେ ଲିଖିତ ଭାବେ ଅଭିଯୋଗ କରିଥିଲେ । ଦେଓଗାଁ ଥାନାଧିକାରୀ ବୁଲୁ ମୁଣ୍ଡା ଏନେଇ ତଦନ୍ତ ଆରମ୍ଭ କରିଥିଲେ । ସମ୍ପୃକ୍ତ ନାବାଳିକା ତିରପୁରସ୍ଥିତ ଏକ ହଷ୍ଟେଲରେ କାମ କରୁଥିବା ଖବର ପାଇ ଏସ୍ଆଇ ଦିପକ ଢୁଙ୍ଗଢୁଙ୍ଗ ଓ ଏଏସଆଇ ରଶ୍ମିତା ସାହୁଙ୍କୁ ନେଇ ଗଠିତ ଟିମ୍ ସେଠାକୁ ଯାଇ ତାଙ୍କୁ ଉଦ୍ଧାର କରି ଶୁକ୍ରବାର ଦେଓଗାଁ ଥାନାକୁ ଆଣିଥିବା ସୂଚନା ମିଳିଛି।

# ଖପ୍ରାଖୋଲ ବ୍ଲକ: ୫୯ ବିଦ୍ୟାଳୟର ଭିତ୍ତିଭୂମି ଦୁର୍ବଳ

ଲାଠୋର,୧।୮ (ଭୁବନେଶ୍ୱର ବାରିକ)

**ଦାବିପତ୍ର ଦେବାକୁ ସଜବାଜ**

ସରକାର ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ହେଲେ ବିଭାଗୀୟ ପରିଚାଳନାଗତ ତ୍ରୁଟି ଯୋଗୁ ବର୍ତ୍ତମାନ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଅଞ୍ଚଳ ସମେତ ବ୍ଲକର ୫୯ ଗୋଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଭତ୍ତିଭୂମି ଦୁର୍ବଳ ହୋଇ ପଡ଼ିଛି। ସଂପୃକ୍ତ ବିଦ୍ୟାଳୟଗୁଡ଼ିକରେ ବିଶେଷ କରି ଶ୍ରେଣୀ ଗୃହଗୁଡ଼ିକ ଦୁର୍ବଳ ଅବସ୍ଥାରେ ରହିଛି। ସାମାନ୍ୟ ବର୍ଷା ହେବା ମାତ୍ରେ ଶ୍ରେଣୀ ଗୃହ ଛାତଗୁଡିକରୁ ପାଣି ଝରି ଛାତର ରଡ଼ଗୁଡ଼ିକ ଦେଖାଯାଉଛି। କେତେବେଳେ କେଉଁ ବିଦ୍ୟାଳୟରେ କ'ଣ ଅଘଟଣ ଘଟିବ କହିବା ମୁସ୍କିଲ। ଲାଠୋର ଅଞ୍ଚଳର ସାନଗୁର୍ଜିଭଟା ବିଦ୍ୟାଳୟ ଛାତରୁ ପାଣି ଝରୁଥିବା ଯୋଗୁ ପଲିଥିନ ଢାଙ୍କି ପିଲାମାନଙ୍କୁ ପାଠ ପଢା ଯାଉଥିଲା। ଏହି ଘଟଣାକୁ ନେଇ କେବଳ ଧରିତ୍ରୀରେ 'ପଲିଥିନ ଢଙ୍କା ଛାତ ତଳେ ପିଲାଙ୍କ ଭବିଷ୍ୟତ' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ଉକ୍ତ ବିଦ୍ୟାଳୟ କୁ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିବେକାନନ୍ଦ ଷଡ଼ଙ୍ଗୀ ଗତ ୨୪ ତାରିଖ ଦିନ ପରିଦର୍ଶନରେ ଆସି ସମସ୍ୟା ନେଇ ଅବଗତ ହୋଇ ଫେରିଛନ୍ତି। ପ୍ରତି ମାସ ବିଦ୍ୟାଳୟଗୁଡିକ ପକ୍ଷରୁ ଶ୍ରେଣୀ ଗୃହ ସମସ୍ୟା ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଉଛି। ହେଲେ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ସମସ୍ୟା ନେଇ ଅବଗତ ଥିଲେ ମଧ୍ୟ କେହି ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଫଳରେ ସ୍ଥାନୀୟ ଛାତ୍ରୀଛାତ୍ର ନା ନା ସମସ୍ୟା ମଧ୍ୟରେ ପାଠ ପଢୁଛନ୍ତି। ନିକଟରେ ରାଜସ୍ଥାନର ଝାଲୱାଡ଼ା ଜିଲା ମନୋହର ଥାନା ଅଧୀନ କିପିଲୋଦି ରାଜକୀୟ ଉଚ୍ଚ ବିଦ୍ୟାଳୟ ଶ୍ରେଣୀଗୃହ ଛାତ ଭୁଶୁଡ଼ି କେତେଜଣ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ କେତେଜଣ ଆହତ ଛାତ୍ରଙ୍କ ଚିକିତ୍ସା ଚାଲିଛି। ଘଟଣା ଗଣମାଧ୍ୟମରେ ପ୍ରଚାରିତ ହେବା ପରେ ଖପ୍ରାଖୋଲ ବ୍ଲକର ଭିତ୍ତିଭୂମି ଦୁର୍ବଳ ଥିବା ୫୯ ଗୋଟି ବିଦ୍ୟାଳୟର ଶିକ୍ଷକମାନେ ନିଜ ବିଦ୍ୟାଳୟର ଶ୍ରେଣୀ ଗୃହକୁ ନେଇ ଭୟଭୀତ ଅବସ୍ଥାରେ ରହିଛନ୍ତି। ଖୁବଶୀଘ୍ର ବିଦ୍ୟାଳୟ କର୍ତ୍ତୃପକ୍ଷମାନଙ୍କ ଏକ ବୈଠକ ବସି ଦାବିପତ୍ର ପ୍ରସ୍ତୁତ କରି ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ପ୍ରଦାନ କରାଯିବ ବୋଲି ଆଲୋଚନା ହେଉଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏନେଇ ବ୍ଲକ ଶିକ୍ଷକ ସଂଘ ସଭାପତି ନାରାୟଣ କିଷାନଙ୍କୁ ପଚାରିବାରେ ଏହି ସମସ୍ୟା ଅଧିକାଂଶ ବିଦ୍ୟାଳୟରେ ରହିଛି। ବିଭାଗୀୟ ଅଧିକାରୀ ବିହିତ ପଦକ୍ଷେପ ଗ୍ରହଣ କରିବା କଥା ବୋଲି ସେ କହିଛନ୍ତି। ସେହିପରି ଖପ୍ରାଖୋଲ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ରୁଦ୍ରଦେବ ଷଡ଼ଙ୍ଗୀଙ୍କୁ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନଥିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ତେବେ କୌଣସି ଅଘଟଣ ଘଟିବା ପୂର୍ବରୁ ସତର୍କ ରହିବା ପାଇଁ ସାଧାରଣରେ ଦାବି ହେଉଛି।

# ମା' ବୁଢ଼ିଆଈ ଏକଦିବସୀୟ ଫୁଟବଲ: ବଲାଙ୍ଗୀର ଚାମ୍ପିୟନ

ଦେଓଗାଁ,୧।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)



ଟୁର୍ନାମେଣ୍ଟ ଅବସରରେ ଖେଳାଳିଙ୍କ ଗହଣରେ ଅତିଥିବୃନ୍ଦ ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଲାଲ ଜଗନ୍ନାଥ ପ୍ରସାଦ ଷ୍ଟାଡିୟମଠାରେ ବିଏନଏଏ ଆନୁକୂଲ୍ୟରେ ମା' ବୁଢ଼ିଆଈ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜରାସିଂହା ଦଳ ଓ ବଲାଙ୍ଗୀର ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଟାଇବ୍ରେକର ଜରିଆରେ ୩-୧ ଗୋଲରେ ବଲାଙ୍ଗୀର ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲେ । ଖେଳକୁ ସତ୍ୟ ଦଣ୍ଡସେନା, ଡୋଲା ବଗର୍ତ୍ତି, ଲୋକନାଥ ଦଣ୍ଡସେନା, ସୁମନ ବକୁଳ,ରାଜ ଦଣ୍ଡସେନା, ପ୍ରଦୀପ ଚନ୍ଦନ, ଜ୍ୟୋତି ସିଂ ପ୍ରମୁଖ ପରିଚାଳନା କରିଥିଲେ। ଭୋଲା ପଥ୍ରୀମାଲି ଧାରା ବିବରଣୀ ପ୍ରଦାନ କରିଥିଲେ। ଏଥିରେ ଆଞ୍ଚଳିକ ଦଳଗୁଡିକ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମା' ପାଟଖଣ୍ଡାଙ୍କ ଦେହୁରୀ ସନ୍ତୋଷ ଥନାପତି ଯୋଗ ଦେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ କୁଶମଣି ମେହେର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଅମିତ ତ୍ରିପାଠୀ, ଏଆରଆଇ ତପନ ଦାସ, ବିଏନଏଏ ସଭାପତି କରୁଣାକର ମେହେର,ସମ୍ପାଦକ ରାଜକିଶୋର ସେଠ ପ୍ରମୁଖ ଯୋଗଦେଇଥିଲେ । ଅତିଥିମାନେ ଚାମ୍ପିୟନ ଓ ରନର ଅପ୍ ଦଳକୁ ପୁରସ୍କୃତ କରିଥିଲେ।


**TP SOUTHERN ODISHA DISTRIBUTION LIMITED** TPSODL
(Procurement Department)
BPR North Star Building,
2nd Floor, Khodasingi, Berhampur, Odisha-760010

**NOTICE INVITING TENDER** Dt.: 02.08.2025

TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for shifting of HT & LT lines with S/S due to construction of Flyover at Gate bazar Chowk, Berhampur | TPSODL/OT/2025-26/2500001031 | 7,00,000/- | 5,000 | 11.08.2025; 18:00 Hrs. |
| 2 | Rate Contract for Hiring Services of Commercial Vehicles at Various Locations, TPSODL, Odisha. | TPSODL/OT/2025-26/2500001033 | 5,00,000/- | 5,000 | 11.08.2025; 18:00 Hrs. |

For detailed tender, please visit Tender Section on TPSODL website https://www.tpsouthernodisha.com

**CAREER APPOINTMENT** ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
Contract Specialist, Designers, Architect, Project Managers, DPM, Site Engineers, Surveyors, QS, QC for Civil (Roads, Bridges, Buildings, Pipelines, STP/WTP & OTH) Works and experienced Mechanical Staff, Accountants, HR, CA, Social Expert, Purchase & Stores @ Telangana & PAN India. Preference: Male.
CONTACT:
hr.hyd@keystoneinfra.com, 9393645644 | 7901031633

ଧରିତ୍ରୀ DHARITRI Oriya daily 51 Years
**WANTED**

| POSITION | ELIGIBILITY | LOCATION |
|---|---|---|
| ACCOUNTS EXECUTIVES | ▸ Candidates should have at least 3 years+ experience in the field of Accounts. ▸ Experience should include cash register maintenance, day to day accounting, MIS, Verification of Bills and Tally entry. ▸ Proficiency in MS Excel, MS Word & Tally is a must. | BHUBANESWAR |
| CIRCULATION EXECUTIVES | ▸ 2-3 years sales experience in print media. ▸ Oversee distribution to subscribers, retailers & customers. ▸ Willingness to travel & keep in touch with agents. Collection of outstanding dues. Own bike or transport will be preferred. ▸ Proficiency in MS-Office. | BHUBANESWAR, ANGUL & SAMBALPUR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, P.H. DIVISION, BALASORE**
Phone : 9438660004, e-mail : eephbls@gmail.com
NATIONAL COMPETITIVE BIDDING THROUGH e-Procurement (Online Mode)
Invitation for Bids (IFB) dt.29.07.2025

No.C-779 : The Superintending Engineer, P.H. Division, Balasore on behalf of Governor of Odisha, invites Item Rate bids in Double cover system in ONLINE mode only.

| Sl. No. | Name of the Work | Bid Identification No. | Value of Work (Rs. In Lakh) | Class of contractor | Period of Completion | Availability of bid documents for online bidding | | Last date and time of seeking Clarification | Date & Time of opening of technical bid |
|---|---|---|---|---|---|---|---|---|---|
| | | | | | | From | To | | |
| 1 | Supply of ISI Marked DI (K7/K9) pipes for the work laying of clear water rising main DI K9 to all zonal reservoirs of Balasore Municipality from MBR | SEPHBLS-06 dt.29.07.2025 | 595.53 | Manufacturer | 60 (Sixty Days) | 11:00 Hrs. of dt.05.08.2025 | 17:00 Hrs. of dt.20.08.2025 | 17:00 Hrs. of 14.08.2025 | 11:00 Hrs. of 21.08.2025 |

The bidders shall have to participate in ONLINE bidding only. Further details can be seen from the website : http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.
Name and Address of the officer inviting bid : The Superintending Engineer, P.H. Division, Balasore - 756056, Odisha, Phone : 9438660004
OIPR-13053/11/0027/2526 Sd./- Superintending Engineer, P.H.Division, Balasore

See Career Appointment on every Wednesday & Saturday

**WANTED**
Marketing Staff for a Reputed Real Estate Company on the Basis of Monthly Salary of Rs.10,000/- per Month. Kindly Contact- At: SPPL, N1/200, IRC Village, Nayapalli, Bhubaneswar-15, Cell: 9937605789

इंस्टीट्यूट ऑफ बैंकिंग पर्सोनेल सिलेक्शन®
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
असेसमेंट में, हम पर भरोसा रखता है भारत — In assessment, India trusts us
वेबसाइट देखने हेतु स्कैन करें Scan to visit Website

**ସିଆର୍‌ପି ସିଏସ୍‌ଏ – XV**
**ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ କଷ୍ଟମର ସର୍ଭିସ୍ ଆସୋସିଏଟ୍ସ (CSA)ଙ୍କ ନିଯୁକ୍ତି ପାଇଁ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୬-୨୭ର ଖାଲିପଦବୀଗୁଡ଼ିକ ନିମନ୍ତେ)**

ଅଧିକୃତ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.inରେ ଲଗ୍ ଇନ୍ କରନ୍ତୁ
ଅଂଶଗ୍ରହଣକାରୀ ସର୍ବସାଧାରଣ କ୍ଷେତ୍ରୀୟ ବ୍ୟାଙ୍କଗୁଡ଼ିକରେ **କଷ୍ଟମର ସର୍ଭିସ୍ ଆସୋସିଏଟ୍ସ** [Customer Service Associates (CSA)] ପଦବୀ ନିମନ୍ତେ କର୍ମଚାରୀଙ୍କ ନିଯୁକ୍ତି ଏବଂ ଚୟନ ଲାଗି ଆଗାମୀ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରୀ ଓ ମେନ୍) ସମ୍ଭାବ୍ୟ ରୂପେ ଅକ୍ଟୋବର, ୨୦୨୫ ଓ ନଭେମ୍ବର, ୨୦୨୫ ମାସରେ ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଧାରିତ ହୋଇଛି ।

**ଗୁରୁତ୍ୱପୂର୍ଣ୍ଣ ତାରିଖ**

| ଗତିବିଧି | ସମୟରେଖା |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ଆବେଦନର ସମ୍ପାଦନା/ପରିବର୍ତ୍ତନ | ୦୧.୦୮.୨୦୨୫ରୁ ୨୧.୦୮.୨୦୨୫ |
| ଆବେଦନ ଦେୟ/ଇଣ୍ଟିମେଶନ ଶୁଳ୍କ ପୈଠ | ୦୧.୦୮.୨୦୨୫ରୁ ୨୧.୦୮.୨୦୨୫ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ | ସେପ୍ଟେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ | ଅକ୍ଟୋବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀର ଫଳାଫଳ | ଅକ୍ଟୋବର/ନଭେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ | ନଭେମ୍ବର, ୨୦୨୫ |
| ପରୀକ୍ଷାମୂଳକ ଆବଣ୍ଟନ | ମାର୍ଚ୍ଚ, ୨୦୨୬ |

**ବିବରଣୀ ତଥା ଅପଡେଟ୍ସ ପାଇଁ www.ibps.in ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।**
ସିଆର୍‌ପି ସିଏସ୍‌ଏ XV ନିମନ୍ତେ ଆବେଦନ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ସବିଶେଷ ଅଧିସୂଚନାକୁ ଯତ୍ନପୂର୍ବକ ପଢ଼ିବା ତଥା ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ନିର୍ଦ୍ଧାରିତ ତାରିଖରେ ସେମାନେ ଯେପରି ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଛନ୍ତି ତାହା ସୁନିଶ୍ଚିତ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି । ପ୍ରାର୍ଥୀମାନେ ସବିଶେଷ ଅଧିସୂଚନାରେ ଦର୍ଶିତ ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ଜରୁରୀ ।
**ମୁମ୍ବାଇ**
**ତାରିଖ: ୦୧.୦୮.୨୦୨୫** **ନିର୍ଦ୍ଦେଶକ**

Azadi Ka Amrit Mahotsav — G20
**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**
DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)
(MINISTRY OF SOCIAL JUSTICE & EMPOWERMENT, GOVT. OF INDIA)
OLATPUR, P.O.-BAIROI, DIST-CUTTACK-754010, ODISHA

**RECRUITMENT NOTICE**
Applications are invited from the eligible candidates for the following posts:

**Adv. No.: AD6B10/07/2025 Dated: 31.07.2025**
**(Regular Posts for SVNIRTAR, Cuttack)**

| Sl. No. | Name of the Post | Pay Matrix Level | Category | No. of posts |
|---|---|---|---|---|
| 1 | Nursing Sister | Level-08(Group - B) | UR | 01 |
| 2 | Clinical Psychologist-cum- Junior Lecturer | Level-07(Group - B) | UR | 01 |
| 3 | Demonstrator (Physiotherapy) | Level-06(Group - B) | UR | 01 |
| 4 | Demonstrator (Prosthetics & Orthotics) | Level-06(Group - B) | OBC | 01 |
| 5 | Junior Store Keeper | Level-02(Group - C) | UR | 01 |

**Adv. No.: AD6B19/08/2025 Dated: 31.07.2025**
**(Consultant Posts for SVNIRTAR, Cuttack & CRCSRE- Shillong)**

| Sl. No. | Name of the post | Consolidated monthly remuneration | No. of posts |
|---|---|---|---|
| 01 | Assistant Professor (Clinical Psychology) (Consultant) | Rs.75,000/- | 02 (1 - SVNIRTAR, Cuttack) (1 - CRCSRE, Shillong) |

The aspiring applicants fulfilling the eligibility criteria in all respect may send their applications as per prescribed format to **"The Director, Swami Vivekanand National Institute of Rehabilitation Training & Research, At-Olatpur, PO: Bairoi, Dist- Cuttack, Odisha, Pin-754010"**.The detailed advertisement, terms and conditions, educational qualification and experience criteria, application form, etc. can be downloaded from the official websites i.e. **https://svnirtar.nic.in / https://crcguwahati.nic.in,https://crcranchi.nic.in & https://crcshillong.nic.in/.**
Sd/- Director

**महानिदेशक एवं पुलिस महानिरीक्षक का कार्यालय, झारखण्ड, राँची।**
सूचना पट्ट निविदा आमंत्रण सूचना सं0– 11/2025–26

**Poly Carbonate Lathi – 450 Nos.** की आपूर्ति हेतु GST निबंधित फर्मो से दिनांक -11.08.2025 को समय - 16:00 बजे तक मुहरबन्द निविदांए आमंत्रित की जाती है :–
नियम एवं शर्ते :–
1. ईच्छुक फर्म अपने लेटर पैड पर निविदा दो भागों – तकनीकी एवं वित्तीय भाग में देंगे। तकनीकी भाग में GST, पैन नम्बर तथा पूर्व में किसी सरकारी संस्थानों में समान/समरूप उपकरण आपूर्ति संबंधी प्रमाण–पत्र की छाया प्रति संलग्न करना अनिवार्य होगा।
2. परिशिष्ट–01 के रूप में संलग्न विहित प्रपत्र के अनुसार वित्तीय भाग समर्पित करेंगे। वित्तीय भाग में अंकित दर अंको/अक्षरों में होगी और उसमें कोई कटींग अथवा ओभर राईटींग मान्य नहीं होगा। ऐसी निविदा को अस्वीकृत कर दिया जायेगा।
3. **Poly Carbonate Lathi** का **Specifications** परिशिष्ट –02 के रूप में संलग्न है। उक्त Specifications के अनुरूप सामग्रियों की आपूर्ति करना अनिवार्य होगा। Specifications के अनुरूप सामग्रियों की आपूर्ति नहीं करने पर आपूर्ति स्वीकार नहीं किया जायेगा।
4. क्रयादेश निर्गत करने से पूर्व Procurement Committee आवश्यकतानुसार नमूना की माँग कर सकती है।
5. **Poly Carbonate Lathi** की आपूर्ति केन्द्रीय भण्डार, होटवार, राँची में करना अनिवार्य होगा।
6. निविदा के दोनों भाग (तकनीकी एवं वित्तीय) को अलग–अलग लिफाफा में सील कर दोनों के उपर अलग–अलग यथा "तकनीकी भाग" एवं "वित्तीय भाग" लिख कर एक अन्य लिफाफा में डालकर और उसे भी सील कर अधोहस्ताक्षरी के पदनाम से भेजना होगा। लिफाफा के उपर फर्म का नाम लिखा रहना अनिवार्य होगा।
7. निविदा का तकनीकी भाग एवं वित्तीय भाग दिनांक- 12.08.2025 को समय-12:00 बजे **Procurement Committee** के समक्ष अधोहस्ताक्षरी के कार्यालय कक्ष में खोली जायेगी। निविदा खुलने के समय निविदादाता या उनके प्रतिनिधि उपस्थित रह सकते हैं। जिस निविदादाता का तकनीकी भाग सही पाया जायेगा, केवल उन्हीं का वित्तीय भाग Procurement Committee के समक्ष खोली जायेगी।
8. निविदा समर्पित करने के पश्चात् निविदा से संबंधित किसी प्रकार का कागजात स्वीकार नहीं किया जायेगा।
9. महानिदेशक एवं पुलिस महानिरीक्षक, झारखण्ड, राँची को यह अधिकार सुरक्षित होगा कि बिना कारण बताये निविदा को रद्द कर सकेंगे।
10. सम्पूर्ण निविदा दस्तावेज (परिशिष्ट–01 एवं 02 सहित) झारखण्ड पुलिस के वेबसाईट www.jhpolice.gov.in पर उपलब्ध है। कार्यालय दिवस के दौरान पुलिस मुख्यालय, झारखण्ड, राँची से भी सम्पूर्ण निविदा दस्तावेज प्राप्त कर सकते हैं।

पुलिस महानिरीक्षक (प्रोविजन), झारखण्ड, राँची।
PR 358730 Police(25-26)D

# ସମ୍ବଲପୁରୀ ନୃତ୍ୟଗୀତରେ ଝୁମିଲେ ଦର୍ଶକ



ଟାଉନହଲ୍‌ରେ ଆୟୋଜିତ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ର।

**ସୋନପୁର,୧।୮(ମୃତ୍ୟୁଞ୍ଜୟ ଶତପଥୀ)**

## ସୁବର୍ଣ୍ଣପୁରରେ ସମ୍ବଲପୁରୀ ଦିନ୍

ସୁବର୍ଣ୍ଣପୁର ସହରରେ ଜନ୍ମିତ ତଥା ସମ୍ବଲପୁରୀ ସାହିତ୍ୟର ଜନକ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମ ଦିନକୁ ଶୁକ୍ରବାର ସୁବର୍ଣ୍ଣପୁରରେ ସମ୍ବଲପୁରୀ ଦିନ୍ ଭାବେ ପାଳନ କରାଯାଇଛି। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦିବସ ବ୍ୟାପି ସମ୍ବଲପୁରୀ/କୋସଲି ନୃତ୍ୟ ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ତନୁଶାନ ପରିବାର ପକ୍ଷରୁ ଟାଉନ ହଲ ପରିସରରେ ସକାଳ ଠାରୁ ରାତି ପର୍ଯ୍ୟନ୍ତ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ନୃତ୍ୟ ଓ ଗୀତରେ ଦର୍ଶକ ଝୁମିଥିଲେ। କାର୍ଯ୍ୟକ୍ରମକୁ ସ୍ୱର୍ଗତ ବହିଦାରଙ୍କ ନାତୁଣି ରୀତା ବହିଦାର ଉଦ୍‌ଘାଟନ କରିଥିଲେ। ଏଥିରେ ତନୁଶାନ ପରିବାରର ସଭାପତି ଶ୍ରୀଧର ବାଗ, ସାଧାରଣ ସମ୍ପାଦକ କଳ୍ପନା ବିଭାର ଓ ଉପଦେଷ୍ଟା ଶାନ୍ତନୁ କୁମ୍ଭକାର ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଆୟୋଜିତ ମୁଖ୍ୟ ସଭାରେ ମୁଖ୍ୟ ଅତିଥି ଭାବରେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ଯୋଗଦାନ କରି ସମ୍ବଲପୁରୀ ଦିନ୍‌ର ବାର୍ତ୍ତା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ, ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ, ପୌରାଧକ୍ଷା ତାମସି ତାମସ୍ୱିତା ନାୟକ ଯୋଗ ଦେଇଥିଲେ। ପୂର୍ବାହ୍ନରେ ସମ୍ବଲପୁରୀ/କୋସଲି ନୃତ୍ୟ, ର୍‍ୟାମ୍ପ ସୋ, ଖାଦ୍ୟ ପ୍ରତିଯୋଗିତା ଓ କବିତା ଆବୃତ୍ତି ହୋଇଥିଲା। କବି ଶ୍ରୀଧର ବାଗଙ୍କ ଅନୁବାଦିତ କୋସଲି ଗୀତଗୋବିନ୍ଦର ଦ୍ୱିତୀୟ ସଂସ୍କରଣ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଆର୍ତ୍ତତ୍ରାଣ ବାବୁଙ୍କୁ ସତ୍ୟନାରାୟଣ ବହିଦାର ସାହିତ୍ୟ ସମ୍ମାନ, ବିଇଓ ଲକ୍ଷ୍ମଣ ମିଶ୍ର, ଅଜୟ ଲୁହା, ମୁରଲୀଧର ବିଶ୍ୱାଳଙ୍କୁ ତନୁଶାନ ଶିକ୍ଷା ସମ୍ମାନ, ବୃନ୍ଦାବନ ରଥ, ଶ୍ରୀବସ୍ତ ମଲ୍ଲିକ ଓ ବୁଢାରଜା ଯୁବ ସେବା ସଙ୍ଗଠନକୁ ତନୁଶାନ ସେବା ସମ୍ମାନ, ନୁର ବେଗମ, କୃଷ୍ଣଚନ୍ଦ୍ର ସିନ୍ଧିଆ, ବ୍ରହ୍ମା କୁମ୍ଭାର, ମହାନଦୀ ସାହିତ୍ୟ ସଂସଦ, ପର୍ଣ୍ଣରୀ ଅନୁଷ୍ଠାନ ଓ ଭୀମଭୋଇ କଳା ପରିଷଦକୁ କଳା ସମ୍ମାନ ପ୍ରଦାନ କରାଯାଇଥିଲା। ପରେ ସତ୍ୟନାରାୟଣ ବହିଦାର ଓ ସମ୍ବଲପୁରୀ ଦିନ୍ ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଐତିହାସିକ ସୁଦାମ ନାଏକ, ଡ. ଜ୍ୟୋତିରଞ୍ଜନ ବହିଦାର, ଡ. ଧୀରେନ୍ଦ୍ର ନାୟକ, ଡ. ସୌରଭ ରଞ୍ଜନ ଖମାରୀ ଓ ନୀଳାମ୍ବର ଶତପଥୀ ଆଲୋଚକ ଭାବେ ଯୋଗଦେଇଥିଲେ। ଅଞ୍ଚଳର କଳା, ସଂସ୍କୃତି ଓ ପରମ୍ପରାକୁ ଆଗକୁ ନେବା ପାଇଁ ଏହି ଉତ୍ସବ ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ସନ୍ତୋଷିନୀ ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ। ଗଦାଧର ବାରିକ, ପ୍ରଦ୍ୟୁମ୍ନ ସାହୁ, ଚୌଧୁରୀ ବିଭାର, ଶୃତିଶିଖା ମହାପାତ୍ର, ସରସ୍ୱତୀ ଦାସ, ମୀନା ମହାରଣା, ଜୁବୁଲି ବାଘ, ପ୍ରତିମା ରଥ, ଜ୍ୟୋସ୍ନା ମହାପାତ୍ର, ଶଙ୍କର ମହାକୁର, ଶ୍ୟାମା ଓଁ ପ୍ରସାଦ ମିଶ୍ର ଓ ମନୋରଞ୍ଜନ ଦାଶ ବିଭିନ୍ନ ପ୍ରତିଯୋଗିତାର ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ।

ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ବ୍ଲକ ଛକ ଠାରେ ସମ୍ବଲପୁରୀ ଦିନ୍ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ସୋନପୁର ବ୍ଲକ ଅଧକ୍ଷ ପ୍ରହ୍ଲାଦ ନାୟକ, ଶ୍ରୀବସ୍ତ ମଲ୍ଲିକ, ଅରବିନ୍ଦ ବାରିକ, ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ଗଦାଧର ବାରିକ, ଶ୍ରଦ୍ଧାଞ୍ଜଳି ମିଶ୍ର, ଲଡୁକିଶୋର ମଲ୍ଲିକ, ଅମୀୟ ରଞ୍ଜନ ଦାଶ ଓ ସନ୍ତୋଷ ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ। ଅତିଥିମାନେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ସାହିତ୍ୟ ସୃଷ୍ଟି ଏବଂ ସମ୍ବଲପୁରୀ ଦିନ୍ ପାଳନର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କଳାକାର ଶାଶ୍ୱତ ତ୍ରିପାଠୀ ଓ ସହଯୋଗୀଙ୍କ ଦ୍ୱାରା ନୃତ୍ୟଗୀତର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିଥି ଓ କଳାକାରମାନେ ସମ୍ବଲପୁରୀ ନୃତ୍ୟରେ ଝୁମିଥିଲେ। ଶିକ୍ଷାନୁଷ୍ଠାନର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ଅରୁଣ ବହିଦାର, ବେଣୁଧର ପ୍ରଧାନ, ବିବେକାନନ୍ଦ ପଣ୍ଡା ଓ ଦେବାଶିଷ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।



ସୋନପୁର ବ୍ଲକ ଛକରେ ମହିଳା ଓ ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରୁଛନ୍ତି।

# ଉଲୁଣ୍ଡା ଏସ୍‌ଆର୍ ସ୍ପୋର୍ଟସ ଚାମ୍ପିୟନ



ଉଲୁଣ୍ଡା ଲିଗ୍ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

**ଉଲୁଣ୍ଡା,୧।୮(ଗୌରଚନ୍ଦ୍ର ପରିଛା)**

## ଉଲୁଣ୍ଡା ଲିଗ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ଚାଲିଥିବା ଉଲୁଣ୍ଡା ଲିଗ୍ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ସେମିରେ ଏମ୍‌ଏମ୍‌ଏଫ୍‌ଏ ମରାଲୋଏକୁ ହରାଇ ବଡ଼ମାଳ ବାପୁଜୀ କ୍ଲବ ଏବଂ ଦ୍ୱିତୀୟ ସେମିରେ କୁତମେଣ୍ଡାକୁ ହରାଇ ଉଲୁଣ୍ଡା ଏସ୍.ଆର ସ୍ପୋର୍ଟସ ଦଳ ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲ ମ୍ୟାଚରେ ବଡ଼ମାଳ ବାପୁଜୀ କ୍ଲବକୁ ୧-୦ ଗୋଲରେ ହରାଇ ଉଲୁଣ୍ଡା ଏସ୍‌ଆର୍ ସ୍ପୋର୍ଟସ ଦଳ ଚାମ୍ପିୟନ ହୋଇଛି। ଖେଳକୁ ପ୍ରଶାନ୍ତ ସେଠୀ, ବାବୁଲାଲ ସାହୁ, ଚୂଡ଼ାମଣି ମେହେର ଏବଂ ବଦ୍ରିପ୍ରସାଦ ହୋତା ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସିଂଢୋଲ ସରପଞ୍ଚ ପ୍ରଦୀପ ଦେହୁରୀ ଏବଂ ସମ୍ମାନିତ ଅତିଥି ଭାବରେ ଚଡାଇପଙ୍କ ସରପଞ୍ଚ ଦେବଦତ୍ତ ପର୍ଡିଆ, ସାମାଜିକ କର୍ମୀ ବାସୁଦେବ ଭୋଇ, ରମେଶ ମାହାର, ଅମିତ ସାହୁ ଏବଂ ଅନ୍ତର୍ଯ୍ୟାମୀ ପଧାନ ଯୋଗଦେଇ ବିଜେତା ଉଲୁଣ୍ଡା ଏସ୍‌ଆର ସ୍ପୋର୍ଟସ ଏବଂ ଉପବିଜେତା ବଡ଼ମାଳ ବାପୁଜୀ କ୍ଲବ ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ।

# ଆଲୋଚନାଚକ୍ର , କବିତା ପାଠ

**ବୀରମହାରାଜପୁର,୧।୮(ଯୁଗଳ କିଶୋର ମିଶ୍ର)**

## ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟରେ ସମ୍ବଲପୁରୀ ଦିନ୍

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟଠାରେ ଶୁକ୍ରବାର ପୂର୍ବାହ୍ନ ୧୧ଟା ୩୦ରେ ସମ୍ବଲପୁରୀ ଦିନ୍ ପାଳନ ସହିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ପ୍ରଫୁଲ୍ଲ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ପୂର୍ବତନ ସଭାପତି କୃଷ୍ଣଚନ୍ଦ୍ର ପାଢ଼ୀ ମୁଖ୍ୟ ଅତିଥି, ଦୟାନିଧି ହୋତା ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ସଦସ୍ୟ ଅକ୍ଷୟ ମିଶ୍ର ସ୍ୱାଗତ କରିଥିବାବେଳେ ସୌମିତ୍ରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ସଭାପତିଙ୍କ ଦ୍ୱାରା ସମ୍ବଲପୁରୀ ଦିନ୍ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରାଯାଇଥିଲା ଏବଂ ପରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ସମ୍ବଲପୁରୀ ସାହିତ୍ୟକୁ ଅବଦାନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ କବି ଲକ୍ଷ୍ମୀନାରାୟଣ ସାହୁଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। କବି ଅନ୍ତର୍ଯ୍ୟାମୀ ରଥ, ଆନନ୍ଦ ପ୍ରଧାନ, ପୂର୍ତ୍ତି ବୁଡେକ, ପ୍ରହ୍ଲାଦ ନାଏକ, କରୁଣାକର ଖଣ୍ଡୁଆଳ, ଅକ୍ଷୟ ରାଏ, ଜ୍ଞାନେନ୍ଦ୍ର ତ୍ରିପାଠୀ, ଦିଲ୍ଲୀପ ତ୍ରିପାଠୀ, ଶୁଭ୍ରାଂଶୁ ଶେଖର ପାଢ଼ୀ, କିଶୋର ହୋତା, ରାଧେଶ୍ୟାମ ମିଶ୍ର ପ୍ରମୁଖ ସ୍ୱରଚିତ ସମ୍ବଲପୁରୀ କବିତା ପାଠ କରିଥିଲେ। ଛତରା ମହାକୁର, ଦିଲ୍ଲୀପ ମିଶ୍ର, ବାସୁଦେବ ପଣ୍ଡା, ତ୍ରିନାଥ ମିଶ୍ର, ଶ୍ୟାମସୁନ୍ଦର ସେଠୀ, ଅକ୍ରୂର ଚରଣ ଦନ୍ତା, ନାରାୟଣ ପ୍ରସାଦ ନାୟକ, ଗୋପୀନାଥ ମହାକୁର, ବଳରାମ କାଣ୍ଡ, ନରେନ୍ଦ୍ର ସାହୁ, ନିତ୍ୟାନନ୍ଦ ତ୍ରିପାଠୀ, ସନ୍ତୋଷ ଷଡ଼ଙ୍ଗୀ, ରତ୍ନା ମହାକୁର, ସୁରୁ ସାହୁ, ଜୀତେନ୍ଦ୍ର ପ୍ରଧାନ, ନିରଞ୍ଜନ ସେଠୀ, ଜୟଦେବ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସମ୍ବଲପୁରୀ ଦିନ୍‌କୁ ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳନ କରିବା ପାଇଁ ସମସ୍ତେ ସମ୍ବଲପୁରୀ ପୋଷାକ ପରିଧାନ କରିଥିଲେ। କବି ଡ. ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିଲେ।


TP SOUTHERN ODISHA DISTRIBUTION LIMITED
(Procurement Department)
TPSODL

BPR North Star Building,
2nd Floor, Khodasingi, Berhampur, Odisha-760010

NOTICE INVITING TENDER
Dt.: 02.08.2025

TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for shifting of HT & LT lines with S/S due to construction of Flyover at Gate bazar Chowk, Berhampur | TPSODL/OT/ 2025-26/ 2500001031 | 7,00,000/- | 5,000 | 11.08.2025; 18:00 Hrs. |
| 2 | Rate Contract for Hiring Services of Commercial Vehicles at Various Locations, TPSODL, Odisha. | TPSODL/OT/ 2025-26/ 2500001033 | 5,00,000/- | 5,000 | 11.08.2025; 18:00 Hrs. |

For detailed tender, please visit Tender Section on TPSODL website https://www.tpsouthernodisha.com



CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com



GOVERNMENT OF ODISHA
OFFICE OF THE EXECUTIVE ENGINEER, P.H. DIVISION, BALASORE
Phone : 9438660004, e-mail : eephbls@gmail.com
NATIONAL COMPETITIVE BIDDING THROUGH e-Procurement (Online Mode)
Invitation for Bids (IFB) dt.29.07.2025

No.C-779 : The Superintending Engineer, P.H. Division, Balasore on behalf of Governor of Odisha, invites Item Rate bids in Double cover system in ONLINE mode only.

| Sl. No. | Name of the Work | Bid Identification No. | Value of Work (Rs. In Lakh) | Class of contractor | Period of Completion | Availability of bid documents for online bidding – From | Availability of bid documents for online bidding – To | Last date and time of seeking Clarification | Date & Time of opening of technical bid |
|---|---|---|---|---|---|---|---|---|---|
| 1 | Supply of ISI Marked DI (K7/K9) pipes for the work laying of clear water rising main DI K9 to all zonal reservoirs of Balasore Municipality from MBR | SEPHBLS-06 dt.29.07.2025 | 595.53 | Manufacturer | 60 (Sixty Days) | 11:00 Hrs. of dt.05.08.2025 | 17:00 Hrs. of dt.20.08.2025 | 17:00 Hrs. of 14.08.2025 | 11:00 Hrs. of 21.08.2025 |

The bidders shall have to participate in ONLINE bidding only. Further details can be seen from the website : http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.
Name and Address of the officer inviting bid : The Superintending Engineer, P.H. Division,
Balasore - 756056, Odisha, Phone : 9438660004
OIPR-13053/11/0027/2526
Sd./- Superintending Engineer, P.H.Division, Balasore



REQUIRED
Contract Specialist, Designers, Architect, Project Managers, DPM, Site Engineers, Surveyors, QS, QC for Civil (Roads, Bridges, Buildings, Pipelines, STP/WTP & OTH) Works and experienced Mechanical Staff, Accountants, HR, CA, Social Expert, Purchase & Stores @ Telangana & PAN India. Preference: Male.
CONTACT:
hr.hyd@keystoneinfra.com, 9393645644 | 7901031633



See Career Appointment on every Wednesday & Saturday



WANTED
Marketing Staff for a Reputed Real Estate Company on the Basis of Monthly Salary of Rs.10,000/- per Month. Kindly Contact- At: SPPL, N1/200, IRC Village, Nayapalli, Bhubaneswar-15, Cell: 9937605789



ଧରିତ୍ରୀ DHARITRI Oriya daily
WANTED

| POSITION | ELIGIBILITY | LOCATION |
|---|---|---|
| ACCOUNTS EXECUTIVES | ▸ Candidates should have at least 3 years+ experience in the field of Accounts. ▸ Experience should include cash register maintenance, day to day accounting, MIS, Verification of Bills and Tally entry. ▸ Proficiency in MS Excel, MS Word & Tally is a must. | BHUBANESWAR |
| CIRCULATION EXECUTIVES | ▸ 2-3 years sales experience in print media. ▸ Oversee distribution to subscribers, retailers & customers. ▸ Willingness to travel & keep in touch with agents. Collection of outstanding dues. Own bike or transport will be preferred. ▸ Proficiency in MS-Office. | BHUBANESWAR, ANGUL & SAMBALPUR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com



महानिदेशक एवं पुलिस महानिरीक्षक का कार्यालय, झारखण्ड, राँची।
सूचना पट्ट निविदा आमंत्रण सूचना सं0– 11/2025–26

Poly Carbonate Lathi – 450 Nos. की आपूर्ति हेतु GST निबंधित फर्मो से दिनांक -11.08.2025 को समय - 16:00 बजे तक मुहरबन्द निविदाएं आमंत्रित की जाती है :–
नियम एवं शर्ते :–
1. ईच्छुक फर्म अपने लेटर पैड पर निविदा दो भागों – तकनीकी एवं वित्तीय भाग में देंगे। तकनीकी भाग में GST, पैन नम्बर तथा पूर्व में किसी सरकारी संस्थानों में समान/समरूप उपकरण आपूर्ति संबंधी प्रमाण–पत्र की छाया प्रति संलग्न करना अनिवार्य होगा।
2. परिशिष्ट–01 के रूप में संलग्न विहित प्रपत्र के अनुसार वित्तीय भाग समर्पित करेंगे। वित्तीय भाग में अंकित दर अंको/अक्षरों में होगी और उसमें कोई कटींग अथवा ओभर राईटींग मान्य नहीं होगा। ऐसी निविदा को अस्वीकृत कर दिया जायेगा।
3. Poly Carbonate Lathi का Specifications परिशिष्ट –02 के रूप में संलग्न है। उक्त Specifications के अनुरूप सामग्रियों की आपूर्ति करना अनिवार्य होगा। Specifications के अनुरूप सामग्रियों की आपूर्ति नहीं करने पर आपूर्ति स्वीकार नहीं किया जायेगा।
4. क्रयादेश निर्गत करने से पूर्व Procurement Committee आवश्यकतानुसार नमूना की माँग कर सकती है।
5. Poly Carbonate Lathi की आपूर्ति केन्द्रीय भण्डार, होटवार, राँची में करना अनिवार्य होगा।
6. निविदा के दोनों भाग (तकनीकी एवं वित्तीय) को अलग–अलग लिफाफा में सील कर दोनों के उपर अलग–अलग यथा "तकनीकी भाग" एवं "वित्तीय भाग" लिख कर एक अन्य लिफाफा में डालकर और उसे भी सील कर अधोहस्ताक्षरी के पदनाम से भेजना होगा। लिफाफा के उपर फर्म का नाम लिखा रहना अनिवार्य होगा।
7. निविदा का तकनीकी भाग एवं वित्तीय भाग दिनांक- 12.08.2025 को समय-12:00 बजे Procurement Committee के समक्ष अधोहस्ताक्षरी के कार्यालय कक्ष में खोली जायेगी। निविदा खुलने के समय निविदादाता या उनके प्रतिनिधि उपस्थित रह सकते हैं। जिस निविदादाता का तकनीकी भाग सही पाया जायेगा, केवल उन्हीं का वित्तीय भाग Procurement Committee के समक्ष खोली जायेगी।
8. निविदा समर्पित करने के पश्चात् निविदा से संबंधित किसी प्रकार का कागजात स्वीकार नहीं किया जायेगा।
9. महानिदेशक एवं पुलिस महानिरीक्षक, झारखण्ड, राँची को यह अधिकार सुरक्षित होगा कि बिना कारण बताये निविदा को रद्द कर सकेंगे।
10. सम्पूर्ण निविदा दस्तावेज (परिशिष्ट–01 एवं 02 सहित) झारखण्ड पुलिस के वेबसाईट www.jhpolice.gov.in पर उपलब्ध है। कार्यालय दिवस के दौरान पुलिस मुख्यालय, झारखण्ड, राँची से भी सम्पूर्ण निविदा दस्तावेज प्राप्त कर सकते हैं।

पुलिस महानिरीक्षक (प्रोविजन),
झारखण्ड, राँची।
PR 358730 Police(25-26)D



इंस्टीट्यूट ऑफ बैंकिंग पर्सोनेल सिलेक्शन®
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
असेसमेंट में, हम पर भरोसा रखता है भारत — In assessment, India trusts us
IBPS प्रज्ञाविभावनम्
वेबसाईट देखने हेतु स्कैन करें Scan to visit Website

ସିଆର୍‌ପି ସିଏସ୍‌ଏ - XV
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ କଷ୍ଟମର ସର୍ଭିସ୍ ଆସୋସିଏଟ୍ସ (CSA)ଙ୍କ ନିଯୁକ୍ତି ପାଇଁ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୬-୨୭ର ଖାଲିପଦବୀଗୁଡ଼ିକ ନିମନ୍ତେ)

ଅଧିକୃତ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.inରେ ଲଗ୍ ଇନ୍ କରନ୍ତୁ
ଅଂଶଗ୍ରହଣକାରୀ ସର୍ବସାଧାରଣ କ୍ଷେତ୍ରୀୟ ବ୍ୟାଙ୍କଗୁଡ଼ିକରେ **କଷ୍ଟମର ସର୍ଭିସ୍ ଆସୋସିଏଟ୍ସ** [Customer Service Associates (CSA)] ପଦବୀ ନିମନ୍ତେ କର୍ମଚାରୀଙ୍କ ନିଯୁକ୍ତି ଏବଂ ଚୟନ ଲାଗି ଆଗାମୀ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରୀ ଓ ମେନ୍) ସମ୍ଭାବ୍ୟ ରୂପେ ଅକ୍ଟୋବର, ୨୦୨୫ ଓ ନଭେମ୍ବର, ୨୦୨୫ ମାସରେ ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଧାରିତ ହୋଇଛି।

ଗୁରୁତ୍ୱପୂର୍ଣ୍ଣ ତାରିଖ

| ଗତିବିଧି | ସମୟରେଖା |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ଆବେଦନର ସମ୍ପାଦନା/ପରିବର୍ତ୍ତନ | ୦୧.୦୮.୨୦୨୫ରୁ ୨୧.୦୮.୨୦୨୫ |
| ଆବେଦନ ଦେୟ/ଇଣ୍ଟିମେଶନ ଶୁଳ୍କ ପୈଠ | ୦୧.୦୮.୨୦୨୫ରୁ ୨୧.୦୮.୨୦୨୫ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ | ସେପ୍ଟେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରୀ | ଅକ୍ଟୋବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରୀର ଫଳାଫଳ | ଅକ୍ଟୋବର/ନଭେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ନଭେମ୍ବର, ୨୦୨୫ |
| ପରୀକ୍ଷାମୂଳକ ଆବଣ୍ଟନ | ମାର୍ଚ୍ଚ, ୨୦୨୬ |

**ବିବରଣୀ ତଥା ଅପଡେଟ୍ସ ପାଇଁ www.ibps.in ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।**
ସିଆର୍‌ପି ସିଏସ୍‌ଏ XV ନିମନ୍ତେ ଆବେଦନ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ସବିଶେଷ ଅଧିସୂଚନାକୁ ଯତ୍ନପୂର୍ବକ ପଢ଼ିବା ତଥା ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ନିର୍ଦ୍ଧାରିତ ତାରିଖରେ ସେମାନେ ଯେପରି ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଛନ୍ତି ତାହା ସୁନିଶ୍ଚିତ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି । ପ୍ରାର୍ଥୀମାନେ ସବିଶେଷ ଅଧିସୂଚନାରେ ଦର୍ଶିତ ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ଜରୁରୀ।
**ମୁମ୍ବାଇ**
**ତାରିଖ: ୦୧.୦୮.୨୦୨୫** **ନିର୍ଦ୍ଦେଶକ**



Azadi Ka Amrit Mahotsav — G20
SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH
DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)
(MINISTRY OF SOCIAL JUSTICE & EMPOWERMENT, GOVT. OF INDIA)
OLATPUR, P.O.-BAIROI, DIST-CUTTACK-754010, ODISHA

RECRUITMENT NOTICE
Applications are invited from the eligible candidates for the following posts:

Adv. No.: AD6B10/07/2025 Dated: 31.07.2025
(Regular Posts for SVNIRTAR, Cuttack)

| Sl. No. | Name of the Post | Pay Matrix Level | Category | No. of posts |
|---|---|---|---|---|
| 1 | Nursing Sister | Level-08(Group - B) | UR | 01 |
| 2 | Clinical Psychologist-cum- Junior Lecturer | Level-07(Group - B) | UR | 01 |
| 3 | Demonstrator (Physiotherapy) | Level-06(Group - B) | UR | 01 |
| 4 | Demonstrator (Prosthetics & Orthotics) | Level-06(Group - B) | OBC | 01 |
| 5 | Junior Store Keeper | Level-02(Group - C) | UR | 01 |

Adv. No.: AD6B19/08/2025 Dated: 31.07.2025
(Consultant Posts for SVNIRTAR, Cuttack & CRCSRE- Shillong)

| Sl. No. | Name of the post | Consolidated monthly remuneration | No. of posts |
|---|---|---|---|
| 01 | Assistant Professor (Clinical Psychology) (Consultant) | Rs.75,000/- | 02 (1 - SVNIRTAR, Cuttack) (1 - CRCSRE, Shillong) |

The aspiring applicants fulfilling the eligibility criteria in all respect may send their applications as per prescribed format to **"The Director, Swami Vivekanand National Institute of Rehabilitation Training & Research, At-Olatpur, PO: Bairoi, Dist- Cuttack, Odisha, Pin-754010"**.The detailed advertisement, terms and conditions, educational qualification and experience criteria, application form, etc. can be downloaded from the official websites i.e. **https://svnirtar.nic.in / https://crcguwahati.nic.in,https://crcranchi.nic.in & https://crcshillong.nic.in/.**
Sd/-
Director

# ସରୁନି ହମିରପୁର ବ୍ରିଜ୍ କମ୍ ବ୍ୟାରେଜ ପ୍ରକଳ୍ପ

ରାଉରକେଲା,୧।୮ (ବିପ୍ଳବ ରଞ୍ଜନ ଦାଶ)

ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ରାଉରକେଲା ଦେଇ ବହିଯାଇଥିବା କୋଏଲ ନଦୀରେ ନିର୍ମାଣାଧୀନ ହମିରପୁର ମେଗା ବ୍ରିଜ୍ କମ୍ ବ୍ୟାରେଜ ପ୍ରକଳ୍ପ କାର୍ଯ୍ୟ ସରିବା ନାଁ ଧରୁନାହିଁ। ୨୦୨୨ ସେପ୍ଟେମ୍ବର ୨୧ତାରିଖରେ ଏହି ପ୍ରକଳ୍ପ ଆରମ୍ଭ ହୋଇଥିଲା ଏବଂ ତା୨୦.୩.୨୫ରିଖି ଯାଏ ନିର୍ମାଣ ଅବଧି ରହିଥିଲା। ତେବେ ନିର୍ମାଣ ଅବଧି ଶେଷ ହେବାର ୪ ମାସ ପରେ ମଧ୍ୟ ଏହି ପ୍ରକଳ୍ପ କାର୍ଯ୍ୟ ସରିନାହିଁ।

ହମିରପୁର ମେଗା ବ୍ରିଜ୍ କମ୍ ବ୍ୟାରେଜ ପ୍ରକଳ୍ପ ପାଇଁ ୩୦୯କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଏହାକୁ ୨ଭାଗରେ ବିଭକ୍ତ କରି ନିର୍ମାଣ କାମ ଆରମ୍ଭ କରାଗଲା। ଗୋଟିଏ ପ୍ରକଳ୍ପ କୋଏଲ ନଦୀ ଉପରେ ବ୍ରିଜ୍ ଏବଂ ଦ୍ୱିତୀୟଟି ହେଉଛି ବ୍ୟାରେଜ ଭାବେ ନିର୍ମାଣ କରିବାକୁ ଧାର୍ଯ୍ୟ ହୋଇଥିଲା। ପ୍ରଥମ ପ୍ରକଳ୍ପ ବ୍ରିଜ୍ ମାଧ୍ୟମରେ କୁଆଁରମୁଣ୍ଡା କଚାରୁ ଗ୍ରାମପଞ୍ଚାୟତ ପସରା ଗାଁରୁ-ହମିରପୁରକୁ କୋଏଲ ନଦୀ ଉପରେ ଲୋକଙ୍କ ଯାତାୟାତ ସୁଗମ କରିବ। ଦ୍ୱିତୀୟ ପ୍ରକଳ୍ପ ବ୍ୟାରେଜ ମାଧ୍ୟମରେ କୋଏଲ ନଦୀ ଉପର ମୁଣ୍ଡରେ ନଦୀ ଜଳ ସଂରକ୍ଷିତ କରି ପାନୀୟ ଜଳ ଓ ଚାଷ କ୍ଷେତ୍ରରେ ଉପଯୋଗ ହେବ। ଏହି ମେଗା ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଆର୍‌ଏମ୍‌ସି ଅଧୀନ କୋଏଲ ନଗର, ଶକ୍ତି ନଗର, ଜବଦା, ଝିରପାଣି ଓ ଏନ୍‌ଆଇଟି କ୍ୟାମ୍ପସରେ ରହୁଥିବା ୨୫ହଜାର ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂରୀକରଣ ହେବ। ଏଥିସହ ୧୨ଶହ ହେକ୍ଟର ଚାଷଜମିକୁ ଜଳ ଯୋଗାଇବାକୁ ଲକ୍ଷ୍ୟ ରହିଥିଲା। ତେବେ ଦୀର୍ଘ ୩ବର୍ଷ ମଧ୍ୟରେ କୋଏଲ ନଦୀର ଉପର ମୁଣ୍ଡରେ ନଦୀ ଶଯ୍ୟାରେ କେବଳ ପ୍ଲିଣ୍ଟ କାମ ସମ୍ପୂର୍ଣ୍ଣ ହୋଇଛି। ଏଥିସହିତ ବ୍ୟାରେଜ ମଧ୍ୟରେ ୪ମିଟର ଯାଏ ଜଳ ସଂରକ୍ଷିତ ରହିବା ସହ ୪୫୨ମିଟର ବିଶିଷ୍ଟ ଡ୍ରେନ କାମର ୧୭୩ ମିଟର ସମ୍ପୂର୍ଣ୍ଣ ହୋଇଛି। ଲୁହାଗେଟ ସହିତ ସ୍ଲୁଇସ ଗେଟ୍ କାମ ଏଯାଏ ସମ୍ପୂର୍ଣ୍ଣ ହୋଇନାହିଁ। ଉକ୍ତ ପ୍ରକଳ୍ପ ଶୀଘ୍ର ସମ୍ପୂର୍ଣ୍ଣ ହେଲେ ରାଉରକେଲା ସମେତ ଆଖପାଖ ଅଞ୍ଚଳର ହଜାର ହଜାର ସାଧାରଣ ଜନତା ଏବଂ ଗରିବ ଚାଷୀକୁଳ ଉପକୃତ ହୋଇପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

ତେବେ ରାଉରକେଲାରେ ପୂର୍ବ ସରକାର ଦ୍ୱାରା ଶୁଭାରମ୍ଭ ହୋଇଥିବା ବହୁ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହେଉନାହିଁ ବୋଲି ବରିଷ୍ଠ ରାଜନେତା ବିରେନ ସେନାପତି ଅଭିଯୋଗ କରିଛନ୍ତି। ସେହିପରି ଉଭୟ ପ୍ରକଳ୍ପ ବର୍ଷା ପୂର୍ବରୁ ସମ୍ପାଦନ ହେବ ବୋଲି ଆଶା ଥିଲା। ମାତ୍ର ପରିତାପ ବିଷୟ ସମ୍ପୃକ୍ତ ବିଭାଗ ଓ ଠିକାଦାର କାମକୁ ଗଡେଇ ଚାଲିଛନ୍ତି। ଚଳିତ ବର୍ଷ ମଧ୍ୟ ନିର୍ମାଣ କାର୍ଯ୍ୟ ସରିବ ନା ନାହିଁ ତାହା ସନ୍ଦେହ ବୋଲି ସମାଜସେବୀ ପ୍ରଶାନ୍ତ ସେଠୀ କହିଛନ୍ତି। ଏ ସମ୍ପର୍କରେ ରାଉରକେଲା ଜଳ ବିଭାଜନ ବିଭାଗ ମୁଖ୍ୟ ଅଧିକାରୀ ଧନଞ୍ଜୟ କଳାଙ୍କୁ ପଚାରିବାରୁ ସେ କହିଲେ, ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଲଗାଣ ବର୍ଷା କାରଣରୁ ନଦୀ ଜଳସ୍ତର ବୃଦ୍ଧି ପାଇଁ ବନ୍ୟା ସୃଷ୍ଟି ହେବାରୁ ନିର୍ମାଣ କାର୍ଯ୍ୟ ସ୍ଥଗିତ ରଖାଯାଇଛି। ନଦୀ ଜଳ ସ୍ୱାଭାବିକ ହେବା ପରେ ନିର୍ମାଣ କାର୍ଯ୍ୟ ଆଗେଇବ ବୋଲି ଦର୍ଶାଇଥିଲେ।


ହମିରପୁର ବ୍ରିଜ୍ କମ୍ ବ୍ୟାରେଜ ପ୍ରକଳ୍ପ।


ବିରେନ ସେନାପତି


ପ୍ରଶାନ୍ତ ସେଠୀ

# ସମ୍ବଲପୁରୀ ଭାଷା, ସାହିତ୍ୟର ଜନକ ଥିଲେ ସତ୍ୟନାରାୟଣ


କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ର।

## ରାଉରକେଲା କଲେଜରେ ସମ୍ବଲପୁରୀ ଦିନ୍ ପାଳିତ

ରାଉରକେଲା,୧।୮ (ବିପ୍ଳବ ରଞ୍ଜନ ଦାଶ)

ସେକ୍ଟର-୪ ସ୍ଥିତ ରାଉରକେଲା କଲେଜରେ ଶୁକ୍ରବାର ସମ୍ବଲପୁରୀ ଦିନ୍ ମହାସମାରୋହରେ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ରବିନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତା ଓ ପ୍ରଶାସନିକ ଅଧିକାରୀ ରଶ୍ମିରଞ୍ଜନ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଯୋଗଦେଇ ସମ୍ବଲପୁରୀ ଦିନ୍ ପାଳନର ଆଭିମୁଖ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ଡ. ଜେନା ତାଙ୍କ ବକ୍ତବ୍ୟରେ କହିଲେ, ସମ୍ବଲପୁରୀ ଭାଷା ଓ ସାହିତ୍ୟର ଜନକ କବିଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନକୁ ସମ୍ବଲପୁର ଦିନ୍ ଭାବେ ପାଳନ କରାଯାଉଛି। ସମ୍ବଲପୁରୀ ଭାଷା ଓ ସାହିତ୍ୟ ପ୍ରତି ତାଙ୍କର ଯେଉଁ ଅବଦାନ ରହିଛି ପଶ୍ଚିମ ଓଡିଶାବାସୀଙ୍କ ପାଇଁ ତାହା ଅବିସ୍ମରଣୀୟ। ଏହାସହ ତାଙ୍କ ଲିଖିତ ପୁସ୍ତକ ଓ ପୁରସ୍କାର ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟ ଅଧ୍ୟାପିକା ଅଧ୍ୟାପକଙ୍କ ମଧ୍ୟରେ ଭାରତୀ ବରୁଆ, ବନ୍ଦନା ସୋରେନ, ମନୋଜ କୁମାର ଦଳେଇ, ରଶ୍ମିପ୍ରଭା ମଥାନ, କରୁଣାକର ପାଢଶାଣୀ, ରଞ୍ଜିତ ପ୍ରଧାନ, ଦୀପାଳି ପ୍ରଧାନ, ତରଣୀ ନାୟକ, ଅଜିତ ବେକ୍, ଅରୁଣ ଏକ୍କା, ସୌମ୍ୟରଞ୍ଜନ ପ୍ରଧାନ, ଦିଲୀପ କୁମାର ମୁଦୁଲି, ପ୍ରିୟଙ୍କା ପଲେଇ, ସୁମନ ଡୁଙ୍ଗଡୁଙ୍ଗ, ଶ୍ରଦ୍ଧାଞ୍ଜଳି ସାହୁ, ଶ୍ରଦ୍ଧାମୟୀ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସମସ୍ତେ ସମ୍ବଲପୁରୀ ପୋଷାକ ପିନ୍ଧି ଓ ମିଷ୍ଟାନ୍ନ ବଣ୍ଟନ କରି ଏହି ଦିବସକୁ ଧୁମ୍‌ଧାମ୍‌ରେ ପାଳନ କରିଥିଲେ।

# ବନ୍ଧମୁଣ୍ଡାରେ ବଢ଼ୁଛି ଚୋରି, ପୋଲିସ ହାତ ଖାଲି

ରାଉରକେଲା/ବନ୍ଧମୁଣ୍ଡା,୧।୮ (ସଙ୍ଗୀତା ଜେନା/ସୁବ୍ରତ ଡେ):

ବନ୍ଧମୁଣ୍ଡା ଅଞ୍ଚଳରେ ଚୋରି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଗତ ୨ ସପ୍ତାହ ମଧ୍ୟରେ ବନ୍ଧମୁଣ୍ଡା ସି ସେକ୍ଟର ଅଞ୍ଚଳରେ ୩ଟି ଚୋରି ହୋଇଥିବା ବେଳେ ସ୍ଥାନୀୟ ପୋଲିସ ଏଯାଏ କାହାକୁ ଗିରଫ କରିପାରିନାହିଁ। ଗତ ମଙ୍ଗଳବାର ମଧ୍ୟରାତ୍ରିରେ ସି ସେକ୍ଟର ମୁଖ୍ୟରାସ୍ତା ପାର୍ଶ୍ୱରେ ରହୁଥିବା ଆଶିଷ ସିଂହଙ୍କ ଘର ଗ୍ୟାରେଜରେ ଥିବା ବାଇକ୍ ଚୋରି ହୋଇଥିଲା। ଏ ନେଇ ବୁଧବାର ଥାନାରେ ଏତଲା ହୋଇଥିଲା। ସେହିପରି ଜୁଲାଇ ୧୪ ତାରିଖ ରାତିରେ ରେଳବାଇ କଲୋନିର ଏକ ରାଶନ ଦୋକାନ ଛାତ ଭାଙ୍ଗି ଲକ୍ଷାଧିକ ଟଙ୍କାର ରାଶନ ସାମଗ୍ରୀ ଚୋରି ହୋଇଥିଲା ଅନୁରୂପ ଭାବେ ଗତ ସପ୍ତାହରେ ରେଳବାଇ ହସ୍ପିଟାଲ ପାର୍କିଂରୁ ଏକ ବାଇକ ଚୋରି ହୋଇଥିଲା। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପୋଲିସ କୌଣସି ସୁରାକ ପାଇନାହିଁ। ଏ ସମ୍ପର୍କରେ ଥାନାଧିକାରୀ ଶ୍ରୀକାନ୍ତ ଖମାରୀଙ୍କୁ ପଚାରିବାରୁ ସେ କହିଲେ, ଏପର୍ଯ୍ୟନ୍ତ କୌଣସି ଅଭିଯୁକ୍ତ ଧରାପଡ଼ିନାହାନ୍ତି। ସବୁ ମାମଲା ତଦନ୍ତ ପରିସରଭୁକ୍ତ ରହିଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଶୀଘ୍ର ଧରାଯିବ ବୋଲି ଖମାରୀ କହିଥିଲେ।

# ବିଓଏଫ୍ ସ୍ଲାଗ୍ ନିଷ୍କାସନରେ ଆର୍‌ଏସ୍‌ପିର ରେକର୍ଡ ହାସଲ

ରାଉରକେଲା,୧।୮ (ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ସାମଗ୍ରୀ ପୁନରୁଦ୍ଧାର ବିଭାଗ (ଏମ୍‌ଆର୍‌ଡି) ପକ୍ଷରୁ ଜୁଲାଇ ୩୦ ତାରିଖରେ ୪୬୮୩ଟନ୍ ଓଜନର ୧୭୩ ଟ୍ରିପ୍ ବିଓଏଫ ସ୍ଲାଗ୍ ନିଷ୍କାସନ ପୂର୍ବକ ସ୍ଲାଗ ନିଷ୍କାସନରେ ସଦ୍ୟତମ ନୂତନ ଏକଦିବସୀୟ ରେକର୍ଡ ସ୍ଥାପନ କରିଛି। ଏହି ସଫଳତା ଗତ ଜୁଲାଇ ୨୩ ଏବଂ ୨୪ତାରିଖରେ ଯଥାକ୍ରମେ ୧୫୨ଟ୍ରିପ୍ ଏବଂ ୧୬୪ଟ୍ରିପ ସ୍ଲାଗ ନିଷ୍କାସନର ଦୁଇଟି ଲଗାତାର ରେକର୍ଡ ସ୍ଥାପନ କରିବା ପରେ ସ୍ୱଳ୍ପ ଦିନ ବ୍ୟବଧାନରେ ହାସଲ ହୋଇଛି, ଯାହା ବିଭାଗର କ୍ରମବର୍ଦ୍ଧିଷ୍ଣୁ ଦକ୍ଷତା ଓ ସ୍ଥିରତାକୁ ପ୍ରତିଫଳିତ କରୁଛି। ସାମଗ୍ରୀ ପରିଚାଳନା ବିଭାଗ ବିପଣନ ଶାଖା, ସିଆଇଏସ୍‌ଏଫ୍ ସମେତ ଅନ୍ୟାନ୍ୟ ସମ୍ପୃକ୍ତ ଏଜେନ୍ସିଗୁଡିକର ଘନିଷ୍ଠ ସହଯୋଗରେ ଟିମ୍ ଏମ୍‌ଆର୍‌ଡିର ସାମୂହିକ ପ୍ରତିବଦ୍ଧତା, ନିରବଛିନ୍ନ ଦଳଗତ କାର୍ଯ୍ୟ ଏବଂ ଅକ୍ଳାନ୍ତ ପ୍ରୟାସ ଦ୍ୱାରା ଏହି ଉଲ୍ଲେଖନୀୟ ପ୍ରଦର୍ଶନ ସମ୍ଭବ ହୋଇପାରିଛି। ଶୀର୍ଷ ପରିଚାଳନାର ନିରନ୍ତର ପ୍ରୋତ୍ସାହନ ଏବଂ ରଣନୈତିକ ମାର୍ଗଦର୍ଶନ ସଫଳତାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଉଲ୍ଲେଖନୀୟ, ବିଓଏଫ ସ୍ଲାଗ୍ ଭଳି ଉପ-ଉତ୍ପାଦଗୁଡିକୁ ଦକ୍ଷତାର ସହିତ ପରିଚାଳନା କରି ଏମ୍‌ଆର୍‌ଡି ଆର୍‌ଏସ୍‌ପିର ସ୍ଥାୟିତ୍ୱ ଅଭିଯାନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ପ୍ରଭାବଶାଳୀ ନିଷ୍କାସନ ପ୍ରକ୍ରିୟା ନା କେବଳ ପରିବେଶଗତ ଭାରକୁ ହ୍ରାସ କରୁଛି ବରଂ କମ୍ପାନୀ ପାଇଁ ମୂଲ୍ୟବାନ ରାଜସ୍ୱ ମଧ୍ୟ ସୃଷ୍ଟି କରୁଛି। ଏହାବ୍ୟତୀତ ଏହା ସମ୍ବଳର ସର୍ବଶ୍ରେଷ୍ଠ ଉପଯୋଗରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି ଏବଂ କାରଖାନାର ସବୁଜ ଇସ୍ପାତ ନିର୍ମାଣ ଦୃଷ୍ଟିକୋଣ ସହ ସମନ୍ୱିତ ରହିଛି।


ଆର୍‌ଏସ୍‌ପିରେ ସ୍ଲାଗ ନିଷ୍କାସନ କରାଯାଉଛି।


## TP SOUTHERN ODISHA DISTRIBUTION LIMITED
(Procurement Department)

TPSODL

BPR North Star Building,
2nd Floor, Khodasingi, Berhampur, Odisha-760010

**NOTICE INVITING TENDER**

Dt.: 02.08.2025

**TP Southern Odisha Distribution Ltd.** invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for shifting of HT & LT lines with S/S due to construction of Flyover at Gate bazar Chowk, Berhampur | TPSODL/OT/2025-26/2500001031 | 7,00,000/- | 5,000 | 11.08.2025; 18:00 Hrs. |
| 2 | Rate Contract for Hiring Services of Commercial Vehicles at Various Locations, TPSODL, Odisha. | TPSODL/OT/2025-26/2500001033 | 5,00,000/- | 5,000 | 11.08.2025; 18:00 Hrs. |

For detailed tender, please visit Tender Section on TPSODL website **https://www.tpsouthernodisha.com**



## GOVERNMENT OF ODISHA
## OFFICE OF THE EXECUTIVE ENGINEER, P.H. DIVISION, BALASORE

Phone : 9438660004, e-mail : eephbls@gmail.com

NATIONAL COMPETITIVE BIDDING THROUGH e-Procurement (Online Mode)

Invitation for Bids (IFB) dt.29.07.2025

**No.C-779** : The Superintending Engineer, P.H. Division, Balasore on behalf of Governor of Odisha, invites Item Rate bids in Double cover system in ONLINE mode only.

| Sl. No. | Name of the Work | Bid Identification No. | Value of Work (Rs. In Lakh) | Class of contractor | Period of Completion | Availability of bid documents for online bidding | | Last date and time of seeking Clarification | Date & Time of opening of technical bid |
|---|---|---|---|---|---|---|---|---|---|
| | | | | | | From | To | | |
| 1 | Supply of ISI Marked DI (K7/K9) pipes for the work laying of clear water rising main DI K9 to all zonal reservoirs of Balasore Municipality from MBR | SEPHBLS-06 dt.29.07.2025 | 595.53 | Manufacturer | 60 (Sixty Days) | 11:00 Hrs. of dt.05.08.2025 | 17:00 Hrs. of dt.20.08.2025 | 17:00 Hrs. of 14.08.2025 | 11:00 Hrs. of 21.08.2025 |

The bidders shall have to participate in ONLINE bidding only. Further details can be seen from the website : http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.

Name and Address of the officer inviting bid : The Superintending Engineer, P.H. Division, Balasore - 756056, Odisha, **Phone : 9438660004**

OIPR-13053/11/0027/2526 — Sd./- Superintending Engineer, P.H.Division, Balasore



## महानिदेशक एवं पुलिस महानिरीक्षक का कार्यालय, झारखण्ड, राँची।

सूचना पट्ट निविदा आमंत्रण सूचना सं0– 11/2025–26

**Poly Carbonate Lathi – 450 Nos.** की आपूर्ति हेतु GST निबंधित फर्मो से दिनांक -11.08.2025 को समय - 16:00 बजे तक मुहरबन्द निविदाएं आमंत्रित की जाती है :–

नियम एवं शर्तें :–

1. ईच्छुक फर्म अपने लेटर पैड पर निविदा दो भागों – तकनीकी एवं वित्तीय भाग में देंगे। तकनीकी भाग में GST, पैन नम्बर तथा पूर्व में किसी सरकारी संस्थानों में समान/समरूप उपकरण आपूर्ति संबंधी प्रमाण–पत्र की छाया प्रति संलग्न करना अनिवार्य होगा।
2. परिशिष्ट–01 के रूप में संलग्न विहित प्रपत्र के अनुसार वित्तीय भाग समर्पित करेंगे। वित्तीय भाग में अंकित दर अंको/अक्षरों में होगी और उसमें कोई कटींग अथवा ओभर राईटींग मान्य नहीं होगा। ऐसी निविदा को अस्वीकृत कर दिया जायेगा।
3. **Poly Carbonate Lathi** का **Specifications** परिशिष्ट –02 के रूप में संलग्न है। उक्त Specifications के अनुरूप सामग्रियों की आपूर्ति करना अनिवार्य होगा। Specifications के अनुरूप सामग्रियों की आपूर्ति नहीं करने पर आपूर्ति स्वीकार नहीं किया जायेगा।
4. क्रयादेश निर्गत करने से पूर्व Procurement Committee आवश्यकतानुसार नमूना की माँग कर सकती है।
5. **Poly Carbonate Lathi** की आपूर्ति केन्द्रीय भण्डार, होटवार, राँची में करना अनिवार्य होगा।
6. निविदा के दोनों भाग (तकनीकी एवं वित्तीय) को अलग–अलग लिफाफा में सील कर दोनों के उपर अलग–अलग यथा "तकनीकी भाग" एवं "वित्तीय भाग" लिख कर एक अन्य लिफाफा में डालकर और उसे भी सील कर अधोहस्ताक्षरी के पदनाम से भेजना होगा। लिफाफा के उपर फर्म का नाम लिखा रहना अनिवार्य होगा।
7. निविदा का तकनीकी भाग एवं वित्तीय भाग दिनांक- 12.08.2025 को समय-12:00 बजे **Procurement Committee** के समक्ष अधोहस्ताक्षरी के कार्यालय कक्ष में खोली जायेगी। निविदा खुलने के समय निविदादाता या उनके प्रतिनिधि उपस्थित रह सकते हैं। जिस निविदादाता का तकनीकी भाग सही पाया जायेगा, केवल उन्हीं का वित्तीय भाग Procurement Committee के समक्ष खोली जायेगी।
8. निविदा समर्पित करने के पश्चात् निविदा से संबंधित किसी प्रकार का कागजात स्वीकार नहीं किया जायेगा।
9. महानिदेशक एवं पुलिस महानिरीक्षक, झारखण्ड, राँची को यह अधिकार सुरक्षित होगा कि बिना कारण बताये निविदा को रद्द कर सकेंगे।
10. सम्पूर्ण निविदा दस्तावेज (परिशिष्ट–01 एवं 02 सहित) झारखण्ड पुलिस के वेबसाईट www.jhpolice.gov.in पर उपलब्ध है। कार्यालय दिवस के दौरान पुलिस मुख्यालय, झारखण्ड, राँची से भी सम्पूर्ण निविदा दस्तावेज प्राप्त कर सकते हैं।

पुलिस महानिरीक्षक (प्रोविजन), झारखण्ड, राँची।

PR 358730 Police(25-26)D



## CAREER APPOINTMENT
ON EVERY WEDNESDAY & SATURDAY

B/W : ₹. 350 per sq.cm
Colour : ₹. 400 per sq.cm

PAY FOR 1, GET 1 FREE

For Bookings
Call : 0674-2580385
Email : advt@dharitri.com



## REQUIRED

Contract Specialist, Designers, Architect, Project Managers, DPM, Site Engineers, Surveyors, QS, QC for Civil (Roads, Bridges, Buildings, Pipelines, STP/WTP & OTH) Works and experienced Mechanical Staff, Accountants, HR, CA, Social Expert, Purchase & Stores @ Telangana & PAN India. Preference: Male.

CONTACT:
hr.hyd@keystoneinfra.com, 9393645644 | 7901031633



See Career Appointment on every Wednesday & Saturday



## WANTED

**Marketing Staff** for a Reputed Real Estate Company on the Basis of Monthly Salary of Rs.10,000/- per Month. Kindly Contact- **At: SPPL, N1/200, IRC Village, Nayapalli, Bhubaneswar-15, Cell: 9937605789**



## ଧରିତ୍ରୀ DHARITRI Oriya daily — WANTED

| POSITION | ELIGIBILITY | LOCATION |
|---|---|---|
| ACCOUNTS EXECUTIVES | ▸ Candidates should have at least 3 years+ experience in the field of Accounts. ▸ Experience should include cash register maintenance, day to day accounting, MIS, Verification of Bills and Tally entry. ▸ Proficiency in MS Excel, MS Word & Tally is a must. | BHUBANESWAR |
| CIRCULATION EXECUTIVES | ▸ 2-3 years sales experience in print media. ▸ Oversee distribution to subscribers, retailers & customers. ▸ Willingness to travel & keep in touch with agents. Collection of outstanding dues. Own bike or transport will be preferred. ▸ Proficiency in MS-Office. | BHUBANESWAR, ANGUL & SAMBALPUR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com



## इंस्टीट्यूट ऑफ बैंकिंग पर्सोनेल सिलेक्शन®
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)

## INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)

असेसमेंट में, हम पर भरोसा रखता है भारत — In assessment, India trusts us

वेबसाईट देखने हेतु स्कैन करें — Scan to visit Website

**ସିଆର୍‌ପି ସିଏସ୍‌ଏ - XV**

**ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ କଷ୍ଟମର ସର୍ଭିସ୍ ଆସୋସିଏଟ୍ସ (CSA)ଙ୍କ ନିଯୁକ୍ତି ପାଇଁ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୬-୨୭ର ଖାଲିପଦବୀଗୁଡ଼ିକ ନିମନ୍ତେ)**

ଅଧିକୃତ ୱେବ୍‌ସାଇଟ୍: www.ibps.in

ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.inରେ ଲଗ୍ ଇନ୍ କରନ୍ତୁ

ଅଂଶଗ୍ରହଣକାରୀ ସର୍ବସାଧାରଣ କ୍ଷେତ୍ରୀୟ ବ୍ୟାଙ୍କଗୁଡ଼ିକରେ **କଷ୍ଟମର ସର୍ଭିସ୍ ଆସୋସିଏଟ୍ସ** [Customer Service Associates (CSA)] ପଦବୀ ନିମନ୍ତେ କର୍ମଚାରୀଙ୍କ ନିଯୁକ୍ତି ଏବଂ ଚୟନ ଲାଗି ଆଗାମୀ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରୀ ଓ ମେନ୍) ସମ୍ଭାବ୍ୟ ରୂପେ ଅକ୍ଟୋବର, ୨୦୨୫ ଓ ନଭେମ୍ବର, ୨୦୨୫ ମାସରେ ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଧାରିତ ହୋଇଛି।

**ଗୁରୁତ୍ୱପୂର୍ଣ୍ଣ ତାରିଖ**

| ଗତିବିଧି | ସମୟରେଖା |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ଆବେଦନର ସମ୍ପାଦନା/ପରିବର୍ତ୍ତନ | ୦୧.୦୮.୨୦୨୫ରୁ ୨୧.୦୮.୨୦୨୫ |
| ଆବେଦନ ଦେୟ/ଇଣ୍ଟିମେସନ ଶୁଳ୍କ ପୈଠ | ୦୧.୦୮.୨୦୨୫ରୁ ୨୧.୦୮.୨୦୨୫ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ | ସେପ୍ଟେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରୀ | ଅକ୍ଟୋବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରୀର ଫଳାଫଳ | ଅକ୍ଟୋବର/ନଭେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ନଭେମ୍ବର, ୨୦୨୫ |
| ପରୀକ୍ଷାମୂଳକ ଆବଣ୍ଟନ | ମାର୍ଚ୍ଚ, ୨୦୨୬ |

**ବିବରଣୀ ତଥା ଅପଡେଟ୍ସ ପାଇଁ www.ibps.in ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।**

ସିଆର୍‌ପି ସିଏସ୍‌ଏ XV ନିମନ୍ତେ ଆବେଦନ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ସବିଶେଷ ଅଧିସୂଚନାକୁ ଯତ୍ନପୂର୍ବକ ପଢ଼ିବା ତଥା ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ନିର୍ଦ୍ଧାରିତ ତାରିଖରେ ସେମାନେ ଯେପରି ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଛନ୍ତି ତାହା ସୁନିଶ୍ଚିତ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି। ପ୍ରାର୍ଥୀମାନେ ସବିଶେଷ ଅଧିସୂଚନାରେ ଦର୍ଶିତ ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ଜରୁରୀ।

**ମୁମ୍ବାଇ**
**ତାରିଖ: ୦୧.୦୮.୨୦୨୫** — **ନିର୍ଦ୍ଦେଶକ**



## SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH
DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)
(MINISTRY OF SOCIAL JUSTICE & EMPOWERMENT, GOVT. OF INDIA)
OLATPUR, P.O.-BAIROI, DIST-CUTTACK-754010, ODISHA

**RECRUITMENT NOTICE**

Applications are invited from the eligible candidates for the following posts:

**Adv. No.: AD6B10/07/2025 Dated: 31.07.2025**
**(Regular Posts for SVNIRTAR, Cuttack)**

| Sl. No. | Name of the Post | Pay Matrix Level | Category | No. of posts |
|---|---|---|---|---|
| 1 | Nursing Sister | Level-08(Group - B) | UR | 01 |
| 2 | Clinical Psychologist-cum- Junior Lecturer | Level-07(Group - B) | UR | 01 |
| 3 | Demonstrator (Physiotherapy) | Level-06(Group - B) | UR | 01 |
| 4 | Demonstrator (Prosthetics & Orthotics) | Level-06(Group - B) | OBC | 01 |
| 5 | Junior Store Keeper | Level-02(Group - C) | UR | 01 |

**Adv. No.: AD6B19/08/2025 Dated: 31.07.2025**
**(Consultant Posts for SVNIRTAR, Cuttack & CRCSRE- Shillong)**

| Sl. No. | Name of the post | Consolidated monthly remuneration | No. of posts |
|---|---|---|---|
| 01 | Assistant Professor (Clinical Psychology) (Consultant) | Rs.75,000/- | 02 (1 - SVNIRTAR, Cuttack) (1 - CRCSRE, Shillong) |

The aspiring applicants fulfilling the eligibility criteria in all respect may send their applications as per prescribed format to **"The Director, Swami Vivekanand National Institute of Rehabilitation Training & Research, At-Olatpur, PO: Bairoi, Dist- Cuttack, Odisha, Pin-754010"**. The detailed advertisement, terms and conditions, educational qualification and experience criteria, application form, etc. can be downloaded from the official websites i.e. **https://svnirtar.nic.in / https://crcguwahati.nic.in,https://crcranchi.nic.in & https://crcshillong.nic.in/.**

Sd/-
Director

# 'ପଶ୍ଚିମ ଓଡ଼ିଶାର ଇତିହାସ ମନେରଖିବେ ପରପିଢ଼ି'

ଝାରସୁଗୁଡ଼ା,୧।୮(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ଏମ୍‌ସିଏଲ୍ ଅଡିଟୋରିୟମଠାରେ ସମ୍ବଲପୁରୀ ଭାଷା ସାହିତ୍ୟ ଓ ସଂସ୍କୃତି ମଞ୍ଚ ପକ୍ଷରୁ ଶୁକ୍ରବାର ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସମେତ ମଞ୍ଚର ସଦସ୍ୟ, ସାମାଜିକ କର୍ମୀ, ଛାତ୍ରୀଛାତ୍ର, ସହରର ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଏକ୍‌ଜୁଟ ହୋଇ ରେଳଷ୍ଟେଶନ ଛକସ୍ଥିତ କନକ ଦୁର୍ଗାମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଶୋଭାଯାତ୍ରାରେ ଏମ୍‌ସିଏଲ୍ ଅଡିଟୋରିୟମରେ ପହଞ୍ଚିଥିଲେ। ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନକୁ ସମ୍ବଲପୁରୀ ଦିନ୍ ଭାବେ ପାଳନ କରାଯାଉଥିବାରୁ ଅଡିଟୋରିୟମରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କହିଛନ୍ତି, ପଶ୍ଚିମ ଓଡ଼ିଶାର କଳା, ସାହିତ୍ୟକୁ ବଞ୍ଚାଇବା ପାଇଁ ଏହା ଏକ ସ୍ମରଣୀୟ ଦିନ। ସେହିପରି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ଆମର ପରପିଢ଼ୀ ପଶ୍ଚିମ ଓଡ଼ିଶାର ଇତିହାସ ମନେ ରଖିବା ପାଇଁ ସମ୍ବଲପୁରୀ ଦିନ୍ ପାଳନ ଏକ ମାଧ୍ୟମ। ଏମ୍‌ପି ପ୍ରଦୀପ ପୁରୋହିତ କହିଛନ୍ତି, ଗୁରୁ ସତ୍ୟନାରାୟଣ ବହିଦାର ପଶ୍ଚିମ ଓଡ଼ିଶା ପାଇଁ ଗର୍ବ ଓ ଗୌରବ। ବିଧାୟକ ତ୍ରିପାଠୀ କହିଛନ୍ତି, ସମ୍ବଲପୁରୀ ଦିନ୍ ପଶ୍ଚିମ ଓଡ଼ିଶା ପାଇଁ ଗୌରବର ଦିନ। ଏହି ଅବସରରେ ବ୍ୟଙ୍ଗକବି ମନ ମାଷ୍ଟ୍ରେ, ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଗାୟକ ଶାଶ୍ୱତ ତ୍ରିପାଠୀ, ଗାୟିକା ତପସ୍ୱିନୀ ଦାସ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିସହ ଫ୍ୟାସନ ଶୋ, ସମ୍ବଲପୁରୀ ନୃତ୍ୟ, ସଙ୍ଗୀତ ପରିବେଷିତ ହୋଇଥିଲା। ମଞ୍ଚର ସଂଯୋଜକ ସୁବ୍ରତ ତ୍ରିପାଠୀ, ମନୋରଞ୍ଜନ ମହାପାତ୍ର, ବିମଳେନ୍ଦୁ ଭୋଲ, ମାନସୀ ପଣ୍ଡା, ବିଜୟ ବେହେରା, ତରୁଣ ଗିଦ୍ୱାନିଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମନ୍ତ୍ରୀ, ଏମ୍‌ପି, ବିଧାୟକଙ୍କ ସହ ଅନ୍ୟ ଅତିଥିବୃନ୍ଦ।

**ସମ୍ବଲପୁରୀ ଦିନ୍ ପାଳିତ**

# କେବୁଲ୍ କମ୍ପାନୀର ମନମୁଖି କାର୍ଯ୍ୟକୁ ବିରୋଧ

ବ୍ରଜରାଜନଗର,୧।୮(ବିଜୟ ବରାଡ଼)

ସ୍ଥାନୀୟ ଗାନ୍ଧୀଛକରୁ ସହର ମଧ୍ୟକୁ ଯାଇଥିବା ରାସ୍ତାପାର୍ଶ୍ୱରେ ଏକ କମ୍ପାନୀ ପକ୍ଷରୁ କେବୁଲ୍ ବିଛାଇବା କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ବିଭିନ୍ନ ସ୍ଥାନରେ ଗାତ ଖୋଳାଯାଇଛି। ହେଲେ ଏହାକୁ ମୁକୁଳା ଛାଡ଼ି ଦିଆଯାଇଥିବାରୁ ଦୁର୍ଘଟଣା ଘଟୁଛି। ଶୁକ୍ରବାର ଖାଲିଆକାନି ହସ୍ପିଟାଲ ଛକରେ ଗୋଟିଏ ଗାଈ ଗାତରେ ଖସିପଡିଥିଲା। ଗାଈକୁ ଉଦ୍ଧାର କରିବା ପାଇଁ ସ୍ଥାନୀୟ ଯୁବକମାନଙ୍କୁ ନାକେଦମ ହେବାକୁ ପଡିଥିଲା। ଖୋଳା ଯାଇଥିବା ଗାତ ଚତୁଃପାର୍ଶ୍ୱରେ ବ୍ୟାରିକେଡ୍ କିମ୍ବା ସୁରକ୍ଷା ଫିତା ବାନ୍ଧିବାର ନିୟମ ରହିଛି। ହେଲେ କାମ କରୁଥିବା ଅଧିକାରୀଙ୍କ ବେପରୁଆ ମନୋଭାବ ଯୋଗୁ ଜନସାଧାରଣ ଓ ପ୍ରାଣୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ୨ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ଉଦ୍‌ଘାଟିତ

ଝାରସୁଗଡ଼ା/କିର୍ମିରା,୧।୮(ଆଶିଷ ରଞ୍ଜନ ଦାଶ/ସୁରେଶ ଜୟପୁରିଆ)

ଝାରସୁଗୁଡ଼ା ଜିଲା ଲଇକେରାସ୍ଥିତ ମୁଦ୍ରାଯୋର ସ୍ୱାସ୍ଥ୍ୟକେନ୍ଦ୍ର ଓ କିର୍ମିରାଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଭୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲାପାଳ କୁନାଲ ମୋତିରାମ ଚୌହାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମହେଶ ମୋହନ ପଣ୍ଡାଙ୍କ ସହିତ ଜିଲାସ୍ତରୀୟ ଅଧିକାରୀ ଓ ଜନ ପ୍ରତିନିଧି ଉପସ୍ଥିତ ଥିଲେ।

# ଏଲ୍‌ଏନ୍ କଲେଜରେ ସମ୍ବଲପୁରୀ ଦିନ୍ ପାଳିତ

ଝାରସୁଗୁଡ଼ା,୧।୮(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାସ୍ଥିତ ଏଲ୍‌ଏନ୍ କଲେଜରେ ସମ୍ବଲପୁରୀ ଦିନ୍ ପାଳିତ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁ ପୌରୋହିତ୍ୟ କରିଥିଲେ। ପ୍ରାଧ୍ୟାପିକା ପୂର୍ଣ୍ଣିମାମୟୀ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପ୍ରାଧ୍ୟାପକ ତପନ କୁମାର ବାରିକ, ବ୍ରଜେଶ କୁମାର ସାହୁ, ପ୍ରାଧ୍ୟାପିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତ, ଅଧ୍ୟାପକ ଡ. ଲାଲଧାରୀ ସିଂ, ହିମାଂଶୁ ଶେଖର ମହାକୁର ପ୍ରମୁଖ ଯୋଗଦେଇ ସମ୍ବଲପୁରୀ ଭାଷା ସାହିତ୍ୟର ବିକାଶ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସମ୍ବଲପୁରୀ ଭଜନ ଓ ଦେଶାତ୍ମକବୋଧକ କବିତା ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଭାଗ ନେଇଥିଲେ।

## ବିଭିନ୍ନ ସ୍ଥାନରେ ସମ୍ବଲପୁରୀ ଦିନ୍

# 'ସମ୍ବଲପୁରୀ ଭାଷାକୁ ସରକାର ମାନ୍ୟତା ଦିଅନ୍ତୁ'

ବ୍ରଜରାଜନଗର, ୧।୮ (ବିଜୟ ବରାଡ଼)

ବ୍ରଜରାଜନଗର ପୌରପରିଷଦ କଲ୍ୟାଣ ମଣ୍ଡପଠାରେ ପଶ୍ଚିମ ଓଡ଼ିଶା ବିକାଶ ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ବିକାଶ ମଞ୍ଚ ସଭାପତି ରୁକ୍ମଣ ଧୁରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କହିଛନ୍ତି, ସମ୍ବଲପୁରୀ ଭାଷାକୁ ସରକାର ମାନ୍ୟତା ଦିଅନ୍ତୁ। ଏଥିସହ ସେ କବି ଗଙ୍ଗାଧର ମେହେର, କବି ଭୀମ ଭୋଇଙ୍କୁ ମନେ ପକାଇବା ସହିତ ସ୍ୱର୍ଗତ ସତ୍ୟନାରାୟଣ ବହିଦାରଙ୍କ ସ୍ମୃତିଚାରଣ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ଜିଲା ଭାଜପା ସଭାପତି ରଘୁନନ୍ଦନ ପଣ୍ଡା, ପୂର୍ବତନ ନଗରପାଳ ଜୟନ୍ତ ଦୀକ୍ଷିତ, ପୂର୍ବତନ ଜିଲା ସଭାପତି ପ୍ରମୋଦ ସେନାପତି, ଏମ୍‌ପିଙ୍କ ପ୍ରତିନିଧି ସୁନିଲ ଦାଶ, ବରିଷ୍ଠ ଭାଜପା ନେତା ଅମରେନ୍ଦ୍ର ରାୟ, ରାଧେଶ୍ୟାମ ପ୍ରଧାନ, ନୋବେଲ ଅଗ୍ରୱାଲ, ଲଖନପୁର ସରପଞ୍ଚ ଆରତୀ ପ୍ରଧାନ, ମମତା ପଟେଲ, ସଞ୍ଜୁକ୍ତା ବାର୍ଲା, ଶିକ୍ଷାବିତ୍ ପ୍ରଶାନ୍ତ ପାଟଯୋଶୀ, ସୁଶୀଲ ପୁରୋହିତ ଯୋଗଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ପ୍ରତିଭାଶାଳୀ ବ୍ୟକ୍ତିଙ୍କୁ ବିକାଶ ମଞ୍ଚ ପକ୍ଷରୁ ସମ୍ମାନିତ କରାଯାଇଥିଲା।

## ଶିକ୍ଷା ନିକେତନ ସ୍କୁଲ

ବ୍ରଜରାଜନଗରସ୍ଥିତ ଶିକ୍ଷା ନିକେତନ ସ୍କୁଲରେ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ଜୟନ୍ତ ଦୀକ୍ଷିତ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରଜରାଜନଗର କଲେଜର ପୂର୍ବତନ ଅଧ୍ୟାପକ ଶ୍ୟାମ ସୁନ୍ଦର ଧର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସହରର ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ସମ୍ବଲପୁରୀ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ପାର୍ଥ ସରକାର, ସୋନୁ ଜେଟିକ୍ସ, ଶ୍ରୀୟା ରଞ୍ଜନ ଉପସ୍ଥିତ ଥିଲେ। ପ୍ରତିଯୋଗୀତାରେ ଇବ୍ ଭ୍ୟାଲି ଡିଏଭି ସ୍କୁଲ ପ୍ରଥମ, ଶିକ୍ଷା ନିକେତନ ସ୍କୁଲ ଦ୍ୱିତୀୟ ଓ ରାମପୁର କୋଲିଆରୀ ହାଇସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲା। ଆଗାମୀ ଦିନରେ ସରକାର ସାହିତ୍ୟ ବହିରେ ସମ୍ବଲପୁରୀ ଭାଷାରେ ଏକ ଅଧ୍ୟାୟ ରଖିବା ପାଇଁ ପରିଚାଳନା କମିଟି ସଭାପତି ଜୟନ୍ତ ଦୀକ୍ଷିତ ଦାବି ରଖିଥିଲେ। ସ୍କୁଲ ଅଧ୍ୟକ୍ଷ ଏନ୍‌ଜଲୋ ଶେନ ସାଉତୱେଲ ମଞ୍ଚ ପରିଚାଳନା କରିଥିଲେ। ପରିଚାଳନା କମିଟି ସମ୍ପାଦକ ଅଶୋକ ସା, କୋଷାଧ୍ୟକ୍ଷ ପୀତାମ୍ବର ଗଡତିଆ ମଞ୍ଚାସୀନ ଥିଲେ। ସ୍କୁଲର ସହକାରୀ ଅଧ୍ୟକ୍ଷ ବୀରେନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।



ବ୍ରଜରାଜନଗରସ୍ଥିତ ଶିକ୍ଷା ନିକେତନ ସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

## ଇବ୍‌ଭ୍ୟାଲି ସମ୍ବଲପୁରୀ ପରିବାର

ସମ୍ବଲପୁରୀ ପରିବାର ଜିଏମ୍ ୟୁନିଟି ଇବ୍‌ଭ୍ୟାଲି କୋଇଲା କ୍ଷେତ୍ର ପକ୍ଷରୁ ସମ୍ବଲପୁରୀ ଦିନ୍ ପାଳିତ ହୋଇଥିଲା। ଏହି ଅବସରରେ ଜିଏମ୍ କମ୍ପ୍ଲେକ୍ସସ୍ଥିତ ରବୀନ୍ଦ୍ର ଭବନଠାରେ ଇବ୍‌ଭ୍ୟାଲି କୋଇଲା କ୍ଷେତ୍ର ଜେନେରାଲ ମ୍ୟାନେଜର ଜିତେନ୍ଦ୍ର ତିୱାରୀ ଓ ସ୍ତ୍ରୀ ରଜନୀ ତିୱାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ସୋନପୁରର ବିଜ୍ଞାନ ଶିକ୍ଷକ ଅମ୍ଳାନ କୁମାର ପାଣ୍ଡିଆ ଯୋଗଦେଇ ସମ୍ବଲପୁରୀ ଭାଷା ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ସଙ୍ଗୀତ ପରିବେଷିତ ହୋଇଥିଲା।

**TP SOUTHERN ODISHA DISTRIBUTION LIMITED** TPSODL
(Procurement Department)
BPR North Star Building,
2nd Floor, Khodasingi, Berhampur, Odisha-760010

**NOTICE INVITING TENDER** Dt.: 02.08.2025

TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for shifting of HT & LT lines with S/S due to construction of Flyover at Gate bazar Chowk, Berhampur | TPSODL/OT/ 2025-26/ 2500001031 | 7,00,000/- | 5,000 | 11.08.2025; 18:00 Hrs. |
| 2 | Rate Contract for Hiring Services of Commercial Vehicles at Various Locations, TPSODL, Odisha. | TPSODL/OT/ 2025-26/ 2500001033 | 5,00,000/- | 5,000 | 11.08.2025; 18:00 Hrs. |

For detailed tender, please visit Tender Section on TPSODL website https://www.tpsouthernodisha.com

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
Contract Specialist, Designers, Architect, Project Managers, DPM, Site Engineers, Surveyors, QS, QC for Civil (Roads, Bridges, Buildings, Pipelines, STP/WTP & OTH) Works and experienced Mechanical Staff, Accountants, HR, CA, Social Expert, Purchase & Stores @ Telangana & PAN India. Preference: Male.
CONTACT:
hr.hyd@keystoneinfra.com, 9393645644 | 7901031633

ଧରିତ୍ରୀ DHARITRI Oriya daily
**WANTED**

| POSITION | ELIGIBILITY | LOCATION |
|---|---|---|
| ACCOUNTS EXECUTIVES | ▸ Candidates should have at least 3 years+ experience in the field of Accounts.<br>▸ Experience should include cash register maintenance, day to day accounting, MIS, Verification of Bills and Tally entry.<br>▸ Proficiency in MS Excel, MS Word & Tally is a must. | BHUBANESWAR |
| CIRCULATION EXECUTIVES | ▸ 2-3 years sales experience in print media.<br>▸ Oversee distribution to subscribers, retailers & customers.<br>▸ Willingness to travel & keep in touch with agents. Collection of outstanding dues. Own bike or transport will be preferred.<br>▸ Proficiency in MS-Office. | BHUBANESWAR, ANGUL & SAMBALPUR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, P.H. DIVISION, BALASORE**
Phone : 9438660004, e-mail : eephbls@gmail.com
NATIONAL COMPETITIVE BIDDING THROUGH e-Procurement (Online Mode)
Invitation for Bids (IFB) dt.29.07.2025

**No.C-779** : The Superintending Engineer, P.H. Division, Balasore on behalf of Governor of Odisha, invites Item Rate bids in Double cover system in ONLINE mode only.

| Sl. No. | Name of the Work | Bid Identification No. | Value of Work (Rs. In Lakh) | Class of contractor | Period of Completion | Availability of bid documents for online bidding | | Last date and time of seeking Clarification | Date & Time of opening of technical bid |
|---|---|---|---|---|---|---|---|---|---|
| | | | | | | From | To | | |
| 1 | Supply of ISI Marked DI (K7/K9) pipes for the work laying of clear water rising main DI K9 to all zonal reservoirs of Balasore Municipality from MBR | SEPHBLS-06 dt.29.07.2025 | 595.53 | Manufacturer | 60 (Sixty Days) | 11:00 Hrs. of dt.05.08.2025 | 17:00 Hrs. of dt.20.08.2025 | 17:00 Hrs. of 14.08.2025 | 11:00 Hrs. of 21.08.2025 |

The bidders shall have to participate in ONLINE bidding only. Further details can be seen from the website : http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.
Name and Address of the officer inviting bid : The Superintending Engineer, P.H. Division, Balasore - 756056, Odisha, Phone : 9438660004
OIPR-13053/11/0027/2526 Sd./- Superintending Engineer, P.H.Division, Balasore

See Career Appointment on every Wednesday & Saturday

**WANTED**
Marketing Staff for a Reputed Real Estate Company on the Basis of Monthly Salary of Rs.10,000/- per Month. Kindly Contact- At: SPPL, N1/200, IRC Village, Nayapalli, Bhubaneswar-15, Cell: 9937605789

इंस्टीट्यूट ऑफ बैंकिंग पर्सोनेल सिलेक्शन®
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम् असेसमेंट में, हम पर भरोसा रखता है भारत In assessment, India trusts us
वेबसाइट देखने हेतु स्कैन करें Scan to visit Website

**ସିଆର୍‌ପି ସିଏସ୍‌ଏ – XV**
**ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ କଷ୍ଟମର ସର୍ଭିସ୍ ଆସୋସିଏଟ୍ସ (CSA)ଙ୍କ ନିଯୁକ୍ତି ପାଇଁ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୬-୨୭ର ଖାଲିପଦବୀଗୁଡ଼ିକ ନିମନ୍ତେ)**

ଅଧିକୃତ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.inରେ ଲଗ୍ ଇନ୍ କରନ୍ତୁ
ଅଂଶଗ୍ରହଣକାରୀ ସର୍ବସାଧାରଣ କ୍ଷେତ୍ରୀୟ ବ୍ୟାଙ୍କଗୁଡ଼ିକରେ **କଷ୍ଟମର ସର୍ଭିସ୍ ଆସୋସିଏଟ୍ସ** [Customer Service Associates (CSA)] ପଦବୀ ନିମନ୍ତେ କର୍ମଚାରୀଙ୍କ ନିଯୁକ୍ତି ଏବଂ ଚୟନ ଲାଗି ଆଗାମୀ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରୀ ଓ ମେନ୍) ସମ୍ଭାବ୍ୟ ରୂପେ ଅକ୍ଟୋବର, ୨୦୨୫ ଓ ନଭେମ୍ବର, ୨୦୨୫ ମାସରେ ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଧାରିତ ହୋଇଛି।

**ଗୁରୁତ୍ୱପୂର୍ଣ୍ଣ ତାରିଖ**

| ଗତିବିଧି | ସମୟରେଖା |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ଆବେଦନର ସମ୍ପାଦନା/ପରିବର୍ତ୍ତନ | ୦୧.୦୮.୨୦୨୫ରୁ ୨୧.୦୮.୨୦୨୫ |
| ଆବେଦନ ଦେୟ/ଇଣ୍ଟିମେଶନ ଶୁଳ୍କ ପୈଠ | ୦୧.୦୮.୨୦୨୫ରୁ ୨୧.୦୮.୨୦୨୫ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ | ସେପ୍ଟେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ | ଅକ୍ଟୋବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀର ଫଳାଫଳ | ଅକ୍ଟୋବର/ନଭେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ | ନଭେମ୍ବର, ୨୦୨୫ |
| ପରୀକ୍ଷାମୂଳକ ଆବଣ୍ଟନ | ମାର୍ଚ୍ଚ, ୨୦୨୬ |

**ବିବରଣୀ ତଥା ଅପଡେଟ୍ସ ପାଇଁ www.ibps.in ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।**
ସିଆର୍‌ପି ସିଏସ୍‌ଏ XV ନିମନ୍ତେ ଆବେଦନ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ସବିଶେଷ ଅଧିସୂଚନାକୁ ଯତ୍ନପୂର୍ବକ ପଢ଼ିବା ତଥା ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ନିର୍ଦ୍ଧାରିତ ତାରିଖରେ ସେମାନେ ଯେପରି ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଛନ୍ତି ତାହା ସୁନିଶ୍ଚିତ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି । ପ୍ରାର୍ଥୀମାନେ ସବିଶେଷ ଅଧିସୂଚନାରେ ଦର୍ଶିତ ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ଜରୁରୀ।
**ମୁମ୍ବାଇ**
**ତାରିଖ: ୦୧.୦୮.୨୦୨୫** **ନିର୍ଦ୍ଦେଶକ**

Azadi Ka Amrit Mahotsav G20
**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**
DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)
(MINISTRY OF SOCIAL JUSTICE & EMPOWERMENT, GOVT. OF INDIA)
OLATPUR, P.O.-BAIROI, DIST-CUTTACK-754010, ODISHA

**RECRUITMENT NOTICE**
Applications are invited from the eligible candidates for the following posts:

**Adv. No.: AD6B10/07/2025 Dated: 31.07.2025**
**(Regular Posts for SVNIRTAR, Cuttack)**

| Sl. No. | Name of the Post | Pay Matrix Level | Category | No. of posts |
|---|---|---|---|---|
| 1 | Nursing Sister | Level-08(Group - B) | UR | 01 |
| 2 | Clinical Psychologist-cum- Junior Lecturer | Level-07(Group - B) | UR | 01 |
| 3 | Demonstrator (Physiotherapy) | Level-06(Group - B) | UR | 01 |
| 4 | Demonstrator (Prosthetics & Orthotics) | Level-06(Group - B) | OBC | 01 |
| 5 | Junior Store Keeper | Level-02(Group - C) | UR | 01 |

**Adv. No.: AD6B19/08/2025 Dated: 31.07.2025**
**(Consultant Posts for SVNIRTAR, Cuttack & CRCSRE- Shillong)**

| Sl. No. | Name of the post | Consolidated monthly remuneration | No. of posts |
|---|---|---|---|
| 01 | Assistant Professor (Clinical Psychology) (Consultant) | Rs.75,000/- | 02 (1 - SVNIRTAR, Cuttack) (1 - CRCSRE, Shillong) |

The aspiring applicants fulfilling the eligibility criteria in all respect may send their applications as per prescribed format to **"The Director, Swami Vivekanand National Institute of Rehabilitation Training & Research, At-Olatpur, PO: Bairoi, Dist- Cuttack, Odisha, Pin-754010"**.The detailed advertisement, terms and conditions, educational qualification and experience criteria, application form, etc. can be downloaded from the official websites i.e. **https://svnirtar.nic.in / https://crcguwahati.nic.in,https://crcranchi.nic.in** & **https://crcshillong.nic.in/.**
Sd/-
Director

**महानिदेशक एवं पुलिस महानिरीक्षक का कार्यालय, झारखण्ड, राँची।**
सूचना पट्ट निविदा आमंत्रण सूचना सं0– 11 / 2025–26

**Poly Carbonate Lathi – 450 Nos.** की आपूर्ति हेतु GST निबंधित फर्मो से दिनांक -11.08.2025 को समय - 16:00 बजे तक मुहरबन्द निविदाएं आमंत्रित की जाती है :–
नियम एवं शर्ते :–
1. ईच्छुक फर्म अपने लेटर पैड पर निविदा दो भागों – तकनीकी एवं वित्तीय भाग में देंगे। तकनीकी भाग में GST, पैन नम्बर तथा पूर्व में किसी सरकारी संस्थानों में समान / समरूप उपकरण आपूर्ति संबंधी प्रमाण–पत्र की छाया प्रति संलग्न करना अनिवार्य होगा।
2. परिशिष्ट–01 के रूप में संलग्न विहित प्रपत्र के अनुसार वित्तीय भाग समर्पित करेंगे। वित्तीय भाग में अंकित दर अंको / अक्षरों में होगी और उसमें कोई कटींग अथवा ओभर राईटींग मान्य नहीं होगा। ऐसी निविदा को अस्वीकृत कर दिया जायेगा।
3. **Poly Carbonate Lathi** का **Specifications** परिशिष्ट –02 के रूप में संलग्न है। उक्त Specifications के अनुरूप सामग्रियों की आपूर्ति करना अनिवार्य होगा। Specifications के अनुरूप सामग्रियों की आपूर्ति नहीं करने पर आपूर्ति स्वीकार नहीं किया जायेगा।
4. क्रयादेश निर्गत करने से पूर्व Procurement Committee आवश्यकतानुसार नमूना की माँग कर सकती है।
5. **Poly Carbonate Lathi** की आपूर्ति केन्द्रीय भण्डार, होटवार, राँची में करना अनिवार्य होगा।
6. निविदा के दोनों भाग (तकनीकी एवं वित्तीय) को अलग–अलग लिफाफा में सील कर दोनों के उपर अलग–अलग यथा "तकनीकी भाग" एवं "वित्तीय भाग" लिख कर एक अन्य लिफाफा में डालकर और उसे भी सील कर अधोहस्ताक्षरी के पदनाम से भेजना होगा। लिफाफा के उपर फर्म का नाम लिखा रहना अनिवार्य होगा।
7. निविदा का तकनीकी भाग एवं वित्तीय भाग दिनांक- 12.08.2025 को समय-12:00 बजे **Procurement Committee** के समक्ष अधोहस्ताक्षरी के कार्यालय कक्ष में खोली जायेगी। निविदा खुलने के समय निविदादाता या उनके प्रतिनिधि उपस्थित रह सकते हैं। जिस निविदादाता का तकनीकी भाग सही पाया जायेगा, केवल उन्हीं का वित्तीय भाग Procurement Committee के समक्ष खोली जायेगी।
8. निविदा समर्पित करने के पश्चात् निविदा से संबंधित किसी प्रकार का कागजात स्वीकार नहीं किया जायेगा।
9. महानिदेशक एवं पुलिस महानिरीक्षक, झारखण्ड, राँची को यह अधिकार सुरक्षित होगा कि बिना कारण बताये निविदा को रद्द कर सकेंगे।
10. सम्पूर्ण निविदा दस्तावेज (परिशिष्ट–01 एवं 02 सहित) झारखण्ड पुलिस के वेबसाईट www.jhpolice.gov.in पर उपलब्ध है। कार्यालय दिवस के दौरान पुलिस मुख्यालय, झारखण्ड, राँची से भी सम्पूर्ण निविदा दस्तावेज प्राप्त कर सकते हैं।

पुलिस महानिरीक्षक (प्रोविजन),
झारखण्ड, राँची।
PR 358730 Police(25-26)D

## ସଂକ୍ଷେପରେ

### ୟୁଏସ୍ ପ୍ରଚଳନ ବିରୋଧରେ ଦାବିପତ୍ର

**କୋକସରା,୧।୮ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** ବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ନ ଥାଇ ୟୁଏସ୍ ଲାଗୁ କରିବାକୁ କୋକସରା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ବିରୋଧ କରିଛି। ଏହି ମର୍ମରେ ସଂଘ ପକ୍ଷରୁ ଗୁରୁବାର ବିଇଓଙ୍କୁ ଦାବିପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି, ପୂର୍ବରୁ ଜିଲା ସଂଘ ପକ୍ଷରୁ ବିଦ୍ୟାଳୟରେ ଭିତ୍ତିଭୂମି ଯଥା ଶିକ୍ଷକ ନିଯୁକ୍ତି, ମୋବାଇଲ ଫୋନ ପ୍ରଦାନ, ନେଟ୍ ପ୍ୟାକ, କମ୍ପ୍ୟୁଟର ଶିକ୍ଷକ ନ ଯୋଗାଇବା ପର୍ଯ୍ୟନ୍ତ ୟୁଏସ୍ ପ୍ରଚଳନ ନିଷ୍ପତ୍ତିକୁ ସ୍ଥଗିତ ରଖିବା ପାଇଁ ଦାବି କରାଯାଇଥିଲା। ତୁରନ୍ତ ବିଭିନ୍ନ ବର୍ଗର ପଦବୀ ପୂରଣ କରିବା ସହ ଶିକ୍ଷକମାନଙ୍କୁ ବୋଝମୁକ୍ତ କରାଇଲେ ୟୁଏସ୍ ତଥା ଶିଶୁ ବାଟିକା ବ୍ୟବସ୍ଥା ସାକାର ହୋଇପାରିବ। ଯେପର୍ଯ୍ୟନ୍ତ ଉପଯୁକ୍ତ ଭିତ୍ତିଭୂମି ନ କରାଯାଇଛି ୟୁଏସ୍ ବନ୍ଦ କରିବାକୁ ସଂଘ କର୍ମକର୍ତ୍ତା ସରକାରଙ୍କୁ ଅନୁରୋଧ କରିଛନ୍ତି। ପରେ ସଂଘ କର୍ମକର୍ତ୍ତା ବିଇଓଙ୍କ ଅନୁପସ୍ଥିତିରେ ବିଆର୍‌ସିସି ତୋଫାନ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

### କେନ୍ଦ୍ରୀୟ ବିଦ୍ୟାଳୟରେ ସମ୍ବଲପୁରୀ ଦିନ୍

**ଖଡ଼ିଆଳ,୧।୮ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ଯୋଗଦେଇ ଭାଷାର ସୁରକ୍ଷା, ସଂସ୍କୃତି, ସାହିତ୍ୟ, ପରମ୍ପରାକୁ ଉଜ୍ଜୀବିତ କରିବା ନେଇ ସମଗ୍ର ପଶ୍ଚିମ ଓଡ଼ିଆରେ ଏହି ଦିବସ ପାଳନ କରାଯାଉଛି ବୋଲି କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ସମ୍ବଲପୁରୀ ବସ୍ତ୍ର ପରିଧାନ କରିଥିବାବେଳେ ସମ୍ବଲପୁରୀ ବାଦ୍ୟ ଢୋଲ, ନିଶାନ, ତସା ଓ ମହୁରୀ ତାଳରେ ନୃତ୍ୟ ପରିବେଷଣ କରିଛନ୍ତି। ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ସମ୍ବଲପୁରୀ ପୋଷାକ ପରିଧାନ କରିଥିବା ଦେଖାଯାଇଥିଲା।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

**ତୁଣ୍ଡଲା,୧।୮ (ଫିରୋଜ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣା ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗୀରଥି ଭୋଇଙ୍କ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୭୨ବର୍ଷ ହୋଇଥିଲା। ସେ ଜଣେ ବିଶିଷ୍ଟ କଳାକାର ଭାବେ ଜଣାଶୁଣା ଥିଲେ। ହଠାତ୍ ତାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ଧର୍ମପତ୍ନୀ ବୃନ୍ଦେଶ୍ୱରୀ ଭୋଇ, ପୁଅ ଦୀପକ କୁମାର ଭୋଇ, ଭାଇ ଅରୁଣ କୁମାର ଭୋଇ, ପୁତୁରା କାମସେନ ଭୋଇ ଉପସ୍ଥିତ ଥିଲେ। ପରେ ମୃତ ଶରୀରକୁ ନିଜ ଗ୍ରାମ କେସିଙ୍ଗା ବ୍ଲକ ସିଆପାଲିକୁ ଆଣି ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁଅ ଦୀପକ କୁମାର ଭୋଇ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକ ଖବର ପାଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବିଜୁ ଯୁବ, ଛାତ୍ର ଜନତା ଦଳର ବିକ୍ଷୋଭ

- ରାଜ୍ୟରେ ମହିଳା ଓ ଛାତ୍ରୀଙ୍କ ସୁରକ୍ଷା ଦାବି
- ଡିଜିପିଙ୍କ ଉଦ୍ଦେଶ୍ୟରେ ଏସ୍‌ଡିପିଓଙ୍କୁ ଦାବିପତ୍ର

**ଭବାନୀପାଟଣା,୧।୮ (ଉତ୍ତମ କୁମାର ଦାଶ)**


ସଦର ଏସ୍‌ଡିପିଓଙ୍କୁ ଦାବିପତ୍ର ଦିଆଯାଉଛି।

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଘଟଣାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ସହ ରାଜ୍ୟରେ ମହିଳା ଓ ଛାତ୍ରୀଙ୍କ ସୁରକ୍ଷା ଦାବି କରି ରାଜ୍ୟବ୍ୟାପୀ ଯୁବ –ଛାତ୍ର ବିଜେଡି ତରଫରୁ ଅଗଷ୍ଟ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ପ୍ରତିବାଦ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି କ୍ରମରେ ଶୁକ୍ରବାର କଳାହାଣ୍ଡି ଜିଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଭବାନୀପାଟଣାସ୍ଥିତ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛକଠାରେ ବିକ୍ଷୋଭ ପ୍ରଦର୍ଶନ ସହ ଶତାଧିକ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ବାହାରି ସଦର ଥାନା ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ସଦର ଏସ୍‌ଡିପିଓ ନରେଶ ପ୍ରଧାନଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଗତ ୧୩ ମାସର ଭାଜପା ସରକାର ଶାସନରେ ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ନାରୀ ନିର୍ଯାତନା ବୃଦ୍ଧି ହୋଇଛି। ଛାତ୍ରୀମାନେ ପର୍ଯ୍ୟଟନ ସ୍ଥଳୀଠାରୁ ଆରମ୍ଭ କରି କଲେଜ କ୍ୟାମ୍ପସ ପର୍ଯ୍ୟନ୍ତ ସୁରକ୍ଷିତ ନାହାନ୍ତି। ଛାତ୍ରୀନିବାସରେ ନାବାଳିକା ଗର୍ଭବତୀ ହେଉଛନ୍ତି। ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ଗଣବଳାତ୍କାର, ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମଦାହ, ବଳଙ୍ଗା ନାବାଳିକା ପୋଡ଼ି ଘଟଣା ସାରା ଦେଶରେ ଚର୍ଚ୍ଚାର ବିଷୟ ହୋଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ଅପାରଗତା ଓ ଦୁର୍ବଳ ନେତୃତ୍ୱକୁ ଦାୟୀ କରିଛି ଛାତ୍ର ବିଜେଡି। କଳାହାଣ୍ଡିର ବିଭିନ୍ନ କଲେଜର ଛାତ୍ରୀଛାତ୍ର ୭ ଅଗଷ୍ଟ ପର୍ଯ୍ୟନ୍ତ ନିକଟରେ ଥିବା ଥାନାକୁ ଯାଇ ନାରୀ ସୁରକ୍ଷା ନିମନ୍ତେ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିବେ ବୋଲି ରାଜ୍ୟ କାର୍ଯକାରୀ ସଭାପତି ଅବିନାଶ ଠାକୁର କହିଛନ୍ତି। ଏହା ସହିତ ଅଗଷ୍ଟ ୮ରୁ ୧୪ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କୁ ଛାତ୍ରୀଛାତ୍ର ଖୋଲା ଚିଠି ଲେଖି ଆଇନଶୃଙ୍ଖଳା ପରିସ୍ଥିତି ଓ ନାରୀ ସୁରକ୍ଷା ପାଇଁ ଠୋସ ପଦକ୍ଷେପ ନେବାକୁ ଜଣାଇବେ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ବରିଷ୍ଠ ବିଜେଡି ନେତା ପ୍ରଦୀପ ମୁଣ୍ଡ, ଧବଳେଶ୍ୱର ମହାପାତ୍ର, ନଗରପାଳ ବିଷ୍ଣୁ ପ୍ରଧାନ, ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ବରିଷ୍ଠ ଯୁବ ବିଜେଡି ଉପସଭାପତି ମଣ୍ଟୁ ନାଏକ, ଜୋନ ସଭାପତି ମନିନ୍ଦ୍ର ମହାନ୍ତି, ଯୁବନେତା ପ୍ରଶାନ୍ତ ନାଏକ, ସାମନ୍ତ ଖମାରୀ, ଶିବା ସାହୁ, ଚୈତନ୍ୟ ବାଗ, ପ୍ରତିଭା ଜାଲ, ମାନସ ସିନ୍ଦୂର ପ୍ରମୁଖ ଯୋଗ ଦେଇଥିଲେ।

# ପ୍ରଧାନଶିକ୍ଷକ ସସ୍‌ପେଣ୍ଡ

**ଠକେଇ ଅଭିଯୋଗରେ ଗିରଫ ପରେ କାର୍ଯ୍ୟାନୁଷ୍ଠାନ**

**ଲାଞ୍ଜିଗଡ଼,୧।୮ (ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଡଙ୍ଗାଯୋର ସରକାରୀ ୟୁପି ସ୍କୁଲର ପ୍ରଧାନଶିକ୍ଷକ ଦିଲୀପ ମହାରଣା ଚାକିରି କରାଇଦେବା ନାଁରେ ଠକେଇ ଅଭିଯୋଗରେ ଗିରଫ ହେବାର ୩ଦିନ ପରେ ଚାକିରିରୁ ସସ୍‌ପେଣ୍ଡ ହୋଇଛନ୍ତି। ସୂଚନାନୁସାରେ ସିନାପାଲି ଅଞ୍ଚଳର ଜଣେ ଯୁବତୀ ଓ ୨ଜଣ ଯୁବକ ଠକାମିର ଶିକାର ହୋଇ ସିନାପାଲି ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଅନୁସାରେ ସିନାପାଲି ପୋଲିସ ସଦର ଗ୍ରାମର ପ୍ରବୀଣ ମେହେର ଓ ପ୍ରଭାତ ମେହେରଙ୍କୁ ଏକ ପ୍ରତିଷ୍ଠିତ କମ୍ପାନୀରେ ଚାକିରି କରାଇଦେବେ ବୋଲି କହି ପ୍ରଧାନଶିକ୍ଷକ ତଥା କଳାହାଣ୍ଡି ଜିଲା ବିଶ୍ୱନାଥପୁର ଥାନା ଗନ୍ଧପାରି ଗ୍ରାମର ଦିଲୀପ ମହାରଣା ୬ ଲକ୍ଷ ୫୦ ହଜାର ଟଙ୍କା ନେଇଥିଲେ। ସେ ପ୍ରବୀଣଙ୍କଠାରୁ ୪ଲକ୍ଷ ଓ ପ୍ରଭାତଙ୍କଠାରୁ ୨ଲକ୍ଷ ୫୦ ହଜାର ଟଙ୍କା ନେଇଥିଲେ। କିନ୍ତୁ ଠକେଇର ଶିକାର ହୋଇଥିବା ଜାଣିବା ପରେ ପ୍ରବୀଣ ଗତ ୨୩ ତାରିଖରେ ସିନାପାଲି ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ସିନାପାଲି ଥାନାରେ ଏକ ମାମଲା (ନଂ. ୧୮୮/୨୫) ରୁଜୁ ହୋଇଥିଲା। ସିନାପାଲି ଥାନାଧିକାରୀ ରଶ୍ମିତା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ କେତନ ଧରୁଆଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଲାଞ୍ଜିଗଡ ବ୍ଲକ ସୀମାନ୍ତ ରାୟଗଡ଼ା ଜିଲା ଆମ୍ବାଦୋଳା ଗ୍ରାମରେ ଚଢାଉ କରି ଅଭିଯୁକ୍ତ ପ୍ରଧାନ ଶିକ୍ଷକ ମହାରଣାଙ୍କୁ ଗିରଫ କରି ଗତ ୨୭ ତାରିଖରେ କୋର୍ଟ ଚାଲାଣ କରିଥିଲା। ୨୮ ତାରିଖରେ ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ଏହାପରେ ଲାଞ୍ଜିଗଡ ବ୍ଲକ ଶିକ୍ଷା ବିଭାଗ ଘଟଣାର ତଦନ୍ତ କରି ଗତ ୨୯ ତାରିଖରେ ପ୍ରଧାନ ଶିକ୍ଷକ ମହାରଣାଙ୍କୁ ସସ୍‌ପେଣ୍ଡ କରିଥିବା ବ୍ଲକ ଶିକ୍ଷାଧିକାରୀ ରୁଷିଆ ମେହେର ପ୍ରକାଶ କରିଛନ୍ତି।

## ପୁରୁଣା ପେନ୍‌ସନ ପ୍ରଦାନ ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ଭବାନୀପାଟଣା,୧।୮ (ଉତ୍ତମ କୁମାର ଦାଶ)**

କେନ୍ଦ୍ର ସରକାର କର୍ମଚାରୀଙ୍କ ନିମନ୍ତେ ୟୁନିଫାଏଡ ପେନ୍‌ସନ ସ୍କିମ ଘୋଷଣା ହେବା ପରେ ଦେଶ ତଥା ରାଜ୍ୟର ବିଭିନ୍ନ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଓଡ଼ିଶା ସରକାର ବିନା ଆଲୋଚନାରେ ଓଡ଼ିଶାରେ ୟୁନିଫାଇଡ ପେନ୍‌ସନ ସ୍କିମ ଲାଗୁ କରିଥିବାରୁ ରାଜ୍ୟ ସରକାରୀ କର୍ମଚାରୀ ଶୁକ୍ରବାର ୩୦ଟି ଜିଲାରେ ଜିଲାପାଳମାନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏପରି ସ୍ଥଳେ କଳାହାଣ୍ଡି ଏନ୍‌ଏମ୍‌ଓପିଏସ୍ ସାଧାରଣ ସମ୍ପାଦକ ଲଳିତ କୁମାର ନାଏକଙ୍କ ନେତୃତ୍ୱରେ ଶତାଧିକ ଏନ୍‌ପିଏସ୍ କର୍ମଚାରୀ ଜେଲ ଛକଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା କରି ପୁରୁଣା ପେନ୍‌ସନ ଲାଗୁ କରିବାକୁ ଦାବି କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଧୀରେନ୍ଦ୍ର ପଟ୍ଟନାୟକ, ସଦର ବ୍ଲକ ସମ୍ପାଦକ ପ୍ରଦ୍ୟୁମ୍ନ ହୋତା, ବଙ୍କିମ ସାଗର, ଦୁର୍ଗା ମାଧବ ପଣ୍ଡା, ଉପେନ୍ଦ୍ର ପ୍ରଧାନ, ବ୍ଲକ ପ୍ରାଥମିକ ସଂଘ ସଭାପତି ମଧୁ ପ୍ରଧାନ, ଏନ୍‌ଏମ୍‌ଓପିଏସ୍ ଉପସଭାପତି ପ୍ରଫୁଲ୍ଲ କୁମାର ଠାକୁର, ମାଧ୍ୟମିକ ଏନ୍‌ପିଏସ୍ ଶିକ୍ଷକ ଗିରିଜା କୁମାର ସାହୁ ପ୍ରମୁଖ ସାମିଲ ଥିଲେ।


ଲକ୍ଷ୍ମୀ ବିକାଶ ଉଇସ୍‌ଡମ ପାର୍କର ଅଡିଟୋରିୟମରେ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମରେ କର୍ମକର୍ତ୍ତାଙ୍କ ସହ ବିଦ୍ୟାର୍ଥୀମାନେ।

## ସମ୍ବଲପୁରୀ ଦିନ୍ ଉପଲକ୍ଷେ ମ୍ୟୁଜିକ ଟ୍ରି ପ୍ରଦର୍ଶିତ

**ଭବାନୀପାଟଣା,୧।୮ (ଉତ୍ତମ କୁମାର ଦାଶ)**

ସମ୍ବଲପୁରୀ ଦିନ୍ ଉପଲକ୍ଷେ ଭବାନୀପାଟଣା ଲକ୍ଷ୍ମୀ ବିକାଶ ଉଇସ୍‌ଡମ ପାର୍କର ଅଡିଟୋରିୟମଠାରେ ଶୁକ୍ରବାର ମ୍ୟୁଜିକ ଟ୍ରି ପ୍ରଦର୍ଶିତ ହୋଇଛି। ଗୁରୁ ରବିରତନ ସାହୁ ମୁଖ୍ୟ ଅତିଥି ଓ ଅନୁଷ୍ଠାନର ନିର୍ଦ୍ଦେଶକ ଡି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି. ରାମ କୁମାର, ଶିକ୍ଷା ପ୍ରଭାରୀ ଡି. ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି. ପଦ୍ମିନୀ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତୀ ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ନିର୍ଦ୍ଦେଶକ ଡି. ଶ୍ୟାମଙ୍କ ଦ୍ୱାରା ମ୍ୟୁଜିକ ଟ୍ରି କ୍ୟୁଆର କୋଡ ଉନ୍ମୋଚିତ ହୋଇଥିଲା। ମ୍ୟୁଜିକ ଟ୍ରି ପ୍ରଦର୍ଶନର ପ୍ରାରମ୍ଭ ସହାୟକ ଭାବେ ରାଜକୁମାର ସାହୁ ଉପସ୍ଥାପନ କରିଥିବା ବେଳେ ଗୁରୁ ରବିରତନ ସାହୁ ପ୍ରଶ୍ନ ଉତ୍ତର ମାଧ୍ୟମରେ ବିଦ୍ୟାର୍ଥୀମାନଙ୍କ ସନ୍ଦେହ ମୋଚନ କରିଥିଲେ। ଦ୍ୱିତୀୟ ସେସନରେ କଳାଗ୍ରାମ ତରଫରୁ ଆଦିଧ୍ୱନ ପ୍ରଦର୍ଶିତ ହୋଇଥିଲା। ପରେ ଲକ୍ଷ୍ମୀ ବିକାଶ ଗ୍ରୁପର ଶିକ୍ଷାର୍ଥୀଙ୍କ ଦାରା ଫ୍ୟୁଜନ ମ୍ୟୁଜିକ ପ୍ରଦର୍ଶିତ ହୋଇଥିଲା।

## ମଦ ଜବତ, ମହିଳା ସମେତ ୩ ଗିରଫ

**ଥୁଆମୂଳ ରାମପୁର,୧।୮ (ଦୁର୍ଗା କୀର୍ତ୍ତି)**

ଥୁଆମୂଳ ରାମପୁର ଅବକାରୀ ବିଭାଗ ଶୁକ୍ରବାର କର୍ଲାପାଟ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀ ଓ ବିଦେଶୀ ମଦ ଜବତ ସହ ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କାଣିଗୁମା ଗ୍ରାମର କ୍ଷମା ନାଏକ, ଭିତରଗୁମା ଗ୍ରାମର ସୁଦର୍ଶନ ନାଏକ ଓ ତୁଡକାଗୁଡା ଗ୍ରାମର ରୁକ୍ମଣୀ ନାଏକ। ଏ ନେଇ ଜିଲା ମୋବାଇଲ ୟୁନିଟ କେସ୍ ନମ୍ବର ୧୭୯, ୧୮୦, ୧୮୧/୨୫ରେ ୫୨ଏ (ଆଇ) ଅବକାରୀ ଦଫାରେ ଅଭିଯୁକ୍ତଙ୍କୁ ଥୁଆମୂଳ ରାମପୁର ଜେଏମ୍‌ଏଫ୍‌ସି କୋର୍ଟ ଚାଲାଣ କରାଯାଇଛି। ଚଢାଉରେ ଜିଲା ମୋବାଇଲ ଟିମ ଆଇଆଇସି ଅରୁଣ କୁମାର ଯୋଷୀ, ଜିଲା ଅବକାରୀ ବିଭାଗ ସଦର ଆଇଆଇସି ହେମକାନ୍ତି ସୁନା, ଏସ୍‌ଆଇ ବିଜୟ ଭୂଷଣ ନାଏକ ଓ ଥୁଆମୂଳ ରାମପୁର ଅବକାରୀ ବିଭାଗର ଓଆଇସି ପ୍ରଶାନ୍ତୀ ସ୍ୱାଇ ସାମିଲ ହୋଇଥିଲେ।

## ନୂତନ ଆପରାଧିକ ଆଇନ ସଚେତନତା କାର୍ଯ୍ୟକ୍ରମ

**ଥୁଆମୂଳ ରାମପୁର,୧।୮ (ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ସଭା ଗୃହଠାରେ ଶୁକ୍ରବାର ଥାନା ଅଧିକାରୀ କୈବଲ୍ୟ ସେଠଙ୍କ ତତ୍ତ୍ୱାବଧାନରେ ଭାରତୀୟ ନ୍ୟାୟ ସଂହିତା ୨୦୨୩, ଭାରତୀୟ ନାଗରିକ ସଂହିତା ୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ସଂହିତା ୨୦୨୩ର ନୂତନ ଆପରାଧିକ ଆଇନ ୨୦୨୩ ଉପରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥୁଆମୂଳ ରାମପୁର ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷକଗଣ ଯୋଗ ଦେଇଥିଲେ। ଏଏସ୍‌ଆଇ ପ୍ରହ୍ଲାଦ ପାଣିଗ୍ରାହୀ ଓ ଏସ୍‌ଆଇ ରଶ୍ମିରଞ୍ଜନ ବାଗ ନୂତନ ନିୟମବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହି ଅବସରରେ ଥାନା ପକ୍ଷରୁ ଛାତ୍ରୀଛାତ୍ରଙ୍କୁ କଲମ ଓ ଖାତା ବଣ୍ଟନ କରାଯାଇଥିଲା।

## ରାସ୍ତାପାର୍ଶ୍ୱ ଗଛ ବିପଦପୂର୍ଣ୍ଣ

**ନୂଆପଡ଼ା,୧।୮ (ମକାରୁ ବେମାଲ):** ନୂଆପଡ଼ା ସଦର ବ୍ଲକ ଧରମବନ୍ଧା–କଟିଙ୍ଗପାଣି ରାସ୍ତାପାର୍ଶ୍ୱରେ ଥିବା ଗଛ ଯାତ୍ରୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ସୂଚନା ମୁତାବକ କିଛିଦିନ ହେଲା ଲଘୁଚାପ ଜନିତ ଲଗାଣ ବର୍ଷା ଲାଗିରହିଛି। ଏହାର ପ୍ରଭାବରେ ଧରମବନ୍ଧା–କଟିଙ୍ଗପାଣି ରାସ୍ତା କଡରେ ଏକ ଶାଗୁଆନ ଗଛ ପଡିବା ଅବସ୍ଥାରେ ରହିଛି । ବର୍ଷା ପବନ ଲାଗି ରହିଥିବାରୁ କେତେବେଳେ ପଡିଯିବା ସମ୍ଭାବନା ରହିଛି। କୌଣସି ବଡ ଅଘଟଣ ଘଟିବା ପୂର୍ବରୁ ଗଛକୁ ରାସ୍ତାରୁ ହଟାଇବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

## ବିଦାୟ ସମ୍ବର୍ଦ୍ଧନା ଓ ସ୍ୱାଗତ ସମାରୋହ

**ଖଡିଆଳ,୧।୮ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀ ବିଭାଗ ସହଯୋଗୀ ସହକର୍ମୀ ରଘୁପତି ହରିଜନଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଏବଂ ୨ ଅଧ୍ୟାପକଙ୍କ ସ୍ୱାଗତ ସମାରୋହ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁକ୍ତ ୨ ଅଧ୍ୟକ୍ଷ ଅଧ୍ୟାପକ ଡ. ରଣବୀର ସିଂହ, ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ସୁନୀଲ କୁମାର ପାଢ଼ୀ, ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା, ଶାରୀରିକ ଶିକ୍ଷା ଅଧ୍ୟାପକ ଡ. ସରୋଜ କୁମାର ପଣ୍ଡା, ଇତିହାସ ବିଭାଗୀୟ ଅଧ୍ୟାପକ ଡ. ରାଜକୁମାର ରତେ ମଞ୍ଚାସୀନ ଥିଲେ। ୧୯୮୯ରେ ଖଡ଼ିଆଳ ମହାବିଦ୍ୟାଳୟରେ ଯୋଗଦେଇଥିବା ରଘୁପତି ହରିଜନ ଦୀର୍ଘ ୩୬ ବର୍ଷ କର୍ମମୟ ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ସେହିପରି ବ୍ରଜରାଜନଗର ମହାବିଦ୍ୟାଳୟରୁ ଆସିଥିବା ଗଣିତ ବିଭାଗ ଅଧ୍ୟାପକ ମୃତ୍ୟୁଞ୍ଜୟ ମେହେର, ଜି. ଉଦୟଗିରିରୁ ଆସିଥିବା ଇତିହାସ ବିଭାଗ ଅଧ୍ୟାପକ ରୂପବନ୍ତ ଭୋଇଙ୍କୁ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଯୋଗଦେଇଥିଲେ। ଶେଷରେ ଅଧ୍ୟାପକ ଡ. ରାଜକୁମାର ରତେ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ।

## ଗ୍ରାମବାସୀଙ୍କ ପାଇଁ କାଡିପାନି ନାଳ ବାଧକ


ଗାଁ ରାସ୍ତାରେ ପଡୁଥିବା କାଡିପାନି ନାଳ।

**ନୂଆପଡ଼ା,୧।୮ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୋସେଙ୍ଗ ପଞ୍ଚାୟତ ଭାଓସିଲ ଗ୍ରାମବାସୀଙ୍କ ପାଇଁ କାଡିପାନି ନାଳ ବାଧକ ସାଜିଛି। ସୂଚନା ଅନୁଯାୟୀ ସୁନାବେଡା ଅଭୟାରଣ୍ୟ ଭିତରେ ଥିବା ଭାଓସିଲ ଗାଁ ନୂଆପଡା ବ୍ଲକ ଓ ଛତିଶଗଡ ସୀମାନ୍ତରେ ଅବସ୍ଥିତ। ଗାଁରେ ୨୬ ପରିବାରର ୨ ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଗାଁକୁ ଯିବାକୁ ହେଲେ ରାସ୍ତାରେ କାଡିପାନି ନାଳ ପଡେ। ପାହାଡିଆ ଅଞ୍ଚଳ ହୋଇଥିବାରୁ ଅଳ୍ପ ବର୍ଷା ହେଲେ ନାଳରେ ପାଣି ଭର୍ତ୍ତିହୋଇ ଯାଉଥିବାରୁ ଲୋକେ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହି ରାସ୍ତା ମୁଖ୍ୟ ବଜାର ଧରମବନ୍ଧା ଓ ନୂଆପଡା ସଦର ମହକୁମାକୁ ସଂଯୋଗ କରୁଛି। ପ୍ରତିଦିନ ଶତାଧିକ ଲୋକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପାଇଁ ଧରମବନ୍ଧା ଏବଂ ସରକାରୀ ଓ ବେସରକାରୀ କାର୍ଯ୍ୟ ପାଇଁ ଜିଲା ମୁଖ୍ୟାଳୟ ଯାଉଛନ୍ତି। ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ଏହି ରାସ୍ତାରେ ଜିଲା ମୁଖ୍ୟ ଚିକିତ୍ସାଳୟ ଯିବାକୁ ପଡେ। ହେଲେ ନାଳରେ ପାଣି ଭର୍ତ୍ତି ହେଲେ ଏସବୁ କାର୍ଯ୍ୟ ପାଇଁ ଲୋକେ ହଇରାଣ ହୁଅନ୍ତି। ଅନେକ ଛାତ୍ରୀଛାତ୍ରଙ୍କ ପାଠପଢା ମଧ୍ୟ ବ୍ୟାହତ ହେଉଛି। ଭାଓସିଲ ଗାଁ ସୁନାବେଡା ଅଭୟାରଣ୍ୟ ଭିତରେ ରହିଥିବାରୁ ଏହି ସମସ୍ୟା କୌଣସି ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଗୋଚର ହେଉନାହିଁ। ଗାଁଠାରୁ କୋମନା ବ୍ଲକ ସଦର ମହକୁମା ଶହେ କିଲୋମିଟର ଦୂର ହେଉଥିବାରୁ କୌଣସି ସମସ୍ୟା ହେଲେ ଗ୍ରାମବାସୀ ଜିଲା ସଦର ମହକୁମାକୁ ଯାଇ ଅଭିଯୋଗ କରିଥାନ୍ତି। ଗାଁ ରାସ୍ତା ଓ ନାଳରେ ପୋଲ ନିର୍ମାଣ ପାଇଁ ଗ୍ରାମବାସୀ ଲିଖିତ ଭାବରେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ସମସ୍ୟା ସାମାଧାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ନୂଆପଡା ସଦର ବିଡିଓ ରୋହିତ ଭୋଇଙ୍କୁ ପଚାରିବାରୁ ସେହି ଅଞ୍ଚଳ ସୁନାବେଡା ଅଭୟାରଣ୍ୟ ଭିତରେ ଯାଉଥିବାରୁ ବ୍ଲକ ପ୍ରଶାସନର କୌଣସି କାର୍ଯ୍ୟ ନାହିଁ। ବନ୍ୟପ୍ରାଣୀ ଓ ବନ ବିଭାଗ ଚାହିଁଲେ ସବୁ କରିପାରିବେ ବୋଲି କହିଛନ୍ତି।

# ଦୁର୍ଗମ ଅଞ୍ଚଳରେ ଜନନୀ ଯନ୍ତ୍ରଣାର ଚିତ୍ର

## ରାସ୍ତାରେ ପ୍ରସବ କଲେ ଗର୍ଭବତୀ


ଗର୍ଭବତୀଙ୍କୁ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଯାଉଛି।

**କୋକସରା,୧।୮ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲାର ଦୁର୍ଗମ ଅଞ୍ଚଳରେ ଜନନୀ ଯନ୍ତ୍ରଣାର ଚିତ୍ର ସାମ୍ନାକୁ ଆସିଛି। ସୂଚନା ଅନୁଯାୟୀ, କୋକସରା ବ୍ଲକ ଆମପାଣି ପଞ୍ଚାୟତ ସର୍ଗିପାନି ଗାଁର ଜାଗର ସାନ୍ତାଙ୍କ ସ୍ତ୍ରୀ ହୀରାମଣି ସାନ୍ତାଙ୍କ ଶୁକ୍ରବାର ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଏ ନେଇ ପରିବାର ଲୋକ ସ୍ଥାନୀୟ ଆଶାକର୍ମୀ ଉର୍ମିଳା ଠାକୁରଙ୍କୁ ଖବର ଦେଇଥିଲେ। ଆଶା କର୍ମୀ ୧୦୨ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ହେଲେ ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସଟି ଗାଁ ଭିତରକୁ ଯାଇପାରି ନ ଥିଲା। ଫଳରେ ପ୍ରାୟ ୩ କି.ମି. ପର୍ଯ୍ୟନ୍ତ ବୁହା ହୋଇ ଅଣାଯିବା ବାଟରେ ଗର୍ଭବତୀ ଜଣକ ଏକ ଶିଶୁକୁ ଜନ୍ମ ଦେଇଥିଲେ। ପରେ ଉଭୟ ମା’ ଓ ଶିଶୁଙ୍କୁ ଆମ୍ବୁଲାନ୍ସରେ ନେଇ କୋକସରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ନବଜାତ ଶିଶୁର ସ୍ୱାସ୍ଥ୍ୟ ଠିକ ଥିବାବେଳେ ମହିଳାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି ।

## ଖଟିଆରେ ବୁହା ହେଲେ ଗର୍ଭବତୀ

**ଜୁନାଗଡ଼,୧।୮ (ଅଂଶୁମାନ ଜୋଷୀ)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ମୁଣ୍ଡରାଗୁଡା ପଞ୍ଚାୟତ କର୍ଣ୍ଣିପଦର ଗ୍ରାମରୁ ନୂଆପଡା ଯିବାକୁ ଭଲ ରାସ୍ତାଟିଏ ନାହିଁ। ବିଶେଷ କରି ବର୍ଷା ହେଲେ ଏହି ରାସ୍ତାରେ ଯାତାୟାତ ଏକପ୍ରକାର ଠପ ହୋଇଯାଇଥାଏ। ଶୁକ୍ରବାର ଏହି ପଡାର ମାନିନୀ ସୁନାନୀ (୨୨)ଙ୍କ ପ୍ରସବ ବେଦନା ହେବାରୁ ପରିବାର ଲୋକେ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ହେଲେ ରାସ୍ତା ଖରାପ ଯୋଗୁ ଆମ୍ବୁଲାନ୍ସ ପଡାକୁ ଆସି ନ ପାରି ଅଧା ବାଟରେ ଅଟକି ରହିଥିଲା। ପରିବାର ଲୋକେ ଗର୍ଭବତୀଙ୍କୁ ୧ କି.ମି. ଦୂର ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଥିଲେ। ପରେ ସ୍ଥାନୀୟ ଆଶାକର୍ମୀଙ୍କ ସହାୟତାରେ ତାଙ୍କୁ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।


ଖଟିଆରେ ଗର୍ଭବତୀଙ୍କୁ ନିଆଯାଉଛି।



ସମ୍ବଲପୁରୀ ଦିନ୍ ପାଳନରେ ବରଗଡ଼ ରାଣାପ୍ରତାପ ସ୍କୁଲ ଭାରତୀ ଶିଶୁ ସାହିତ୍ୟ ସଂସଦର ଛାତ୍ରୀଛାତ୍ର।



ସମ୍ବଲପୁରୀ ଦିନ୍ ପାଳନରେ ବରଗଡ଼ କ୍ରିଷ୍ଣା ବିକାଶ ଗ୍ରୁପ୍ ଛାତ୍ରୀଙ୍କ ନୃତ୍ୟ ପରିବେଷଣ।

# ସବୁଠି ସମ୍ବଲପୁରୀ ଦିନ୍ ପାଳନର ଉତ୍ସାହ, ଉତ୍କଣ୍ଠା

ବରଗଡ଼, ୧।୮ (ପ୍ରେମାନନ୍ଦ ଖମାରୀ)

ଭାଷା ପରସ୍ପରକୁ ଯୋଡିବାର ମାଧ୍ୟମ ଅଟେ । ଭାଷାକୁ ନେଇ ଗର୍ବ କରିବାର ଦୁର୍ବାର ଆକାଂକ୍ଷା କେଉଁ ଅନାଦି କାଳରୁ ମଣିଷକୁ କ୍ରିୟାଶୀଳ କରିଥାଏ। ଗୁରୁ ସତ୍ୟନାରାୟଣ ବହିଦାର ଓ ଗୁରୁ ଶ୍ରୀଧର ପ୍ରଧାନଙ୍କ ଯୁଗଳବନ୍ଦୀ ଆମ ଭାଷା, ସାହିତ୍ୟକୁ କାଳଜୟୀ କରିବା ସହ ଉତ୍ତରପିଢିର ସାହିତ୍ୟପ୍ରେମୀଙ୍କୁ ମାଟିମନସ୍କ କରିଥାଏ ବୋଲି ଶୁକ୍ରବାର ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଜିଲାସ୍ତରୀୟ ସମ୍ବଲପୁରୀ ଦିନ୍ ପାଳନ ଅବସରରେ ବକ୍ତାଗଣ ମତବ୍ୟକ୍ତ କରିଛନ୍ତି। ଉତ୍ପନ୍ନ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ମୁଖ୍ୟ ଅତିଥି, ସୁରେଶ୍ୱର ଶତପଥୀ, ସୌରୀ ଚରଣ ବାରିକ, ଗୌରଚରଣ ପ୍ରଧାନ, ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ସମ୍ମାନିତ ଅତିଥି ଏବଂ ପ୍ରଫେସର ଟେକଚାନ୍ଦ ଦୁଆନ ମୁଖ୍ୟବକ୍ତା ଭାବେ



ସମ୍ବଲପୁରୀ ଦିନ୍ ପାଳନରେ ବରଗଡ଼ ସହରରେ ଶୋଭାଯାତ୍ରାର ଶୁଭାରମ୍ଭ କରାଯାଉଛି।

ଯୋଗଦେଇ ସମ୍ବଲପୁରୀ ଦିନ୍‌ର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଅବଦାନ ଥିବା ଡଃ ଗୋବର୍ଦ୍ଧନ ସାହୁ, ପ୍ରଫେସର ରମାକାନ୍ତ ତ୍ରିପାଠୀ, ସମ୍ପାଦକ ସୁଶୀଳ କୁମାର ତ୍ରିପାଠୀ ଓ ହିନ୍ଦୀ ଅନୁବାଦକ ଦିନେଶ ମାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲଳିତ ସାହୁ ସ୍ୱାଗତ କରିଥିବା ବେଳେ ତେଜରୁ ବାରିକ ଅତିଥି ପରିଚୟ ପ୍ରଦାନ ଓ ରଞ୍ଜିତ ପ୍ରଧାନ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସୁରେଶ ଚନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମାଁ ସମଲେଶ୍ୱରୀଙ୍କ ଠାରେ ପୂଜାର୍ଚ୍ଚନା କରି ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ କଥାକାର ନରେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିଥି ଭାବେ ଦିଲୀପ କୁମାର ଦେବତା, ଅଶୋକ କୁମାର ପୂଝାରୀ, ରମେଶ ମହାପାତ୍ର, ଛବିଲ ପ୍ରଧାନ, ଭିକାରୀ ଚରଣ ପ୍ରଧାନ, ବିରବଲ ମହାକୁର, ଅଜିତ ମେହେର, ଅଧ୍ୟାପକ ସୁବାସ ଭୁଏ ପ୍ରମୁଖ ଯୋଗଦାନ କରିଥିଲେ। ଅଧ୍ୟାପକ ଧ୍ରୁବଚରଣ ପ୍ରଧାନ, କେଦାର ନାଥ ସାହୁ, ପ୍ରଫୁଲ୍ଲ ସାହୁ, ଡଃ ସଙ୍ଗୀତା ପଣ୍ଡା, ଡଃ ନାରାୟଣ ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ କବି ସମ୍ମିଳନୀରେ ଶତାଧିକ କବି କବିତା ପାଠ କରିଥିଲେ। ନିମାଇଁ ଚରଣ ପ୍ରଧାନ, ବିକାଶ ଚନ୍ଦ୍ର ସାହୁ, କୁମୁଦ ବାରିକ, ନମିତା ଦୀପ ଯାଦବ, ମାମରାଜ ସ୍ୱାଇଁ, ଗୌରଚରଣ ସା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଉମେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବରଗଡ଼ ରାଣାପ୍ରତାପ ସ୍କୁଲରେ ମଧ୍ୟ ସମ୍ବଲପୁରୀ ଦିନ୍ ପାଳନ କରାଯାଇଛି। ସ୍କୁଲର ଭାରତୀ ଶିଶୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ସମ୍ପାଦିକା ଛାତ୍ରୀ ସାଲିନୀ ସାଙ୍କ ସଂଯୋଜନା ଓ ସଂସଦର ସଭାପତି ଛାତ୍ରୀ ଧରିତ୍ରୀ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁରୁ ସତ୍ୟନାରାୟଣଙ୍କ ଜୀବନୀ ଉପରେ ଆଲୋଚନା ହୋଇଥିବା ବେଳେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପାରମ୍ପରିକ ସମ୍ବଲପୁରୀ ବସ୍ତ୍ର ପରିଧାନର ଏକ ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ସମ୍ବଲପୁରୀ ପୋଷାକ ପରିଧାନ କରି ସମ୍ବଲପୁରୀ ଦିନ୍ ପାଳନରେ ସାମିଲ ହୋଇଥିଲେ। କ୍ରିଷ୍ଣା ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର ଏକ୍‌ଜିକ୍ୟୁଟିଭ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ସିନିୟର ସେକେଣ୍ଡାରି ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ, ଉପାଧ୍ୟକ୍ଷ ଡଃ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ସମ୍ବଲପୁରୀ ପୋଷାକ ପରିଧାନ କରିଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

## ଜଗବନ୍ଧୁ ଦାଶ ସ୍ନାତକ ମହିଳା କଲେଜରେ ସମ୍ବଲପୁରୀ ଦିନ୍ ପାଳିତ

ବରପାଲି, ୧।୮ (ଚିତ୍ତରଞ୍ଜନ ସାହୁ)

ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ସଭାପତିତ୍ୱରେ ସମ୍ବଲପୁରୀ ଦିନ୍ ପାଳନ (ସମ୍ବଲପୁରୀ ଭାଷା ସାହିତ୍ୟ ସମ୍ମିଳନୀ) ଭିତ୍ତିକ ଏକ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗର ଅଧ୍ୟାପକ ଯତୀନ୍ଦ୍ର କୁମାର ସାହୁଙ୍କ ସଂଯୋଜନା ସଭାରେ ମୁଖ୍ୟ ଅତିଥିଭାବେ ବ୍ୟଙ୍ଗ କବି ନିର୍ମଳ ନାୟକ, ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗଦେଇ ଆମ ପଶ୍ଚିମାଞ୍ଚଳର ଭାଷା ସମ୍ବଲପୁରୀ ସାହିତ୍ୟର ମାର୍ମିକ ଉପସ୍ଥାପନା କରିବା ସହ ଗୁରୁ ସତ୍ୟ ନାରାୟଣ ବହିଦାର, ନୀଳ ମାଧବ ପାଣିଗ୍ରାହୀ, ପଦ୍ମଶ୍ରୀ ଲୋକ କବି ହଲଧର୍ ନାଗ, ପ୍ରୟାଗ ଦତ୍ତ ଯୋଶୀ ପ୍ରମୁଖ ମହାରଥିଙ୍କ ସ୍ମୃତି ଚାରଣ କରିଥିଲେ। ସଂସ୍କୃତିର ଅନ୍ତର୍ନିହିତ ବାସ୍ତବତା ଯାହା ଧୀରେ ଧୀରେ ଲୁକ୍କାୟିତ ହୋଇଯାଉଛି ସେ ସବୁ ପ୍ରସଙ୍ଗକୁ କେନ୍ଦ୍ରକରି ଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ଶେଷର ଅଧ୍ୟାପିକା ପିଙ୍କି ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବଲପୁରୀ ଗୀତ ବାଦ୍ୟ ସହ ପାରମ୍ପରିକ ଖାଦ୍ୟ ଆରିସା, କାକରା, ମଣ୍ଡା, ଚାଉଳ ବରା, ପକୁଡ଼ି ଖାଦ୍ୟ ଗ୍ରହଣ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସମ୍ବଲପୁରୀ ର୍‍ୟାମ ଶୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ନେପାଳ ବିଶ୍ୱାଳ, ଅଧ୍ୟାପିକା ଜ୍ୟୋତି ସାହୁ ,ପୁନମ ସାହୁ, ସସ୍ମିତା ମେହେର, ମନୀଷା ଭୋଇ, ଶୋଭାବତୀ ଥପା, ପରିଣୀତା ପଧାନ, ଯଜ୍ଞସେନି ପଟେଲ, ସହକର୍ମୀ ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ, ବିରେନ୍ଦ୍ର ଖଟୁଆ, ତ୍ରିପୁରା ବେହେରାଙ୍କ ସମେତ ଛାତ୍ରୀମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଏମ୍ସ ଇଣ୍ଟରନ୍ୟାଶନାଲ ସ୍କୁଲରେ ସମ୍ବଲପୁରୀ ଦିନ୍

ଅତାବିରା, ୧।୮ (ଯୁଧିଷ୍ଠିର ମହାପାତ୍ର)

ଅତାବିରା ଏମ୍ସ ଇଣ୍ଟରନ୍ୟାସନାଲ ସ୍କୁଲରେ ଶୁକ୍ରବାର ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ପରିଚାଳନା ନିର୍ଦ୍ଦେଶକ ଶ୍ରୀମନ୍ତ ପାତ୍ର, ସଚିବ ବିନୀତ ପାତ୍ର ଏବଂ ଅଧ୍ୟକ୍ଷ ଡକ୍ଟର ପି. ପ୍ରଜ୍ଞା ପରମିତା ନନ୍ଦଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥିଭାବେ ପ୍ରସିଦ୍ଧ ସମ୍ବଲପୁରୀ ଗାୟକ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ହାସ୍ୟ କବି ଦେବେନ୍ଦ୍ର ସାହୁ ଏବଂ ଶିଶିର ପୁରୋହିତ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ସମ୍ବଲପୁରୀ ବାଦ୍ୟଯନ୍ତ୍ର ବଜାଇ, ପାରମ୍ପରିକ ନୃତ୍ୟ ପରିବେଷଣ କରି ଏବଂ ସମ୍ବଲପୁରୀ ଗୀତ ଗାଇ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ। ସ୍କୁଲର ସଚିବ ବିନୀତ ପାତ୍ର ତାଙ୍କ ବକ୍ତ୍ୟବରେ ଛାତ୍ରୀଛାତ୍ରମାନଙ୍କୁ ସମ୍ବଲପୁରୀ ସଂସ୍କୃତିର ମୂଲ୍ୟବୋଧ, ସଂସ୍କୃତି, ନୀତିଶାସ୍ତ୍ର ଶିଖିବା ଏବଂ ପ୍ରଶଂସା କରିବାକୁ ପ୍ରେରଣା ଦେଇଥିଲେ। ସ୍କୁଲର ଅଧ୍ୟକ୍ଷା ଡକ୍ଟର ପି. ପ୍ରଜ୍ଞା ପରମିତା ନନ୍ଦ ଆମର ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ ଏବଂ ପ୍ରୋତ୍ସାହିତ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ପରିଚାଳନା ନିର୍ଦ୍ଦେଶକ ଶ୍ରୀମନ୍ତ ପାତ୍ର ତାଙ୍କ ଭାଷଣ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ସେମାନଙ୍କର ସର୍ବାଙ୍ଗୀନ ବିକାଶ ଏବଂ ସମ୍ବଲପୁରୀ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେଇଥିଲେ। ଅଧ୍ୟକ୍ଷା ଡକ୍ଟର ପି. ପ୍ରଜ୍ଞା ପରମିତା ନନ୍ଦ ସମସ୍ତ ଅଂଶଗ୍ରହଣକାରୀ ଏବଂ ଅତିଥିମାନଙ୍କୁ କୃତଜ୍ଞତା ଜଣାଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମଟି ଖାଦ୍ୟ ମହୋତ୍ସବ ସହିତ ଶେଷ ହୋଇଥିଲା। ଯେଉଁଠାରେ ଛାତ୍ର ଏବଂ ଅତିଥିମାନେ ପ୍ରାମାଣିକ ସମ୍ବଲପୁରୀ ଖାଦ୍ୟର ମଜା ନେଇଥିଲେ।



ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଶିଳ୍ପ, ଦକ୍ଷତା ବିକାଶ ମନ୍ତ୍ରୀଙ୍କ ଜିଲା ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ

ବୌଦ୍ଧ, ୧।୮ ( ଅଜିତ କୁମାର ବାରିକ)

ରାଜ୍ୟ ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ଓ ଶିଳ୍ପ ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଶୁକ୍ରବାର ଦିନ ବୌଦ୍ଧ ଜିଲା ଗସ୍ତ କରି ଜିଲା ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ କରିଥିଲେ । ମନ୍ତ୍ରୀ ସ୍ୱାଇଁ ଦକ୍ଷତା ବିକାଶ କେନ୍ଦ୍ରରେ ଚାଲିଥିବା ଫିଲ୍ଡ ଟେକ୍ନିସିଆନ ସ୍ୱଳ୍ପକାଳୀନ ନିଃଶୁଳ୍କ ଦକ୍ଷତା ପ୍ରଶିକ୍ଷଣ ଉପରେ ପିଲାମାନଙ୍କ ସହ ଆଲୋଚନା କରିଥିଲେ । ପିଲାମାନେ ଯେପରି ନିଶ୍ଚିତ ଭାବେ ନିଯୁକ୍ତି ପାଇବେ ସେ ନେଇ ନିୟୋଜନ ଅଧିକାରୀ ଅଜୟ କୁମାର ଦାଶଙ୍କୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ପାନୀୟଜଳ ସମସ୍ୟା ନେଇ ଜିଲାପାଳଙ୍କୁ ସମାଧାନ କରିବାକୁ କହିଥିଲେ । ଏହି ଅବସରରେ ପ୍ରଶିକ୍ଷଣ ନେଇଥିବା ପିଲାଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ପରିଦର୍ଶନ ସମୟରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ଜିଲାପାଳ ବିଭୁତି ଭୂଷଣ ନାୟକ ସାମିଲ ଥିଲେ। ମନ୍ତ୍ରୀ ସ୍ୱାଇଁ ବୌଦ୍ଧ ଆଇଟିଆଇ ମଧ୍ୟ ବୁଲି ଦେଖିଥିଲେ ।



ଜିଲା ଦକ୍ଷତା ବିକାଶ କେନ୍ଦ୍ରରେ ମନ୍ତ୍ରୀ ଓ ଅନ୍ୟ ଅଧିକାରୀ।

## କୋଶଳ ସ୍କୁଲରେ ସମ୍ବଲପୁରୀ ଦିନ୍

ଅତାବିରା, ୧।୮ (ଯୁଧିଷ୍ଠିର ମହାପାତ୍ର )

ବରଗଡ଼ ଜିଲା ଅତାବିରା କୋଶଳ ସ୍କୁଲରେ ସମ୍ବଲପୁରୀ ସ୍ରଷ୍ଟା କବି ସ୍ୱର୍ଗତ ସତ୍ୟ ନାରାୟଣ ବହିଦାରଙ୍କ ଜନ୍ମଦିନ ଅବସରରେ ସ୍କୁଲ ପରିସରରେ ଶୁକ୍ରବାର ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ସମସ୍ତ ବିଦ୍ୟାର୍ଥୀ ସମ୍ବଲପୁରୀ ଡ୍ରେସ ପରିଧାନ କରି ସମ୍ବଲପୁରୀ ଦିନ ଉତ୍ସବରେ ଯୋଗ ଦେଇ ନିଜ ନିଜ କଳା ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସମ୍ବଲପୁରୀ ନାଟକ 'ଅନ ଜାତିଆ' ସହ ୭ଟି ସ୍ୱତନ୍ତ୍ର ସମ୍ବଲପୁରୀ କାର୍ଯ୍ୟକ୍ରମ ଓ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୋଶଲ ସ୍କୁଲର ଅଧ୍ୟକ୍ଷ ରବୀନ୍ଦ୍ର ନାଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ନିର୍ଦ୍ଦେଶିକା ନଳିନୀ ପଟ୍ଟନାୟକ, ଅତିରିକ୍ତ ନିର୍ଦ୍ଦେଶିକା ମଧୁ ପଟ୍ଟନାୟକ ମଞ୍ଚାସୀନ ଥିଲେ। ସଭାରେ ସମ୍ବଲପୁରୀ ସ୍ରଷ୍ଟା କବି ସତ୍ୟ ନାରାୟଣ ବହିଦାରଙ୍କ ଜୀବନୀ ଉପରେ ଆଲୋକପାତ କରି ସମ୍ବଲପୁରୀ ଦିନ୍ ପାଳନର ମହତ୍ତ୍ୱ ଦର୍ଶାଇଥିଲେ।

## ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ

ପାଇକମାଳ, ୧।୮ (ବଡ ଶତପଥୀ):

ବରଗଡ ଜିଲା ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ବିଡ଼ିଓ ପ୍ରଫୁଲ୍ଲ କୁମାର ଓଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଉପ ଜିଲାପାଳ ସ୍ନେହା ଅରୁଗୁଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଇକମାଳ ବ୍ଲକ ରାଜ୍ୟସ୍ତରରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ୍ ପଦକ ହାସଲ କରିଥିବାରୁ ପ୍ରଶଂସା କରିଥିଲେ।



ଏଥିସହ ସେ ଆକାଂକ୍ଷୀ ହାଟକୁ ଉଦ୍‌ଘାଟନ କରି ଭୋକାଲ ଫର ଲୋକାଲ ପରିଦର୍ଶନ, ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ଓ ଶ୍ରେଣୀ ପରିଦର୍ଶନ କରିଥିଲେ। ପଦ୍ମଶ୍ରୀ ହଲଧର ନାଗ, ଏମ୍‌ପି ପ୍ରତିନିଧି ଗୋବର୍ଦ୍ଧନ ଭୁଏ,ଏଡିଇଓ. ବିନୟ ପ୍ରକାଶ ସ, ଏବିଇଓ ଅଦନ ସୁନା, ଜିଲା ଯୋଜନା ଯୁଗ୍ମ ନିର୍ଦ୍ଦେଶକ ଉଦ୍ଧବ ଚରଣ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶତ ପ୍ରତିଶତ ଲକ୍ଷ୍ୟ ହାସଲ କରିଥିବା ସ୍ୱାସ୍ଥ୍ୟ, କୃଷି ସହ ସମସ୍ତ ଲାଇନ ବିଭାଗୀୟ ଅଧିକାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ୧୪ଟି ଆକାଂକ୍ଷୀ ହାଟର ଏସ୍‌ଏଚ୍‌ଜି ମହିଳାଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଆକାଂକ୍ଷୀ ବ୍ଲକ ସଂଯୋଜକ ମଧୁସ୍ମିତା ବେହେରା, ଏବିଡ଼ିଓ ଦେବାଶିଷ ସିହ୍ନା ଓ ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିରରେ ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପ୍ରକୃତି ବନ୍ଧୁ ବଡ଼ ଶତପଥୀ ମୁଖ୍ୟ ଅତିଥିଙ୍କୁ ଅଶୋକ ଚାରା ଉପହାର ଦେଇଥିଲେ। ତ୍ରିଲୋଚନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ରାଙ୍କିଂ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବୌଦ୍ଧ, ୧।୮ (ଅଜିତ କୁମାର ବାରିକ)

ବୌଦ୍ଧ ଇନଡୋର ଷ୍ଟାଡିୟମଠାରେ ଶୁକ୍ରବାର ଦିନ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ରାଙ୍କିଂ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି । ବୌଦ୍ଧ ଜିଲା ବ୍ୟାଡମିଣ୍ଟନ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲାରୁ ୧୨୮ ଜଣ ଖେଳାଳି ଭାଗ ନେଇଛନ୍ତି । ସେଥିମଧ୍ୟରୁ ୧୧୧ ଜଣ ପୁରୁଷ ଓ ୧୭ ଜଣ ମହିଳା ଖେଳାଳି ଭାଗ ନେଇଛନ୍ତି। ଏହି ଟୁର୍ନାମେଣ୍ଟ ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ଆସନ୍ତା ୩ ତାରିଖ ଦିନ ଶେଷ ହେବ । ଉଦ୍‌ଘାଟନୀ ଦିନ ୭୪ ଗୋଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ସୁଦାମ ଚରଣ ସ୍ୱାଇଁ ଯୋଗଦେଇ ମ୍ୟାଚ୍ ଉଦଘାଟନ କରିଥିଲେ। ଟୁର୍ନାମେଣ୍ଟରେ ପୁରଷ ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମହିଳା ସିଙ୍ଗଲ୍ସ, ମହିଳା ଡବଲ୍ସ ଓ ମିଶ୍ରିତ ଡବଲ୍ସରେ ଖେଳ ଅନୁଷ୍ଠିତ ହେଉଛି। ଟୁର୍ନାମେଣ୍ଟକୁ ଠିକ ଭାବେ ପରିଚାଳନା ପାଇଁ ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏଶନ ପକ୍ଷରୁ ୨୫ ଜଣ ବୈଷୟିକ ଅଧିକାରୀ ଓ ପର୍ଯ୍ୟବେକ୍ଷକ ନିଯୁକ୍ତ ଅଛନ୍ତି । ଆସୋସିଏଶନର ସମ୍ପାଦକ ସୁନ୍ଦର ପ୍ରକାଶ, ଉପସଭାପତି ପରେଶ ବେହେରା, କୋଷାଧ୍ୟକ୍ଷ ଶିବାନନ୍ଦ ସାହୁ, ଜୁଲିୟସ ସିଜର ମହାକୁଲ, ଆଲୋକ ରଥ, ଗଣେଶ ମହାପାତ୍ର, ବିବେକ କର୍ଣ୍ଣ, ସନ୍ତୋଷ ମହାନ୍ତି, ସାଇ ଦାସ ଓ ଆସୋସିଏଶନର ସଦସ୍ୟଙ୍କ ସହଯୋଗରେ ଖେଳ ଅନୁଷ୍ଠିତ ହେଉଛି।




ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଅବସରରେ ଯୋଗ ଦେଇଥିବା ଅତିଥି ।

# ନୂଆ ଚାଷୀ ପଞ୍ଜୀକରଣ ନୀତିକୁ ବିରୋଧ

ବରଗଡ଼, ୧।୮ (ପ୍ରେମାନନ୍ଦ ଖମାରୀ)

ଖରିଫ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣରେ ରାଜ୍ୟ ସରକାର ଆଣିଥିବା ନୂଆ ନୀତିକୁ ନେଇ ଚାଷୀ ଅସନ୍ତୋଷ ଲାଗି ରହିଛି। ଏହି କ୍ରମରେ ଶୁକ୍ରବାର ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ବାରପାହାଡ଼ କୃଷକ ସଙ୍ଗଠନ, ଲଖନପୁର ନେତୃତ୍ୱରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ସେମାନେ ଅମ୍ବାଭୋନା ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହିତ ବରଗଡ଼-ରାୟଗଡ଼ ରାସ୍ତାକୁ ଅବରୋଧ କରିଥିଲେ। ଚାଷୀ ପଞ୍ଜୀକରଣ ନୂଆନୀତିକୁ ତୁରନ୍ତ ପ୍ରତ୍ୟାହାର କରିବା ସହିତ ଏହି ପ୍ରକ୍ରିୟା ସରଳୀକରଣ କରିବାକୁ ସେମାନେ ଦାବି କରିଥିଲେ। ଆନ୍ଦୋଳନସ୍ଥଳକୁ ଅମ୍ବାଭୋନା ତହସିଲଦାର ରଘୁନାଥ ପାଣିଗ୍ରାହୀ, ଏଆର୍‌ସିଏସ୍ ଆର. ମେହେର ଏବଂ ବରଗଡ଼ ଏସ୍‌ଡ଼ିପିଓ ପଦାରବିନ୍ଦ ତ୍ରିପାଠୀ ପହଞ୍ଚି ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। କେବଳ ସ୍ୱ-ଘୋଷଣାନାମା ମାଧ୍ୟମରେ ପଞ୍ଜୀକୃତ କରିବା ପାଇଁ



ଅମ୍ବାଭୋନାରେ ଚାଷୀମାନେ ରାସ୍ତାରୋକୋ କରିଛନ୍ତି।

ଚାଷୀମାନେ ଦାବି ରଖିଥିଲେ। ଆସନ୍ତା ୭ଦିନ ମଧ୍ୟରେ ସ୍ୱ-ଘୋଷଣାନାମା ମାଧ୍ୟମରେ ଧାନବିକ୍ରି ପଞ୍ଜୀକରଣ ବ୍ୟବସ୍ଥା ଲାଗୁ କରା ନ ଗଲେ ଆନ୍ଦୋଳନକୁ ତୀବ୍ର କରିବାକୁ ବାରପାହାଡ଼ କୃଷକ ସଙ୍ଗଠନର ଚାଷୀନେତାମାନେ ଚେତାବନୀ ଦେଇଥିଲେ। ତେବେ ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିବେ ବୋଲି ଉକ୍ତ ଅଧିକାରୀମାନେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସକାଳ ୯ଟାରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ମଧ୍ୟାହ୍ନ ୧୨ଟାରେ ପ୍ରତ୍ୟାହୃତ ହୋଇଥିଲା। ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର, ସୁରେଶ ନେକାଣ୍ଟି, ରବି ପ୍ରଧାନ, ବିଜୟ ସାହୁ, ବାରପାହାଡ଼ କୃଷକ ସଙ୍ଗଠନର ଇଶାନ୍ତ ଭୋଇ, ରୋହିତ ପ୍ରଧାନ ପ୍ରମୁଖ ଅନେକ ଚାଷୀ ଏହି ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

ସୂଚନା ଅନୁଯାୟୀ, ଏଥର ପଞ୍ଜୀକରଣରେ ଚାଷୀଙ୍କ ବଂଶୀୟ ସହମତି, ପଞ୍ଜୀକୃତ କେନ୍ଦ୍ରରେ ଅଂଶୀଦାରଙ୍କ ଉପସ୍ଥିତି, ଚକ୍ଷୁସ୍କାନ, ସହମତି ପ୍ରଦାନ ଆଦିକୁ ବାଧ୍ୟତାମୂଳକ କରାଯାଇଛି।

### ଆନ୍ଦୋଳନକୁ ଓହ୍ଲାଇଲେ ଚାଷୀ

ଏହି ପ୍ରକ୍ରିୟା ଚାଷୀମାନଙ୍କ କ୍ଷେତ୍ରରେ କାଠିକର ପାଠ ଓ ଅସମ୍ଭବ ହୋଇ ପଡ଼ିଛି। ଫଳରେ ଏହାକୁ ନେଇ ଚାଷୀ ଅସନ୍ତୋଷ ଲାଗି ରହିଛି। ଏଭଳି ନିୟମ ପ୍ରଣୟନ ଦ୍ୱାରା ଜିଲାର ୭୦ପ୍ରତିଶତ ଚାଷୀ ବଞ୍ଚିତ ହେବେ ବୋଲି ବିଭିନ୍ନ ଚାଷୀ ସଙ୍ଗଠନ ଗୁଡ଼ିକ ଅଭିଯୋଗ କରିଥିବାବେଳେ ବିରୋଧୀ ବିଜେଡ଼ି ଏବଂ କଂଗ୍ରେସ ଚାଷୀଙ୍କ ସହିତ ସ୍ୱର ମିଳାଇଛି। ନୂତନ ନିୟମ ପ୍ରତ୍ୟାହାର କରିବା ସହିତ ପୁରୁଣା ପଦ୍ଧତିରେ ଧାନ କିଣିବା ତଥା ପଞ୍ଜୀକରଣ ପ୍ରକ୍ରିୟାକୁ ସରଳୀକରଣ କରିବା ପାଇଁ ଦାବି କରାଯାଇଛି। ଏହି ଦାବି ନେଇ ବିଭିନ୍ନ ଚାଷୀ ସଙ୍ଗଠନ ସମେତ ବିଜେଡ଼ି, କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଗତ ଦିନରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତେବେ ଏପର୍ଯ୍ୟନ୍ତ କିଛି ସୁଫଳ ମିଳି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ରେଳ କର୍ମଚାରୀଙ୍କ ଘରୁ ଚୋରି

ବନ୍ଧମୁଣ୍ଡା,୧।୮(ସୁବ୍ରତ ଦେ): ବନ୍ଧମୁଣ୍ଡା ଥାନା ଅଞ୍ଚଳର ଡୁମେରତା ଗ୍ରାମରେ ରହୁଥିବା ଜଣେ ରେଳବାଇ କର୍ମଚାରୀଙ୍କ ଘରୁ ଗୁରୁବାର ରାତିରେ ରୁପା ଅଳଙ୍କାର ଏବଂ ନଗଦ ଟଙ୍କା ଚୋରି ହୋଇଛି। ପୋଲିସ ଶୁକ୍ରବାର ସକାଳେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଏକ ମାମଲା ରୁଜୁ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ରେଳବାଇ ସହାୟକ ଟ୍ରେନ ଚାଳକ ସୁବୋଧ କୁମାର ଡ୍ୟୁଟିରେ ଯାଇଥିବାବେଳେ ତାଙ୍କ ପରିବାରର ସଦସ୍ୟମାନେ ମଧ ଗାଁକୁ ଯାଇଥିଲେ। ଏହାର ସୁଯୋଗ ନେଇ ଚୋରମାନେ ତାଲା ଭାଙ୍ଗି ଘରେ ଘରେ ପଶି ଏକ ବ୍ୟାଗରେ ରଖାଯାଇଥିବା ୧୪ ହଜାର ଟଙ୍କା ଏବଂ ରୁପାର ମୂଲ୍ୟବାନ ଅଳଙ୍କାର ଚୋରି କରି ନେଇଯାଇଛନ୍ତି। ସୁବୋଧ କୁମାର ଶୁକ୍ରବାର ଡ୍ୟୁଟିରୁ ଘରକୁ ଫେରିବା ପରେ ଦେଖିଲେ ଯେ ତାଙ୍କ ଘରର କବାଟ ଖୋଲା ରହିଛି। ଘରେ ପ୍ରବେଶ କରିବା ପରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏହା ପରେ ସେ ଘଟଣା ବିଷୟରେ ବନ୍ଧମୁଣ୍ଡା ପୋଲିସକୁ ସୂଚନା ଦେଇଥିଲେ।

### ଆମ୍ବଘାଟ ନଈରେ ଯୁବକ ନିଖୋଜ

ରାଜଗାଙ୍ଗପୁର,୧।୮(ଅଶୋକ ପାଣି): ରାଜଗାଙ୍ଗପୁର କେଶରାମାଲ ପଞ୍ଚାୟତର ଆମ୍ବଘାଟ ନଈରେ ଶୁକ୍ରବାର ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେହେଲେ ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ବୁଟୁକୁପଡା ପଞ୍ଚାୟତର ଫକିର ମୋହନ ବାଙ୍କରା(୨୦)। କେଶରାମାଲ ସରପଞ୍ଚ ବିନୟ ଭୂଷଣ ଓ ଗ୍ରାମବାସୀ, ଅଗ୍ନିଶମ ବିଭାଗ, ରାଜଗାଙ୍ଗପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ। ହେଲେ ତାଙ୍କର ସନ୍ଧାନ ପାଇ ନ ଥିଲେ। ଅନ୍ଧାର ଯୋଗୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଛି। ଶନିବାର ସକାଳୁ ପୁଣି ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯିବ।ସୂଚନା ମୁତାବକ, ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟା ୩୦ରେ ୬ ଜଣ ସାଙ୍ଗ ଆମ୍ବଘାଟ ନଈ ନିକଟକୁ ବୁଲିବାକୁ ଆସିଥିଲେ। ଫକିର ନଈକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବାବେଳେ ଭାସିଯାଇଥିଲେ।

### ଆମ ପୋଲିସ କାର୍ଯ୍ୟକ୍ରମ

ଲହୁଣୀପଡା,୧।୮(ଦାଶରଥି ପଣ୍ଡା): ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ପରିସରରେ ଶୁକ୍ରବାର ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଚାନ୍ଦିପୋଷ ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମର ମାନ୍ୟଗନ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ନାଇଟ ପେଟ୍ରୋଲିଂ,ଦୁର୍ଘଟଣା, ଅନ୍ୟାନ୍ୟ ବିଷୟ ଉପରେ ଆଲୋକପାତ କରିବା ସହିତ ତାହାର ସମାଧାନ ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ସମସ୍ୟାର ସମାଧାନ ପାଇଁ ଜନସାଧାରଣ ନିର୍ଭିକ ଭାବେ ପୋଲିସ ସହିତ ସୁସମ୍ପର୍କ ସ୍ଥାପନା କରିବା ସହିତ ସହଯୋଗ କରିବାର ଆବଶ୍ୟକ ଅଛି ବୋଲି ପୋଲିସ ପକ୍ଷରୁ କୁହାଯାଇଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ଚାନ୍ଦିପୋଷ ଥାନାର ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଘୋଘର ଗ୍ରାମରେ ଜଳୁନି ଷ୍ଟ୍ରିଟ ଲାଇଟ

ବାଲିଶଙ୍କରା,୧।୮ ( ସତ ସେଠ) : ବାଲିଶଙ୍କରା ବ୍ଲକ ଘୋଘର ଗ୍ରାମରେ ବର୍ଷେ ହେବ ଷ୍ଟ୍ରିଟ ଲାଇଟ ଜଳୁନାହିଁ। ସନ୍ଧ୍ୟାହେଲେ ଗ୍ରାମବାସୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ଗ୍ରାମଟି ବଣ ପାହାଡ଼ ଘେରା ହୋଇଥିବାବେଳେ ଏଠାରେ ବସବାସ କରନ୍ତି ୨୦୦ ପରିବାରର ୭୦୦ରୁ ଅଧିକ ଲୋକେ। ୨ଟି ୱାର୍ଡ ବିଶିଷ୍ଟ ଏହି ଗ୍ରାମରେ ଦର୍ଶନୀୟ ପର୍ଯ୍ୟଟନସ୍ଥଳୀ କନାକୁଣ୍ଡ ଅବସ୍ଥିତ। ଏହି ଗ୍ରାମରେ ଦୀର୍ଘ ୧ ବର୍ଷ ହେବ ଷ୍ଟ୍ରିଟ ଲାଇଟ ଜଳୁ ନାହିଁ। ଏନେଇ ସମିତି ସଭ୍ୟ କହ୍ନେଇ ଜୟପୁରିଆଙ୍କ ସହ ଗ୍ରାମବାସୀ ବ୍ଲକ ପ୍ରଶାସନିକ ଅଧିକାରୀ ଓ ପଞ୍ଚାୟତ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରି ନୟାନ୍ତ ହୋଇପଡ଼ିବା ପରେ ଜନ ଶୁଣାଣିରେ ଜିଲାପାଳଙ୍କୁ ମଧ ଲିଖିତ ଅଭିଯୋଗ କରିଥିଲେ। ହେଲେ କୌଣସି ସୁଫଳ ମିଳିପାରିନାହିଁ ବୋଲି ସମିତି ସଭ୍ୟ ଜୟପୁରିଆ ପ୍ରକାଶ କରିଛନ୍ତି। ସନ୍ଧ୍ୟା ହେଲେ ଗ୍ରାମରେ ଜଙ୍ଗଲୀ ହାତୀପଲ ପ୍ରବେଶ କରି ତାଣ୍ଡବ ରଚିଥାନ୍ତି। ତୁରନ୍ତ ଜିଲା ପ୍ରଶାସନିକ ଅଧିକାରୀମାନେ ଦୃଷ୍ଟି ଦେଇ ଷ୍ଟ୍ରିଟ ଲାଇଟ ମରାମତି କରି ରାତିରେ ଗ୍ରାମକୁ ଆଲୋକିତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।


ଛାତ୍ରୀଛାତ୍ର ଓ ଅନ୍ୟମାନେ ଧାରଣା ଦେଇଛନ୍ତି।

# ଶିକ୍ଷାନୁଷ୍ଠାନକୁ ଯାଇ ନ ପାରି ଧାରଣା ଦେଲେ

ହେମଗିର,୧।୮(ଚୈତନ୍ୟ ପଟେଲ)

**ଜାମରେ ଫସିଲା ସ୍କୁଲ, କଲେଜ ବସ୍**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅଞ୍ଚଳରେ ଭାରିଯାନ ଚଳାଚଳ ଯୋଗୁ ନିୟମିତ ଦୁର୍ଘଟଣା ଘଟିବା ସହ ଯାତାୟାତ ମଧ ବାଧାପ୍ରାପ୍ତ ହେଉଛି। ସ୍କୁଲ, କଲେଜ ବସ ଭାରିଯାନ ଯୋଗୁ ଘଣ୍ଟା ଘଣ୍ଟା ଧରି ଜାମରେ ଫଶି ରହୁଛି। ଶୁକ୍ରବାର ବାଙ୍କିବାହାଲ ଟପରିଆ ରୋଡ ବୁଡଝରିଆ ମୁଖ୍ୟ ରାସ୍ତାଠାରେ ଡୁମଲିଆ କଲେଜ, ଡୁଡୁକା କଲେଜ, ଓଡିଶା ଆଦର୍ଶ ବିଦ୍ୟାଳୟ, ଲୁଆବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆଦି ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କୁ ନେଇକି ଯାଉଥିବା ବସ ଗୁଡିକ ଜାମରେ ଘଣ୍ଟା ଘଣ୍ଟା ଧରି ଫସି ରହିଥିଲା। ଯାହାଫଳରେ ଛାତ୍ରୀଛାତ୍ରମାନେ ନିଜ ନିଜ ଶିକ୍ଷାନୁଷ୍ଠାନ ଗୁଡିକୁ ଠିକ ସମୟରେ ପହଞ୍ଚି ପାରି ନ ଥିଲେ। ଏନେଇ ଛାତ୍ରୀଛାତ୍ରମାନେ ଉତ୍ୟକ୍ତ ହୋଇ ରାସ୍ତା ଉପରେ ଧାରଣାରେ ବସିଥିଲେ। ଖବର ପାଇ ହେମଗିର ତହସିଲଦାର ସାରିକା ରାଣୀ ଧମେଲ ଓ ପୋଲିସ ଧାରଣା ସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାସୁଝା କରିବା ପରେ ସେମାନେ ଧାରଣାରୁ ଓହରି ଥିଲେ।

## ସ୍କାଉଟ୍ସ ଗାଇଡ୍ସ ତରଫରୁ ଜାତୀୟ ସ୍କାର୍ପ ଦିବସ

କୁତ୍ରା,୧।୮(ଦେବାଶିଷ ସାହୁ)

କୁତ୍ରା ପିଏମ୍ଶ୍ରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଜାତୀୟ ସ୍କାର୍ପ ଦିବସ ପାଳିତ ହୋଇଯାଇଛି। ଏଥିରେ ସମ୍ବଲପୁର ଜୋନ ଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ଅମୂଲ୍ୟ କୁମାର ପଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରି ଏହି ଦିବସ ଆମକୁ ସ୍କାର୍ପ ଭଳି ଅନ୍ତର୍ଜ୍ଞାନ, ସମର୍ପଣ ଓ ନୈତିକତାର ଶିକ୍ଷା ଦେଇଥାଏ ବୋଲି କହିଥିଲେ। ଏହି ଅବସରରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ଜିଲା ସ୍କାଉଟ୍ସ କମିଶନର ଡ.ବିଭୀଷଣ ବାରିକ, ଡିଓସି ଗାଇଡ୍ସ ଦୀପିକା କେର୍କେଟା, ସ୍କାଉଟ୍ସ ମାଷ୍ଟର ଧୃତିସୁନ୍ଦର ସାହୁ, ଅବିନାଶ କର, ସ୍ମୃତିସ୍ୱରୂପ ଦାସ, କାହ୍ନା ସେଠ, ମଞ୍ଜୁ ଏକ୍କା, ସେରୋଫେନା ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଅନୁଷ୍ଠାନର ୫ ଶହରୁ ଉର୍ଦ୍ଧ୍ୱ ସ୍କାଉଟ୍ସ ଗାଇଡ୍ସ ଛାତ୍ରୀଛାତ୍ର ଭାଗନେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସ୍କାର୍ପ ବିଷୟରେ ନିଜ ଅନୁଭୂତି ବ୍ୟକ୍ତ କରିଥିଲେ।


କୁତ୍ରା ପିଏମ୍ଶ୍ରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ଜାତୀୟ ସ୍କାର୍ପ ଦିବସ ପାଳନ କରାଯାଉଛି।

## ପଞ୍ଚାୟତ ଲିଗ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବାଲିଶଙ୍କରା,୧।୮( ସତ ସେଠ)

ବାଲିଶଙ୍କରା ପଞ୍ଚାୟତ ଲିଗ୍ ଫୁଟବଲ ଟୁର୍ନାମେଣ୍ଟ ରାଜା ବଙ୍ଗଳାଠାରେ ଶୁକ୍ରବାର ଅନୁଷ୍ଠିତ ହୋଯାଇଛି। ବାଲିଶଙ୍କରା ଫୁଟବଲ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ଫୁଟବଲ ଲିଗ ଟୁର୍ନାମେଣ୍ଟରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ସୁଲୋଚନା ସୁଆରୀ ଯୋଗଦେଇ କଠିନ ପରିଶ୍ରମ, ଧୈର୍ଯ୍ୟ, ଏକାଗ୍ରତାରେ ଖେଳ ଖେଳିଲେ ଜଣେ ସୁନାମ ଧନ୍ୟ ଖେଳାଳି ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଟଙ୍କଧର ପଣ୍ଡା, ସପ୍ନେଶର ବାଘ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜୟରାମ ପଧାନ, ବୈରାଗୀ ତନ୍ତୀ, ବରିଷ୍ଠ ଆଇନଜୀବୀ ଶଙ୍କର୍ଷଣ ବେହେରା, ଇନ୍ଦ୍ରମଣୀ ଦଣ୍ଡସେନା, ଶୁକ୍ରୁ ଓରାମ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ମ୍ୟାଚ ମହୁଲଗାଁ ଓ ଘୋଘର ମଧ୍ୟରେ ହୋଇଥିବାବେଳେ ୨-୦ ଗୋଲରେ ମହୁଲଗାଁ ବିଜୟୀ ହୋଇଥିଲା। ରେଫରୀଭାବେ ସଞ୍ଜୀବ ଦଣ୍ଡସେନା, ରିଙ୍କୁ ଏକ୍କା, ଚିନୁ ବରିହା ତୁଲାଇଥିବାବେଳେ ବାଲିଶଙ୍କରା ଫୁଟବଲ ଆସୋସିଏଶନର ସମସ୍ତ ସଦସ୍ୟ ସକ୍ରିୟଭାବେ କାର୍ଯ୍ୟଭାର ତୁଲାଇଥିଲେ। ଆସନ୍ତା ୮ ତାରିଖ ଫାଇନାଲ ମ୍ୟାଚ ଖେଳାଯିବାର କାର୍ଯ୍ୟକ୍ରମ ଥିବା ନେଇ ଫୁଟବଲ କମିଟି ପକ୍ଷରୁ ସୂଚନା ମିଳିଛି।


ଅତିଥିଙ୍କ ସହ ପ୍ରତିଯୋଗୀତାରେ ଭାଗ ନେଇଥିବା ଖେଳାଳି।

## ମଦ ମୁକ୍ତି ସଚେତନତା ଅଭିଯାନ

କୁତ୍ରା,୧।୮(ଦେବାଶିଷ ସାହୁ): କୁତ୍ରା ବ୍ଲକ ଅନ୍ତର୍ଗତ କନ୍ଦେଇମୁଣ୍ଡା ଗ୍ରାମପଞ୍ଚାୟତରେ ଶୁକ୍ରବାର ସରପଞ୍ଚ ସୁଧୀର ମିଞ୍ଜଙ୍କ ନେତୃତ୍ୱରେ ୱାର୍ଡ ସଭ୍ୟାସଭ୍ୟ ଓ ଗ୍ରାମବାସୀମାନେ ମିଳିତ ଭାବେ ନିଜ ପଞ୍ଚାୟତକୁ ନିଶା ମୁକ୍ତ କରିବା ପାଇଁ ଏକ ସଚେତନତା ରାଲିର ଆୟୋଜନ କରିଥିଲେ। ଏହି ରାଲିରେ ବାହାରି କନ୍ଦେଇମୁଣ୍ଡା, ତେଲିଘଣା, କୁରୁଙ୍ଗା ଆଦି ଗ୍ରାମ ପରିକ୍ରମା କରି ସଚେତନ କରାଇଥିଲେ। କନ୍ଦେଇମୁଣ୍ଡା ପଞ୍ଚାୟତରେ ମଦକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ବିଭିନ୍ନ ନାରା ଦେଇଥିଲେ। ମଦ ପିଇବା ଦ୍ୱାରା ଧନ ଜୀବନ ନଷ୍ଟ ହେବା ସହିତ ସୁନ୍ଦର ପରିବାର ମଧ ନଷ୍ଟ ହେଉଛି ବୋଲି କହିଥିଲେ। ମଦ ପିଇ ଗାଡି ଚାଳନା ଯୋଗୁ ଘଟୁଥିବା ଦୁର୍ଘଟଣା ଓ ଅକାଳରେ ଜୀବନ ଚାଲିଯାଉଥିବା କହିଛନ୍ତି। ତେଣୁ ସମ୍ପୂର୍ଣ୍ଣ ଭାବରେ ମଦ ବନ୍ଦ କରିବା ପାଇଁ ବୁଝାଇଥିଲେ। ଏହି ଅବସରରେ ଅର୍ଜୁନ ସରନିଆ, ରଞ୍ଜିତ ଏକ୍କା, କାର୍ତ୍ତିକ କୁଜୁର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଚିକିତ୍ସାଧୀନ ଯୁବକଙ୍କ ମୃତ୍ୟୁ

ହେମଗିର,୧।୮(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ଯୁବକଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ କନିକା ଗ୍ରାମର ଶିବ ପଟ୍ଟା(୨୫)। ଏନେଇ ହେମଗିର ପୋଲିସ କେସ୍ ନଂ. ୩୦/୨୫ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ମିଳିଥିବା ସୂଚନା ଅନୁସାରେ, କନିକା ଗ୍ରାମର ଶିବ ଗୁରୁବାର ରାତିରେ କୌଣସି କାରଣକୁ ନେଇ ବିଷ ପାନ କରିଥିଲେ। ଏନେଇ ଘର ଲୋକେ ଜାଣିବା ପରେ ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

## ଗୁରୁକୁଳରେ ସମ୍ବଲପୁରୀ ଦିନ୍ ପାଳନ


ଗୁରୁକୁଳ କଲେଜର ଅଧ୍ୟାପିକା ଓ ଛାତ୍ରୀମାନେ ।

ସୁନ୍ଦରଗଡ଼,୧।୮(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ସ୍ଥିତ ଗୁରୁକୁଳ କଲେଜରେ ଶୁକ୍ରବାର 'ସମ୍ବଲପୁରୀ ଦିନ୍' ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଦିନ ଆମ ପଶ୍ଚିମ ଓଡ଼ିଶା ପାଇଁ ଆଶା ଉଦ୍ଦୀପନାର ଦିନ। ଆମ ପୋଷାକ ଓ ଭାଷା ସାହିତ୍ୟକୁ ସମୃଦ୍ଧ କରିବାର ଦିନ। ଭାଷା ସାହିତ୍ୟର ପୁରୋଧା ସତ୍ୟନାରାୟଣ ବହିଦାରଙ୍କ ଜନ୍ମ ଉପଲକ୍ଷେ ପଶ୍ଚିମ ଓଡ଼ିଶାରେ ଏହି ଦିବସ ପ୍ରତିବର୍ଷ ପାଳନ କରାଯାଏ। ତେଣୁ କଲେଜର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ ସମସ୍ତ ସହ କର୍ମଚାରୀମାନେ ମିଳିମିଶି ନୂଆ ସମ୍ବଲପୁରୀ ପୋଷାକ ପିନ୍ଧି ନୃତ୍ୟ ସଂଗୀତରେ ବିଭୋର ହୋଇ ଏହି ଦିବସଟିକୁ ପାଳନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ପାଦକ ଲିପନ କୁମାର ନାଏକ ପଶ୍ଚିମ ଓଡ଼ିଶାର ଭାଷା ଓ ପୋଷାକର ପ୍ରସାର ପ୍ରଚାର ଆମର ଏକମାତ୍ର ଲକ୍ଷ୍ୟ ବୋଲି ଛାତ୍ରୀଛାତ୍ରଙ୍କୁ ଜଣାଇଥିଲେ। ଏହି ଦିବସ ଅବସରରେ କଲେଜର ଯୁକ୍ତ ୨ ବିଜ୍ଞାନ ଦ୍ୱିତୀୟ ଶ୍ରେଣୀର ଛାତ୍ରୀଛାତ୍ର ସୁନ୍ଦରଗଡ଼ ସ୍ଥିତ ସଂସ୍କୃତିଭବନଠାରେ ଆୟୋଜିତ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରି ପୁରସ୍କାର ମଧ ପାଇଛନ୍ତି।

## ସମ୍ବଲପୁରୀ ବସ୍ତ୍ର ପିନ୍ଧିଲେ କୁଆଁରମୁଣ୍ଡା ବ୍ଲକ କର୍ମଚାରୀ


ଉପସ୍ଥିତ ବ୍ଲକ କର୍ମଚାରୀ ଓ ଅନ୍ୟମାନେ।

କୁଆଁରମୁଣ୍ଡା,୧।୮(ମହେନ୍ଦ୍ର କୁମାର ସାହୁ)

ସମ୍ବଲପୁରୀ ଦିନ୍ ଉପଲକ୍ଷେ ଶୁକ୍ରବାର କୁଆଁରମୁଣ୍ଡା ବ୍ଲକର ସମସ୍ତ କର୍ମଚାରୀ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ଅଫିସ କାର୍ଯ୍ୟ କରିଛନ୍ତି। ପଶ୍ଚିମ ଓଡ଼ିଶାର ଗଣ ଉତ୍ସବକୁ ଆହୁରି ସ୍ମରଣୀୟ କରିବା ପାଇଁ କୁଆଁରମୁଣ୍ଡା ବ୍ଲକ ବିଡିଓ ଡା. ଜଗଦୀଶ ଚନ୍ଦ୍ର ମହାନନ୍ଦଙ୍କ ପୌରହିତ୍ୟରେ ପଞ୍ଚାୟତ ସମିତି ଅଧକ୍ଷା ଜ୍ୟୋତି କେରକେଟାଙ୍କ ସମେତ ଏବିଡିଓ ପ୍ରଶାନ୍ତ ଜେନା, ଏଇଇ ଚୈତନ୍ୟ ହେମ୍ବ୍ରମ, ଶ୍ରବଣ ସାହୁ, ଓଏଲଏମ ସଂଯୋଜିକା ରଶ୍ମିତା ବେହେରା ଓ ପିଇଓ ଦେବବ୍ରତ ଦାସଙ୍କ ସମେତ ବିଭିନ୍ନ ପଞ୍ଚାୟତର ପିଇଓମାନେ ଏଥିରେ ସାମିଲ ହୋଇ ସମ୍ବଲପୁରୀ ବସ୍ତ୍ର ପରିଧାନ କରିଥିଲେ।

## ମିଳିଲା ୨ ନିଖୋଜ ଯୁବକଙ୍କ ମୃତଦେହ

ବାଲିଶଙ୍କରା,୧।୮( ସତ ସେଠ)

**ଗାଧୋଇବାବେଳେ ଇବ୍ ନଦୀରେ ଭାସି ଯାଇଥିଲେ**

ସୁନ୍ଦରଗଡ ଜିଲା ତଳସରା ଥାନା ଅନ୍ତର୍ଗତ ବାଲିଶଙ୍କରା ପଞ୍ଚାୟତର ଘୋଘର ପର୍ଯ୍ୟଟନ ସ୍ଥଳୀ କନାକୁଣ୍ଡ ନିକଟ ଇବ୍ ନଦୀରେ ବୁଧବାର ଭାସିଯାଇ ନିଖୋଜ ହୋଇଯାଇଥିବା ୨ ଯୁବକଙ୍କ ମୃତଦେହ ଶୁକ୍ରବାର ଉଦ୍ଧାର ହୋଇଛି। ମୃତକ ହେଲେ ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ ବାମରା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ରୋଶନ ପାଶୱାନ (୧୮) ଓ ଜୟନାରାୟଣ ପାତ୍ର(୨୦)। ଏନେଇ ତଳସରା ପୋଲିସ ଏକ ମାମଲା କେସ୍ ନଂ.୨୪/୨୫ରେ ରୁଜୁ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଗୋବିନ୍ଦପୁର ଗ୍ରାମର ୩ ସାଙ୍ଗ ଆକାଶ ସାହୁ, ରୋଶନ ଏବଂ ଜୟନାରାୟଣ ଘୋଘର ପର୍ଯ୍ୟଟନ ସ୍ଥଳୀକୁ ବୁଲିବାକୁ ଆସିଥିଲେ। ପରେ ଇବ୍ ନଦୀର କନାକୁଣ୍ଡ ଘାଟକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ନଦୀର ପ୍ରଖର ସ୍ରୋତରେ ରୋଶନ ଏବଂ ଜୟନାରାୟଣ ହଠାତ୍ ଭାସି ଯାଇଥିଲେ। ଅଗ୍ନିଶମ ବିଭାଗ ୩ ଦିନ ଧରି ଏହି ଉଦ୍ଧାର କାର୍ଯ୍ୟରେ ଲାଗି ରହିଥିବାବେଳେ ଶୁକ୍ରବାର ରୋଶନ ପାଶୱାନଙ୍କ ମୃତଦେହକୁ ସକାଳ ୭ଟାରେ ସବଡେଗା ବ୍ଲକ ଯମୁନା ପଞ୍ଚାୟତ ମୟାବାହାଲ ଡଙ୍ଗା ଘାଟ ନିକଟରୁ ଉଦ୍ଧାର କରିଥିଲା। ପରେ କୁକୁରିଡ଼ିହି ନିକଟ ଇବ ନଦୀରୁ ଜୟନାରାୟଣ ପାତ୍ରଙ୍କ ମୃତଦେହ ଉଦ୍ଧାର ହୋଇଛି।

## ଅଧକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ସୁନ୍ଦରଗଡ଼,୧।୮(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଅଧକ୍ଷ ଡ. କୁଳମଣି ବେହେରା ଗୁରୁବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ସମାରୋହରେ ଅଧକ୍ଷ ଡକ୍ଟର ବେହେରା ଓ ଗତ ମେ ୩୦ରେ ଅବସର ଗ୍ରହଣ କରିଥିବା ଏହି ମହାବିଦ୍ୟାଳୟର ଅଧକ୍ଷ ବୀରେନ୍ଦ୍ର କୁମାର ପଟେଲଙ୍କୁ ମଧ ଛାତ୍ରୀଛାତ୍ର ଓ କର୍ମଚାରୀ ସଂଘ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଗଣିତ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଆଲୋକ କୁମାର ନାଏକ ମହାବିଦ୍ୟାଳୟର ନୂତନ ଅଧକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ଅଧକ୍ଷ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ଅଧକ୍ଷ ଦ୍ୱୟଙ୍କ ନିଷ୍ଠାପର ସେବା ଓ କାର୍ଯ୍ୟ ଦକ୍ଷତା ସମ୍ପର୍କରେ ଆଲୋକପାତ କରିଥିଲେ। କର୍ମଚାରୀ ସଂଘର ସମ୍ପାଦକ ଡକ୍ଟର ଜୟ ଶଙ୍କର ପଟେଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ରସାୟନ ବିଭାଗର ସହକାରୀ ପ୍ରଫେସର ଡକ୍ଟର ପ୍ରଦୀପ କୁମାର ସାମନ୍ତରାୟ ଅବସରପ୍ରାପ୍ତ ଉଭୟ ଅଧକ୍ଷଙ୍କୁ ପ୍ରଦାନ କରାଯାଇଥିବା ମାନପତ୍ର ପାଠ କରିଥିଲେ। ଅଧ୍ୟାପକ ପ୍ରଭାକର ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ନୂତନ ଖମାରୀ ସଂଯୋଜନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।


ଅଧକ୍ଷଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ସୁନ୍ଦରଗଡ଼ରେ ନାରୀ ସଶକ୍ତୀକରଣର ବଳିଷ୍ଠ ଝଲକ ରହିଛି

ସୁନ୍ଦରଗଡ଼,୧।୮(ଜୟ ନାରାୟଣ ମେଣ୍ଡୁଲି)

**ଜିଲାସ୍ତରୀୟ ଆକାଂକ୍ଷା ହାଟ ଉଦ୍‌ଘାଟିତ**

ଶଙ୍କରାସ୍ଥିତ କଲ୍ୟାଣ ମଣ୍ଡପଠାରେ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିସହ ଆକାଂକ୍ଷା ହାଟ ମଧ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌରପାଳିକାର ଅଧକ୍ଷା ତନୟା ମିଶ୍ର ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ପୂଜାରୀ ସୁନ୍ଦରଗଡ଼ରେ ବିତାଇଥିବା ନିଜର ଛାତ୍ର ସମୟର ସ୍ମୃତି ଚାରଣ କରିଥିଲେ। ସୁନ୍ଦରଗଡ଼ ଜିଲାରେ ନାରୀ ସଶକ୍ତୀକରଣର ବଳିଷ୍ଠ ଝଲକ ରହିଛି। ଏଠାକାର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ନିଜକୁ ପ୍ରତ୍ୟେକ କ୍ଷେତ୍ରରେ ସଫଳଭାବେ ପ୍ରତିପାଦିତ କରିପାରିଛନ୍ତି। ସେହିଭଳି ସମସ୍ତେ ଏକ ଟିମ୍ ଭାବେ ସମନ୍ୱୟ ରକ୍ଷାକରି ଜିଲାର ବିକାଶ ଦିଗରେ କାର୍ଯ୍ୟ କରିବାକୁ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଡା. ଶୁଭଙ୍କର ମହାପାତ୍ର, ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଡିଏଫ୍ଓ ଖୁସ୍‌ୱନ୍ତ ସିଂ, ଅତିରିକ୍ତ ଜିଲାପାଳ ସୁରଜ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ, ଆଇଏଏସ୍ ଶିକ୍ଷାନବୀସ ଫାବୀ ରସିଦ, ସମସ୍ତ ବିଭାଗୀୟ ଅଧିକାରୀ, ବିଭିନ୍ନ ବ୍ଲକରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଉପସ୍ଥିତ ଥିଲେ। ଜିଲାରେ ଥିବା ୨ଟି ଆକାଂକ୍ଷା ବ୍ଲକ ନୂଆଗାଁ ଓ ବାଲିଶଙ୍କରାରେ ବିଭିନ୍ନ ସରକାରୀ ଯୋଜନାଗୁଡ଼ିକର ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରାଯାଇ ସମ୍ପୂର୍ଣ୍ଣତା ଅଭିଯାନର ସଫଳ ରୂପାୟନ କରାଯାଇଛି। ଏହି ଅଭିଯାନ ନିମନ୍ତେ ବିଭିନ୍ନ ସୂଚକାଙ୍କ ବା ଇଣ୍ଡିକେଟର ରହିଛି। ଏହି ସୂଚକାଙ୍କଗୁଡ଼ିକୁ ସଫଳତାର ସହ ରୂପାୟନ କରିଥିବାରୁ ନୂଆଗାଁ ବ୍ଲକକୁ ସରକାରଙ୍କ ତରଫରୁ ରୌପ୍ୟ ପଦକ ଏବଂ ବାଲିଶଙ୍କରା ବ୍ଲକକୁ ତାମ୍ର ପଦକ ପ୍ରଦାନ କରାଯାଇଛି। ଏହି ଅବସରରେ ସମ୍ପୃକ୍ତ ବ୍ଲକରେ ତୃଣମୂଳ ସ୍ତରରେ ଅକ୍ଳାନ୍ତ ପରିଶ୍ରମ କରି ଏହି ସମ୍ପୂର୍ଣ୍ଣତା ଅଭିଯାନକୁ ସଫଳ କରିଥିବା ଜିଲା ସ୍ତରୀୟ ଅଧିକାରୀ ଏବଂ କ୍ଷେତ୍ର କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେହିଭଳି ବରେଣ୍ୟ ଅତିଥିଙ୍କ ଦ୍ୱାରା ଆକାଂକ୍ଷା ହାଟର ଉଦ୍‌ଘାଟନ ହୋଇଯାଇଛି। ସମସ୍ତ ଅତିଥି ଷ୍ଟଲ ପରିଦର୍ଶନ କରି ଉତ୍ପାଦିତ ଦ୍ରବ୍ୟ, ସାମଗ୍ରୀଗୁଡ଼ିକ ଆଦି ସମ୍ପର୍କରେ ପଚାରି ବୁଝିଥିଲେ। ଏଥିରେ ଏହି ୨ଟି ଆକାଂକ୍ଷା ବ୍ଲକରୁ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଏବଂ ଅନ୍ୟାନ୍ୟ ବିଭାଗ ଯଥା କୃଷି, ଉଦ୍ୟାନ କୃଷି, ହସ୍ତଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଓର୍‌ମାସ ଆଦି ବିଭାଗ ଦ୍ୱାରା ୨୦ଟି ଷ୍ଟଲ ସ୍ଥାନିତ ହୋଇଛି। ଏହି ଆକାଂକ୍ଷା ହାଟ ଦ୍ୱାରା ଉତ୍ପାଦକମାନେ ନିଜର ଉତ୍ପାଦନକୁ ବିକ୍ରି ପାଇଁ ଏକ ଉତ୍କୃଷ୍ଟ ବଜାର ବ୍ୟବସ୍ଥା ପାଇବେ। ଏହାଦ୍ୱାରା ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ, ଚାଷୀ, କାରିଗର, ବୁଣାକାରଙ୍କ ଆର୍ଥିକ ଉନ୍ନତି ଘଟିବା ସହିତ ଉପଭୋକ୍ତାମାନଙ୍କୁ ମଧ ସ୍ଥାନୀୟ ଉତ୍ପାଦଗୁଡ଼ିକ ସହଜ ଏବଂ ସୁଲଭ ମୂଲ୍ୟରେ ଉପଲବ୍ଧ ହୋଇପାରିବ। ଏହି ଆକାଂକ୍ଷା ହାଟ ଅଗଷ୍ଟ ୬ ତାରିଖ ପର୍ଯ୍ୟନ୍ତ ଚାଲିବ।


ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ହାଟକୁ ଉଦ୍‌ଘାଟନ କରୁଛନ୍ତି।

**ଅଟୋ ସହିତ ଗଞ୍ଜେଇ ଜବତ, ଜଣେ ଗିରଫ**

ସମ୍ବଲପୁର,(ପ୍ରମୋଦ ବହିଦାର): ସମ୍ବଲପୁର ଟାଉନଥାନା ପୋଲିସ ଧୁରୁରାପଡ଼ା ଅଞ୍ଚଳରୁ ଏକ ଅଟୋରେ ଚୋରା ଚାଲାଣ ହେଉଥିବା ପ୍ରାୟ ୫୦.୫୮ କେଜି ଗଞ୍ଜେଇ ଜବତ କରିବା ସହିତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଟାଉନ ଥାନା ଅନ୍ତର୍ଗତ ଧୁରୁରାପଡ଼ାର ସୁଧାଂଶୁ ମହାନ୍ତି(୪୪)। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଶୁକ୍ରବାର କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଟାଉନଥାନା ପୋଲିସ ଧୁରୁରାପଡ଼ାର ଚଢ଼ାଉ କରି ବେଆଇନ ଭାବେ ଏଜ ଅଟୋ ଓଡି-୧୨-ଏ-୪୯୧୦ରେ ଚାଲାଣ ହେଉଥିବା ଗଞ୍ଜେଇକୁ ଜବତ କରିଥିଲା। ଏହା ସହିତ ଉକ୍ତ ଅଟୋ, ୩ଟି ମୋବାଇଲ୍ ଫୋନ, ୬୩,୭୫୦ ଟଙ୍କାକୁ ପୋଲିସ ଜବତ କରିଛି।



# ସମ୍ବଲପୁରୀ ଭାଷାର ବିକଳ୍ପ ନାହିଁ

ସମ୍ବଲପୁର,୧।୮(ବି.ଶଙ୍କର)


ସମ୍ବଲପୁର ଗଙ୍ଗାଧର ମୁକ୍ତ ମଣ୍ଡପଠାରେ ସମ୍ବଲପୁରୀ ଏକତା ମଞ୍ଚ ଆୟୋଜିତ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମରେ ମଞ୍ଚ କଳାକାରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

**ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ଆୟୋଜିତ ସମ୍ବଲପୁରୀ ଦିନ୍**

ସମ୍ବଲପୁରୀ ଏକତା ମଞ୍ଚ ଆୟୋଜିତ ସମ୍ବଲପୁରୀ ଦିନ୍ ଶୁକ୍ରବାର ରାତିରେ ସମ୍ବଲପୁର ଗଙ୍ଗାଧର ମୁକ୍ତ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରୀ ଏକତା ମଞ୍ଚ ସଭାପତି ସମୀର ରଞ୍ଜନ ବାବୁଙ୍କ ଅଧ୍ୟକ୍ଷତା ଓ ଆବାହକ ଡାକ୍ତର ସଞ୍ଜିବ କୁମାର ମିଶ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଓଡିଶା ସରକାରଙ୍କର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି, ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, ଗ୍ରାମ ଉନ୍ନୟନ ଓ ପଞ୍ଚାୟତିରାଜ, ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାୟକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ସମ୍ବଲପୁର ଜିଲାପାଳ ଡାକ୍ତର ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖେତ୍ରୀ, ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ, ଶିକ୍ଷାନବିଶ ଶୁଭ୍ରା ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ବଲପୁର ପ୍ରେମୀଙ୍କୁ ଉତ୍ସାହିତ କରିଥିଲେ। ସମ୍ବଲପୁରୀ ଭାଷାର ବିକଳ୍ପ ନାହିଁ। ତେଣୁ ସମ୍ବଲପୁରୀ ଭାଷା ଓ ସଂସ୍କୃତି ମହାନ ଅଟେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମ୍ବଲପୁରୀ ଭାଷାର ଗୌରବ ଗୁରୁ ସତ୍ୟନାରାୟଣ ବହିଦାରଙ୍କ କମଲିବଜାର ସ୍ଥିତ ସାଧନା ଗୃହକୁ ସମ୍ବଲପୁରୀ ସଂଗ୍ରାହାଳୟ କରିବାକୁ ମନ୍ତ୍ରୀ ଏବଂ ଜିଲାପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ସଭାପତି ବାବୁ। ରାଜସ୍ୱ ମନ୍ତ୍ରୀ ପୂଜାରୀ ଏନେଇ ଜିଲାପାଳଙ୍କୁ ତ୍ୱରିତ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମ୍ବଲପୁର ସମେତ ପଶ୍ଚିମ ଓଡିଶାର ବିଭିନ୍ନ ଆଞ୍ଚଳରୁ ଆସିଥିବା କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉପସ୍ଥିତ ଦର୍ଶକମାନଙ୍କୁ ମତୁଆଲା କଲା ସମ୍ବଲପୁରୀ, କିମ୍ବଦନ୍ତୀ ରଙ୍ଗବତୀ ଗୀତ, ଡାଲଖାଇ ଓ ରସରକେଲି ନୃତ୍ୟ। ସମ୍ବଲପୁରୀ ନୃତ୍ୟ, ଗୀତ, ବାଦ୍ୟରେ ଗଙ୍ଗାଧର ମୁକ୍ତ ମଞ୍ଚ ଦୁଲୁକି ଉଠିଥବା ବେଳେ ଦର୍ଶକମାନେ ବିଭୋର ହୋଇ ଉତ୍ସବ ସ୍ଥଳ ଓ ରାଜରାସ୍ତାରେ ନୃତ୍ୟ କରିଥିଲେ। ଐତିହ୍ୟ ସମ୍ପନ୍ନ ସମ୍ବଲପୁରୀ ବାନ୍ଧକଳାକୁ ପ୍ରଦର୍ଶିତ କରିଥିଲେ। ଏଥିରେ ସମ୍ବଲପୁରୀ ସମ୍ବଲପୁରୀ ବାନ୍ଧକଳାରେ ପ୍ରସ୍ତୁତ ଶାଢୀ ଓ ଲେହେଙ୍ଗା, ଧୋତି, କୁର୍ତ୍ତା ଓ ଜ୍ୟାକେଟ୍ ପିନ୍ଧି ଯୁବତୀ, ବାଳିକା, ବାଳକ ଓ ଯୁବକମାନେ ସାମିଲ ହୋଇଥିଲେ। ଯାହାକି ସମସ୍ତଙ୍କୁ ବିମୋହିତ କରିଥିଲା। ସମ୍ପାଦକ ସୂର୍ଯ୍ୟ ପ୍ରକାଶ ଗୁରୁ, ସାହିତ୍ୟ ଆବାହକ କମଳ ଲୋଚନ ପଣ୍ଡା, ଆର୍ଟ ଆଣ୍ଡ କ୍ରାଫ୍ଟ ଆବାହକ ମନୋଜ ଚୌଧୁରୀ, ସଙ୍ଗୀତ ଉପଦେଷ୍ଟା ତ୍ରିଲୋଚନ ତ୍ରିପାଠୀ, ସୁଶାନ୍ତ କୁମାର ପୁରୋହିତ, ସାଂସ୍କୃତିକ ଆବାହକ ଅମିତ କୁମାର ପତି, ଉପସଭାପତି ନନ୍ଦକିଶୋର ସାହୁ, ଯୁଗ୍ମସମ୍ପାଦକ ଅରୁଣ ଦାଶ ଓ ବିନୟରାମ ଗୋପାଳ ଅଗ୍ରୱାଲ, କୋଷାଧ୍ୟକ୍ଷ ରାଜୀବ ଲୋଚନ ସାହୁ, ସୌମ୍ୟଜିତ ପଟ୍ଟନାୟକ, ଧରଣୀଧର ନାଥ, ରାଜକୁମାର ଜାଲ, ମୋହନ ଦାଶ, ସୌମିକ ବାବୁ, ସୀମା ଷଣ୍ଡ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମିମାଂଶା ରଥ, ଅଞ୍ଜନ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ନିଜ ଅପା କୁଟିରକୁ ସତ୍ୟନାରାୟଣ ବହିଦାର ସ୍ମାରକୀ, ଗବେଷଣା କେନ୍ଦ୍ର କରାଯାଉ


କାର୍ଯ୍ୟକ୍ରମରେ ଅତିଥିମାନେ କବିତା ସଙ୍କଳନ ଉନ୍ମୋଚନ କରୁଛନ୍ତି।

ସମ୍ବଲପୁର,୧।୮(ବି.ଶଙ୍କର)

**ଓଡ଼ିଶା ସାଂସ୍କୃତିକ ସମାଜ, ଓଡିଶା ସାହିତ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ**

ଓଡ଼ିଶା ସାଂସ୍କୃତିକ ସମାଜ ଏବଂ ଓଡିଶା ସାହିତ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ସମ୍ବଲପୁର ସାହିତ୍ୟ ସାଧକ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ୧୧୨ତମ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଡ.ପରେଶ ଦାନୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସତ୍ୟନାରାୟଣ ବହିଦାରଙ୍କ କର୍ମଭୂମି ତଥା ସାଧନା ସ୍ଥାନ ନିଜ ଅପା କୁଟୀରକୁ ତାଙ୍କ ସ୍ମାରକୀ ଏବଂ ଗବେଷଣା କେନ୍ଦ୍ର କରାଯାଉ ବୋଲି ସଭା ମାଧ୍ୟମରେ ସରକାରଙ୍କ ଠାରେ ଦାବି କରାଯାଇଛି। ସମ୍ପାଦକ ଦୀନବନ୍ଧୁ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରି ସମ୍ବଲପୁରୀ କଳା, ସାହିତ୍ୟ ଓ ସଂସ୍କୃତିର ବାର୍ତ୍ତାବହ ହୋଇ କାର୍ଯ୍ୟକରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ ଡ. ଦ୍ୱାରିକାନାଥ ନାୟକ, ମୁଖ୍ୟ ଅତିଥି ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ବର୍ତ୍ତମାନ ସମ୍ବଲପୁରୀ ସାହିତ୍ୟ ଲୋକଲୋଚନକୁ ଆଣିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ କବି ସତ୍ୟନାରାୟଣ ବୋଲି କହିଥିଲେ। ସୁସାହିତ୍ୟିକ ସୌଭାଗ୍ୟବନ୍ତ ମହାରଣା ଓ ସିଦ୍ଧେଶ୍ୱରୀ ଧର୍ମ ସଂସଦ ଅନୁଷ୍ଠାନକୁ ମାନପତ୍ର ସହ ସତ୍ୟନାରାୟଣ ବହିଦାର ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା। ମାନପତ୍ର ପାଠ କରିଥିଲେ ଅଖିଳ ରଞ୍ଜନ ପଟ୍ଟନାୟକ ଓ ଐତିହାସିକ ଦୀପକ କୁମାର ପଣ୍ଡା। ପ୍ରାରମ୍ଭିକ ସଙ୍ଗୀତ ତ୍ରିଲୋଚନ ତ୍ରିପାଠୀ ଗାଇଥିଲେ। ଏହି ଅବସରରେ କବି ସୌଭାଗ୍ୟବନ୍ତ ମହାରଣାଙ୍କ ଲିଖିତ କବିତା ସଂକଳନ ସମ୍ବଲପୁରୀ କବି ଆର କବିତା - ସିରିଜୀନାର ସୁରୁତା ଉନ୍ମୋଚିତ ହୋଇଥିଲା। ଏହାପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼ ଜିଲାର ପ୍ରାୟ ସତୁରି ଜଣ କବି, କବୟିତ୍ରୀ ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ। ଏହାକୁ ସଂଯୋଜନା କରିଥିଲେ ଲଳିତ ମୋହନ ବେବର୍ତ୍ତା, ତଫିଜୁଲ ହୁସେନ, କ୍ଷେତ୍ରମଣି ବିଭାର। ଶେଷରେ ଯୁଗ୍ମ ସମ୍ପାଦିକା ସୁରେଖା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସହଯୋଗ କରିଥିଲେ ତାପସ ଦାସ, କୈଳାଶ ଚନ୍ଦ୍ର ମିସ୍ତ୍ରୀ, ବିଜୟଲକ୍ଷ୍ମୀ ବେହେରା, ଦିଲୀପ ବଘାର ଓ ରାମାନୁଜ ପଣ୍ଡା।

# ସମ୍ବଲପୁରୀ ବସ୍ତ୍ର, ସଂସ୍କୃତି ଉପରେ ଗବେଷଣା କରାଯାଉ


ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ୍ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।


ସମ୍ବଲପୁରୀ ଦିନ୍ ଉତ୍ସବରେ କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ।

ସମ୍ବଲପୁର,୧।୮(ପ୍ରମୋଦ ବହିଦାର)

**ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍**

ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନ ଉପଲକ୍ଷେ ଶୁକ୍ରବାର ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଦୁଇ ଦିନିଆ ଉତ୍ସବରେ ଶୁକ୍ରବାର ଗୁରୁ ବହିଦାରଙ୍କର ଜନ୍ମସ୍ଥାନ ସୋନପୁର ମାଟିରୁ ସମ୍ବଲପୁର ଆସିଥିବା ଏକ ମଶାଲ ଯାତ୍ରାକୁ ସ୍ୱାଗତ କରାଯାଇଥିଲା। ମଶାଲ ଯାତ୍ରାରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ନାତି ଓ ପଶ୍ଚିମ ମିଡିଆର ସଦସ୍ୟମାନେ ସୋନପୁରରୁ ଆସି ସାମିଲ ହୋଇଥିଲେ। ପୂର୍ବାହ୍ନରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର ସଦସ୍ୟା ସଦସ୍ୟ ଓ ବିଭିନ୍ନ ସାମାଜିକ ସଙ୍ଗଠନ, ଅନୁଷ୍ଠାନର ସଦସ୍ୟା ଓ ସଦସ୍ୟ ତଥା ବହୁ ବିଶିଷ୍ଟ ବ୍ୟକ୍ତି ଗୁରୁ ସତ୍ୟନାରାୟଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଅପରାହ୍ନ ୩ଟାରୁ ମଞ୍ଚ ପୂଜା ସ୍ୱରୂପ ମୁଖ୍ୟ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ସର୍ବ ପ୍ରଥମେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସର୍ବଶ୍ରେଷ୍ଠ ଗୁରୁ ସତ୍ୟନାରାୟଣ ବହିଦାର ସମ୍ମାନାର୍ଥେ ନାଟ୍ୟକାର, ଅଭିନେତା ଗୁରୁ ଭୁବନ ଭୋଇଙ୍କୁ ଚଳିତବର୍ଷର ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଜାତୀୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ଭବାନୀ କଳା ପରିଷଦ, ଢୋଲ ମୁହୁରୀ ପରିଷଦ, ଭରନି କଳା ପରିଷଦ, ଟିଁଟିଲାଗଡ଼ର ଢ଼ାପ ନୃତ୍ୟ ପରିଷଦ, ପଞ୍ଚବାଦ୍ୟ ଆଦି ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହାସହିତ ସମ୍ବଲପୁରୀ ବସ୍ତ୍ର ଓ ପରିଧାନର ଏକ ର୍ୟାମ୍ପ-ସୋ ଅନୁଷ୍ଠିତ ହେଇଥିଲା। ଶତ୍ରୁଘ୍ନ ଲୁହା, ନବୀନ କୁମାର, ଆଶୀର୍ବାଦ ମହାନ୍ତି, ଅରୁଣ ରାଜହଂସ, ଅର୍ପିତା ମିଶ୍ର, ତୁଳାରାମ କଲେତ, ଲିପିକା ବିଭାର, ଅଙ୍କିତ ରାଜ, ସୌଭାଗ୍ୟ ଲକ୍ଷ୍ମୀ ଦାଶ ପ୍ରମୁଖ କଣ୍ଠଶିଳ୍ପୀମାନେ ସୁମଧୁର ସମ୍ବଲପୁରୀ ଭଜନ, ସଙ୍ଗୀତ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଜୟନାରାୟଣ ମିଶ୍ର, ମଞ୍ଚ ଉପଦେଷ୍ଟା ନାଉରୀ ନାଏକ, ପ୍ରମୋଦ ରଥ, ସମ୍ବଲପୁର ଜିଲାପାଳ, ଏସପି, ଏସ୍ଏମ୍ସି କମିଶନର ପ୍ରମୁଖ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗ୍ରାମ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ଓ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ, ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ସମ୍ବଲପୁରୀ ବସ୍ତ୍ର ଏବଂ ସଂସ୍କୃତି ଉପରେ ଗଭୀର ଭାବେ ଗବେଷଣା କରିବା ପାଇଁ ଉତ୍ସାହିତ କରିଥିଲେ। ସମ୍ବଲପୁର ଏସ୍ପି ମୁକେଶ ଭାମୁ, ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କାର୍ଯ୍ୟକ୍ରମରେ ସାମିଲ ହୋଇ ଜନସାଧାରଣଙ୍କୁ ସମ୍ବଲପୁରୀ ପ୍ରତି ନିଷ୍ଠାର ସହିତ ଉତ୍ସର୍ଗୀକୃତ ହେବାକୁ ଉତ୍ସାହିତ କରିଥିଲେ। ପଶ୍ଚିମାଞ୍ଚଳ ଏକତା ମଞ୍ଚର ଆବାହକ ଭବାନୀ ଭୋଇ, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ସଂଯୋଜକ ସୁବୋଧ ଦୋରା, ଉପଦେଷ୍ଟା ପ୍ରମୋଦ ରଥ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପଶ୍ଚିମାଞ୍ଚଳ ଏକତା ମଞ୍ଚର ସଦସ୍ୟା ଓ ସଦସ୍ୟଙ୍କ ସହିତ ଯୁବଶକ୍ତି, ନାରୀଶକ୍ତି ଏକତ୍ରିତ ହୋଇ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ବିପୁଳ ନିଶା ଇଞ୍ଜେକ୍ସନ, କଫ୍ ସିରପ୍ ଜବତ

ସମ୍ବଲପୁର,୧।୮(ପ୍ରମୋଦ ବହିଦାର)

**ମହିଳାଙ୍କ ସହ ୪ ଗିରଫ**

ସମ୍ବଲପୁର ଜିଲା ବୁର୍ଲା ଥାନା ପାଟ୍ରୋଲିଂ ଦଳ ଚଢ଼ାଉ କରି ଚୋରା ଚାଲାଣ ହେଉଥିବା ବ୍ୟାପକ ପରିମାଣର ନିଶା ଇଞ୍ଜେକ୍ସନ ଓ ନିଶା କଫ୍ସିରପ୍ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୪ ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବୁର୍ଲାଥାନା ଅନ୍ତର୍ଗତ ଗାନ୍ଧୀପଡ଼ାର ରାଜା ନାଏକ(୨୫), ଅଟାଚକିପଡ଼ା ମୂଳ ବାସିନ୍ଦା ତାଙ୍କ ଧର୍ମପତ୍ନୀ(୨୫), ତାଲପଡ଼ାର ସିଦ୍ଧାନ୍ତ ନାଗ(୨୦) ଓ ଅଟଚକିପଡ଼ାର ରାଧାକାନ୍ତ ବେସରା(୨୦)। ସେମାନଙ୍କ ନିକଟରୁ ୬ଟି ଧଳା ଜରିବସ୍ତାରେ ଥିବା ଶହେ ମିଲିଲିଟର ବିଶିଷ୍ଟ ୮୪୦ ବୋତଲ ସିଲ୍ଡ କଫ୍ ସିରପ୍ ଏବଂ ୨୦ଟି ପ୍ୟାକେଟ୍ରେ ଥିବା ପ୍ରାୟ ୧ ହଜାର ନିଶା ଇଞ୍ଜେକ୍ସନକୁ ପୋଲିସ ଜବତ କରିଛି। ବୁର୍ଲାଥାନାର ପୋଟ୍ରୋଲିଂ ଦଳଙ୍କୁ ଶୁକ୍ରବାର ଭୋର ସମୟରେ ଜଣେ ମହିଳାଙ୍କ ସହ ଅନ୍ୟ ୩ଜଣ ପୁରୁଷ ବ୍ୟାପକ ପରିମାଣର ନିଶା କଫ୍ସିରପ୍ ଚୋରା ଚାଲାଣ କରିବାକୁ ବୁର୍ଲା ଥାନା ଅନ୍ତର୍ଗତ ବେଲେରପଡ଼ା ଛକରେ ଅପେକ୍ଷା କରିଥିବା ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଉକ୍ତ ଖବର ଅନୁସାରେ ପାଟ୍ରୋଲିଂ ଦଳ ସେଠାରେ ପହଞ୍ଚି ଅତର୍କିତ ଚଢ଼ାଉ କରି ଉକ୍ତ ବେଆଇନ୍ ସାମଗ୍ରୀକୁ ଜବତ କରିବା ସହିତ ଅଭିଯୁକ୍ତମାନଙ୍କୁ ମଧ୍ୟ ଗିରଫ କରିଥିଲା। ଏହାକୁ ନେଇ ବୁର୍ଲା ଥାନାରେ ଏକ ମାମଲା (ନଂ. ୩୨୬/୨୦୨୫) ରୁଜୁ ହୋଇଛି।

# ସୁନାଗହଣା ଚୋରି ଘଟଣାର ୩ ଗିରଫ

ସମ୍ବଲପୁର,୧।୮(ପ୍ରମୋଦ ବହିଦାର)

**ସୁନା ଗହଣା ସହିତ ୮ ଲକ୍ଷ ଟଙ୍କା ଜବତ**

ହୀରାକୁଦ ଏସ୍ଡିଓ କଲୋନୀରୁ ଗତ ୨୪ ତାରିଖରେ ଜଣେ ବ୍ୟକ୍ତିଙ୍କ ଘରୁ ହୋଇଥିବା ଏକ ବଡ଼ ଧରଣର ଚୋରି ଘଟଣାର ପର୍ଦ୍ଦାଫାଶ କରିବାର ସକ୍ଷମ ହୋଇଛି ପୋଲିସ। ଏହି ମାମଲାରେ ପେଲିସ ମୁଖ୍ୟ ଅଭିଯୁକ୍ତଙ୍କ ସହିତ ୩ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ପ୍ରାୟ ୧୫୧ ଗ୍ରାମ ସୁନା ଗହଣା ଓ ୭ ଲକ୍ଷ ୯୭ ହଜାର ଟଙ୍କା ଏବଂ କିଛି ରୁପା ଗହଣାକୁ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ମୁଖ୍ୟ ଅଭିଯୁକ୍ତ ହୀରାକୁଦ ଥାନା ଅନ୍ତର୍ଗତ ଏଚ୍ଆଇଡବ୍ଲ୍ୟୁକଲୋନୀର ମଣ୍ଟୁ ଓରଫ ସଞ୍ଜୟ ପ୍ରଧାନ(୪୨), ତାଙ୍କର ୨ସହଯୋଗୀ ହୀରାକୁଦ ଥାନା ଅନ୍ତର୍ଗତ ଗୁଜାତଳର ଶିବ ଶଙ୍କର ଜେନା(୪୨) ଓ ସବଷ୍ଟେସନର କଲୋନୀର ପ୍ରଶାନ୍ତ କୁମାର ବାରିକ(୩୯) ବୋଲି ଶୁକ୍ରବାର ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ ଗତ ଜୁଲାଇ ୨୩-୨୪ ତାରିଖ ବିଳମ୍ବିତ ରାତିରେ ହୀରାକୁଦ ଏସଡିଓ କଲୋନୀର ରାଜେନ୍ଦ୍ର କୁମାର ସ୍ୱାଇଁଙ୍କ ପରିବାର ଲୋକ ଶୋଇଥିବା ସମୟରେ ତାଙ୍କ ଘରେ ଉକ୍ତ ଅଭିଯୁକ୍ତମାନେ କଳାକନା ବୁଲାଇ ଫେରାର ହୋଇଯାଇଥିଲେ। ସକାଳେ ଉଠି ଏସମ୍ପର୍କରେ ଜାଣିଲା ପରେ ଗୃହକର୍ତ୍ତା ରାଜେନ୍ଦ୍ର ହୀରାକୁଦ ଥାନାରେ ଏତଲା ଦେଇଥିଲେ। ସେ ତାଙ୍କ ଏତଲାରେ ତାଙ୍କ ଘରୁ ଦୁର୍ବୃତ୍ତମାନେ ସୁନା ଓ ରୁପା ଗହଣା ସହିତ ଲକ୍ଷାଧିକ ଟଙ୍କା ଚୋରି କରି ନେଇଥିବା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏହାକୁ ନେଇ ହୀରାକୁଦ ଥାନାରେ ଏକ ମାମଲା (ନଂ. ୧୩୨/୨୦୨୫) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତବେଳେ ପୋଲିସ ନିକଟରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ ସହିତ ବିଭିନ୍ନ ବୈଷୟିକ ଉପାୟ ଅବଲମ୍ବନ ପୂର୍ବକ ଅଭିଯୁକ୍ତଙ୍କୁ ଚିହ୍ନଟ କରି ସେମାନଙ୍କୁ ବିଭିନ୍ନ ସ୍ଥାନରେ ଠାବ ମଧ୍ୟ କରିବାକୁ ସକ୍ଷମ ହୋଇଥିଲା। ଚୋରି ପରେ ତାମିଲନାଡୁର କୋଏମ୍ବଟୁରକୁ ଚାଲି ଯାଇଥିବା ମୁଖ୍ୟ ଅଭିଯୁକ୍ତ ସଞ୍ଜୟଙ୍କୁ ସେଠାରୁ ପୋଲିସ ଗିରଫ କରିବା ସହିତ ହୀରାକୁଦରୁ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ। ଅପରପକ୍ଷରେ ସଞ୍ଜୟ କୋଏମ୍ବାଟୁର ଯିବା ପୂର୍ବରୁ ଚୋରି ସାମଗ୍ରୀକୁ ପ୍ରଶାନ୍ତଙ୍କ ନିକଟରେ ଛାଡ଼ି ଯାଇ ମାସେ ପରେ ସେ ଫେରିଲା ପରେ ଏହାକୁ ବିକ୍ରୟ କରିବାକୁ ପରାମର୍ଶ ଦେଇଥିଲେ। ଶିବ ଶଙ୍କରଙ୍କ ଜରିଆରେ ଚୋରି ଗହଣା ବିକ୍ରୟ କରିବାକୁ ଉଦ୍ୟମ କରାଯାଉଥିଲା ବୋଲି ଗିରଫ ପରେ ପୋଲିସକୁ ପ୍ରଶାନ୍ତ କହିଥିବା ସେ ସୂଚନା ଦେଇଛନ୍ତି। ତେବେ ମୁଖ୍ୟ ଅଭିଯୁକ୍ତ ସଞ୍ଜୟଙ୍କ ନାମରେ ସମ୍ବଲପୁରର ବିଭିନ୍ନ ଥାନାରେ ୮ରୁ ଅଧିକ ଅପରାଧିକ ମାମଲା ରୁଜୁ ହୋଇଛି। ସେ ଚୋରି କରିଥିବା ଲକ୍ଷ୍ୟ ରଖିଥିବା ଘରକୁ ପ୍ରଥମେ ଦିନ ବେଳେ ଯାଇ ପରିବାର ଲୋକଙ୍କ ଗତିବିଧି ଲକ୍ଷ୍ୟ କରି ବିଳମ୍ବିତ ରାତିରେ ଚୋରି କରୁଥିଲେ ବୋଲି ଆରକ୍ଷୀ ଅଧିକ୍ଷକ ଭାମୁ କହିଛନ୍ତି। ଗିରଫ ପରେ ସମସ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି।



ହୀରାକୁଦ ଚୋରି ଘଟଣାରେ ଗିରଫ ୩ ଅଭିଯୁକ୍ତ।

# ସମ୍ବଲପୁରୀ ଭାଷା ସୁଦୃଢ଼ ହେଲେ ଗୁରୁଙ୍କ ପ୍ରତି ହେବ ଶ୍ରଦ୍ଧାଞ୍ଜଳି



କୁଚିଣ୍ଡାରେ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମରେ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସହ ଅନ୍ୟମାନେ(ବାମ), ମଞ୍ଚରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଉଛି।

କୁଚିଣ୍ଡା,୧।୮(ବିରଞ୍ଚି ଦର୍ଶୀ)

**କୁଚିଣ୍ଡାରେ ସମ୍ବଲପୁରୀ ଦିନ୍**

ସମ୍ବଲପୁର ଜିଲା କୁଚିଣ୍ଡା ଟାଉନ ହଲଠାରେ କୁଚିଣ୍ଡା କଳାପରିଷଦ ପକ୍ଷରୁ ଗୁରୁଶ୍ରୀ ସତ୍ୟନାରାୟଣ ବହିଦାରଙ୍କ ଜନ୍ମବାର୍ଷିକୀ ଅବସରରେ ସମ୍ବଲପୁରୀ ଦିନ୍ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୁଚିଣ୍ଡା ବିଧାୟକ ତଥା ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ସମ୍ବଲପୁରୀ ଭାଷାରେ ଏକ ସ୍ୱତନ୍ତ୍ରତା ଓ ମାଧୂର୍ଯ୍ୟ ଭରି ରହିଛି। ଗୁରୁ ଶ୍ରୀ ସତ୍ୟନାରାୟଣ ବହିଦାରଙ୍କ ଦ୍ୱାରା ସମ୍ବଲପୁରୀ ଭାଷାର ଗବେଷଣା ଏବଂ ପ୍ରସ୍ତୁତ ଭାଷାକୋଷର ସ୍ମରଣ କରିଥିଲେ। ପଶ୍ଚିମ ଓଡ଼ିଶାରେ ସମ୍ବଲପୁରୀ ଭାଷାର ବହୁଳ ପ୍ରଚଳନ ଓ ଏହାକୁ ସୁଦୃଢ଼ କରିବା ପାଇଁ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଲଢ଼ିଥିଲେ। ତେଣୁ ତାଙ୍କ ସ୍ମୃତିକୁ ସ୍ମରଣ କରି ସମ୍ବଲପୁରୀ ଭାଷା ସୁଦୃଢ଼ ହେଲେ ଯାଇ ତାଙ୍କ ପ୍ରତି ହେବ ଅସଲ ଶ୍ରଦ୍ଧାଞ୍ଜଳୀ ବୋଲି ମନ୍ତ୍ରୀ ନାଏକ କହିଥିଲେ। ସମ୍ମାନିତ ଅତିଥି ଭାବେ କୁଚିଣ୍ଡା ଉପଜିଲାପାଳ ଗୌରମୟ ପ୍ରଧାନ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ,ଏସ୍ଡିପିଓ ପ୍ରଦୀପ କୁମାର ଦାସ ଓ କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁ ଯୋଗ ଦେଇ ସମ୍ବଲପୁରୀ ଭାଷାର ବିଭିନ୍ନ ଉଦାହରଣ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ। ଆକାଶବାଣୀର ବରିଷ୍ଠ କଳାକାର ସୁରଥ ଚନ୍ଦ୍ର ନାୟକ ସଭା ପରିଚାଳନା କରିଥିଲେ। କଳାପରିଷଦ ସମ୍ପାଦକ କୁମାରେଶ ଦଶଭାୟା, ଚିତ୍ତରଞ୍ଜନ ଭୋଇ, ରାଧେଶ୍ୟାମ କଉଡ଼ି, ଦୀପକ ମହାନନ୍ଦ, ଲିଟୁ ଶର୍ମା, ପ୍ରାଣବନ୍ଧୁ ନାଥ, ସୌମ୍ୟରଞ୍ଜନ ଧଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପ୍ରିତମ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ଲୋକଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିବାବେଳେ ସମ୍ବଲପୁରୀ ଫେସନ ସୋ' ଆୟୋଜିତ ହୋଇଥିଲା। ସେହିପରି କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ଯୁକ୍ତଦୁଇ କଲେଜରେ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। କୁଟୁରାଚୁଆଁ ଜୁନିୟର କଲେଜରେ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ବଲପୁରୀ କବି ଗୁରୁ ସତ୍ୟନାରାରଣ ବହିଦାରଙ୍କ ଜନ୍ମ ବାର୍ଷିକ ଅବସରରେ ସମ୍ବଲପୁରୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ନାୟକ ମୁଖ୍ୟଅତିଥି, କୁଲେଇଗଡ ହାଇସ୍କୁଲ ସଂସ୍କୃତ ଶିକ୍ଷକ ସୁଶିଳ କୁମାର ମହାକୁଳ ମୁଖ୍ୟବକ୍ତା, ପୁରାତନ ଛାତ୍ରସଂସଦ ସଭାପତି ତଥା କିରାଶାସନ ସ୍ୱପ୍ନସାଗର କଳାପରିଷଦ ସଭାପତି ଅରୁଣ କୁମାର ପଟେଲ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅଧାପକ କୃଷ୍ଣଚନ୍ଦ୍ର ପୂଝାରୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧାପକ ସତ୍ୟନାରାରଣ ପଟେଲ ସଭା ପରିଚାଳନା କରିଥିଲେ। ଅଧାପିକା ଭାବନା ପାଣ୍ଡେ, ଅଧାପକ ସୁଧିର କୁମାର ନାଏକ ଓ ଶିକ୍ଷା ଡେମୋଷ୍ଟ୍ରେଟର ପ୍ରତିମା କୁମାରୀ ନାଏକ ପ୍ରମୁଖ ଅନ୍ୟତମ ଅତିଥି ଭାବେ କାର୍ଯ୍ୟକ୍ରମରେ ସାମିଲ ହୋଇ ସମ୍ବଲପୁରୀ ଦିନ୍ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଅଧାପିକା ଭାବନା ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସମ୍ବଲପୁରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# 'ବାଲ୍‌ଟି ନ ନେଲେ ସାର ମିଳୁନି'



ଜିଲା କୃଷକ ମହାସଂଘ ପକ୍ଷରୁ ହୋଇଥିବା ଖବରଦାତା ସମ୍ମିଳନୀ।

**ବଲାଙ୍ଗୀର ଜିଲା କୃଷକ ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ**

## ସାର କଳାବଜାର, କୃଷିବୀମା ଠକେଇ, ଚାଷୀ ପଞ୍ଜୀକରଣକୁ ନେଇ ଗର୍ଜିଲେ

**ବଲାଙ୍ଗୀର, ୧।୮ (ବୀରେନ୍ଦ୍ର କୁମାର ଝାଙ୍କର)**

ଚାଷ ପାଇଁ ଚାଷୀଙ୍କୁ ସାର ଦରକାର। ମାତ୍ର ଠିକଣା ସମୟରେ ସାର ଦିଆଯାଉନାହିଁ। ଯେଉଁ ଚାଷୀଙ୍କୁ ସାର ଦିଆଯାଉଛି ସେମାନଙ୍କୁ ଜୋର ଜବରଦସ୍ତି ଅଣୁସାର ପ୍ୟାକେଟ୍, ବାଲ୍‌ଟି ଓ ଥାଇଲାଣ୍ଡ ଟ୍ରିପ୍ କଥା କହି ଅର୍ଥ ଶୋଷଣ କରାଯାଉଛି। କୃଷି ବୀମା ନାଁରେ ଲୁଟ୍ ଚାଲିଛି। ଜିଲାରେ ଏପର୍ଯ୍ୟନ୍ତ ଚାଷୀ ପଞ୍ଜୀକରଣ ଠିକ୍ ଭାବେ ଚାଲିନାହିଁ ବୋଲି ବଲାଙ୍ଗୀର ଜିଲା କୃଷକ ମହାସଂଘ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଖବରଦାତା ସମ୍ମିଳନୀ କରାଯାଇ ଅଭିଯୋଗ କରାଯାଇଛି।

ମହାସଂଘ ସଭାପତି ଯତି ପ୍ରଧାନ କହିଥିଲେ, ଜିଲାରେ ୟୁରିଆ ସାର କଳାବଜାରୀ ଜୋରସୋର ଚାଲିଛି। ୟୁରିଆ ବସ୍ତା ୨୬୬ ଟଙ୍କା ମୂଲ୍ୟ ଥିଲା ବେଳେ କେତେଜଣ ସାର ବିକ୍ରେତା ଚାଷୀଙ୍କଠାରୁ ୫ରୁ ୭ ଶହ ଟଙ୍କା ପର୍ଯ୍ୟନ୍ତ ନେଉଛନ୍ତି। ୟୁରିଆ ଓ ଅନ୍ୟ ସାର ସହ ଅଣୁସାର, ବାଲ୍‌ଟି ନେବାକୁ ଚାଷୀଙ୍କୁ ଜୋର ଜବରଦସ୍ତି କରାଯାଉଛି। ଚାଷୀଙ୍କୁ ଥାଇଲାଣ୍ଡ ଟ୍ରିପ୍ କଥା କହି ଶୋଷଣ କରାଯାଉଛି ବୋଲି ଅଭିଯୋଗ କରିଛନ୍ତି। ଚାଷୀଙ୍କୁ ଏଭଳି ଶୋଷଣ କରାଯିବାକୁ ମହାସଂଘ ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି। ସାର ବିକ୍ରୟ ନାଁରେ ଦଲାଲରାଜ୍ ଚାଲିଥିବା ଅଭିଯୋଗ କରିଛନ୍ତି। ଜିଲାରେ କୃଷିବୀମା ନାଁରେ ବଡଧରଣର ଦୁର୍ନୀତି ଚାଲିଛି। ସରକାରୀ ଜମିରେ କୃଷିବୀମା ପ୍ରିମିୟମ୍ ଉଠାଯାଉଛି। କୃଷି ବୀମାରେ ବି ବଡଧରଣର ଦୁର୍ନୀତି ହୋଇଛି। ଏହାର ଭିଜିଲାନ୍ସ କିମ୍ବା ସିବିଆଇ ତଦନ୍ତ କରାଗଲେ ଦୁର୍ନୀତିର ପର୍ଦ୍ଦାଫାଶ ହେବ ବୋଲି ସଭାପତି ପ୍ରଧାନ କହିଥିଲେ। ବଲାଙ୍ଗୀର ଜିଲାର ଚାଷୀ ପଞ୍ଜୀକରଣ ଢ଼େର ପଛେଇ ଯାଇଥିବା ଅଭିଯୋଗ କରି କୃଷି ବିଭାଗକୁ ଦୋଷାରୋପ କରିଥିଲେ। ମହାସଂଘ ସମ୍ପାଦକ ସୌମେନ୍ଦ୍ର ପରିଚ୍ଛା କହିଥିଲେ ସରକାର ଦେଓଗାଁ ଚିନିକଳ ପୁନଃ କାର୍ଯ୍ୟକ୍ଷମ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଚିନିକଳ ଚଲାଇବାକୁ ପ୍ରଥମେ ଚାଷୀଙ୍କୁ ଆଖୁଚାଷ ପାଇଁ ପ୍ରୋତ୍ସାହିତ କରିବାକୁ ହେବ। ଚାଷୀ ଆଖୁଚାଷ କଲେ ଯାଇ ଚିନିକଳ କାର୍ଯ୍ୟକ୍ଷମ ହେବ। ଚାଷୀଙ୍କୁ ଆଖୁଚାଷ ପାଇଁ ସରକାର ପ୍ରୋତ୍ସାହିତ କରୁ ନଥିବାରୁ ଚିନିକଳ କିଭଳି କାର୍ଯ୍ୟକ୍ଷମ ହେବ ବୋଲି ସେ ପ୍ରଶ୍ନ କରିଥିଲେ। ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବାକୁ ଦୀର୍ଘ ବର୍ଷ ହେଲା ଦାବି ହୋଇଆସୁଛି। ମାତ୍ର ସରକାର ଏ ଦିଗରେ କିଛି ପଦକ୍ଷେପ ନେଉନାହାନ୍ତି। ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ କାମ ସରିଗଲା ବୋଲି କୁହାଯାଇଥିଲେ ମଧ ଚାଷୀମାନଙ୍କୁ ଏଯାଏ ପାଣି ମିଳିନାହିଁ। ବଲାଙ୍ଗୀର ଜିଲାର ଲୋଇସିଂହା, ଆଗଲପୁର, ପୁଇଁତଲା ଓ ବଲାଙ୍ଗୀର ବ୍ଲକର ବିଭିନ୍ନ ପଞ୍ଚାୟତକୁ ସୁକ୍‌ତେଲ ପ୍ରକଳ୍ପରୁ ଜଳସେଚନ ସୁବିଧା ଯୋଗାଇବାକୁ ଦାବି କରାଯାଉଛି। କିନ୍ତୁ ଏଯାଏ ସେ ଦିଗରେ କୌଣସି ଠୋସ୍ ପଦକ୍ଷେପ ନିଆଯାଉନାହିଁ ବୋଲି ସେ କହିଥିଲେ। ଆଗାମୀ ଦିନରେ ଜିଲାର ଚାଷୀଙ୍କ ସମସ୍ୟାର ଯଦି ସମାଧାନ କରା ନ ଯିବ ତେବେ ବାଧହୋଇ ମହାସଂଘ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯିବ ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଥିଲା। ଏହି ଖବରଦାତା ସମ୍ମିଳନୀରେ ମହାସଂଘ ସଂଯୋଜକ ମଧୁସୂଦନ କ୍ଷେତୀ, କୃଷ୍ଣଚନ୍ଦ୍ର ବନଛୋର, କୃଷ୍ଣଚନ୍ଦ୍ର ନାଏକ, ବାଳକୃଷ୍ଣ ସାହୁ ଓ ଶ୍ୟାମ ସୁନ୍ଦର ବିଶ୍ୱାଳ ଉପସ୍ଥିତ ଥିଲେ। ମହାସଂଘର ଅଭିଯୋଗ ନେଇ ଜିଲା ମୁଖ୍ୟ କୃଷି ଅଧିକାରୀ ବାବୁଲି ଚରଣ ସେଠୀଙ୍କୁ ପଚରାଯିବାରେ ସାର ଟ୍ୟାଗିଂ ବାଧତାମୂଳକ ନୁହେଁ। ଚାଷୀଙ୍କୁ ସାର ପାଇଁ ଅଣୁସାର କି ଅନ୍ୟ ସାମଗ୍ରୀ ପାଇଁ କେହି ବାଧ କରିପାରିବ ନାହିଁ। ଜିଲାରେ ପଞ୍ଜୀକରଣ ଢ଼େର ଆଗେଇ ଯାଇଛି ଏବଂ କୃଷିବୀମା କ୍ଲେମ୍ ସଂକ୍ରାନ୍ତୀୟ ଅଭିଯୋଗ ମିଳିନାହିଁ ବୋଲି ସେ କହିଛନ୍ତି।

# ଅକ୍ଟୋବର ୪ରୁ 'ଆନ୍‌ଥେ ୨୦୨୫'




ବଲାଙ୍ଗୀର ଆକାଶ ସେଣ୍ଟରେ 'ଆନ୍‌ଥେ ୨୦୨୫' ଶୁଭାରମ୍ଭ ଘୋଷଣା କରାଯାଉଛି।

**ବଲାଙ୍ଗୀର, ୧।୮ (ବୀରେନ୍ଦ୍ର କୁମାର ଝାଙ୍କର)**

ଆକାଶ ଏଜୁକେଶନାଲ ସର୍ଭିସ୍ ଲିମିଟେଡ୍ ପକ୍ଷରୁ ଆସନ୍ତା ଅକ୍ଟୋବର ୪ରୁ ୧୨ ତାରିଖ ମଧ୍ୟରେ ଅନ୍‌ଲାଇନ ଓ ଅଫ୍ ଲାଇନ ମୋଡ୍‌ରେ ପଞ୍ଚମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ 'ଆକାଶ ନ୍ୟାଶନାଲ ଟାଲେଣ୍ଟ ହଣ୍ଟ୍ ପରୀକ୍ଷା (ଆନ୍‌ଥେ- ୨୦୨୫) ଅନୁଷ୍ଠିତ ହେବ। ବଲାଙ୍ଗୀର 'ଆକାଶ' ସେଣ୍ଟରରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ କରାଯାଇ 'ଆନ୍‌ଥେ ୨୦୨୫'ର ଶୁଭାରମ୍ଭ କରାଯିବା ସହ ଏ ସଂକ୍ରାନ୍ତରେ ସୂଚନା ଦିଆଯାଇଥିଲା। ଆନ୍‌ଥେ ୨୦୨୫ ପାଇଁ ଅଗଷ୍ଟ ୧ ଅର୍ଥାତ୍ ଆଜିଠାରୁ ଦେଶବ୍ୟାପୀ ପଞ୍ଚମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ରେଜିଷ୍ଟ୍ରେଶନ ଆରମ୍ଭ ହେଲା ବୋଲି ବଲାଙ୍ଗୀର ସେଣ୍ଟର ମୁଖ୍ୟ ସତ୍ୟଦର୍ଶୀ ବେହେରା ସୂଚନା ଦେଇଥିଲେ। ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନରେ ଏହି ପରୀକ୍ଷା ପାଇଁ ରେଜିଷ୍ଟ୍ରେଶନ କରାଯାଇପାରିବ। ପରୀକ୍ଷାରେ କୃତକାର୍ଯ୍ୟ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ଓ ପୁରସ୍କାର ଦିଆଯିବ ବୋଲି ସେ ସୂଚନା ଦେଇଥିଲେ। ଏଠାର ବଲାଙ୍ଗୀର ଆକାଶ ସେଣ୍ଟରରେ କାର୍ଯ୍ୟରତ ଏକାଡେମିକ୍ ହେଡ୍, ବିଭିନ୍ନ ବିଭାଗର ଅଧ୍ୟାପକ ଏବଂ ଷ୍ଟାଫ୍ ଉପସ୍ଥିତ ଥିଲେ।

# ବଲାଙ୍ଗୀର ବ୍ଲକସ୍ତରୀୟ କୃଷି ଉପଦେଷ୍ଟା କମିଟି ଗଠିତ



କୃଷି ଉପଦେଷ୍ଟା କମିଟି ସଭ୍ୟାସଭ୍ୟ।

**ବଲାଙ୍ଗୀର, ୧।୮ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସଦର ବ୍ଲକସ୍ତରୀୟ କୃଷି ଉପଦେଷ୍ଟା କମିଟି ଗଠନ କରାଯାଇଥିବା ଜଣାପଡିଛି। ବଲାଙ୍ଗୀର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ବ୍ଲକ କୃଷି ଅଧିକାରୀ ତଥା ବ୍ଲକ ବୈଷୟିକ ଆବାହକ ବିଶ୍ୱଜିତ ପାଢଯୋଷୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସହକାରୀ କୃଷି ଅଧିକାରୀ ସୁଜାତା ଛାତ୍ରିଆ ପ୍ରଥମେ ସ୍ୱାଗତ କରିଥିଲେ। ସଭାରେ ପଶୁ ସମ୍ପଦ ବିଭାଗର ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ସ୍ୱର୍ଣ୍ଣପ୍ରଭା ଶତପଥୀ, ମତ୍ସ୍ୟ ବିଭାଗର ପ୍ରକାଶ କୁମାର ଶତପଥୀ, ଉଦ୍ୟାନ ବିଭାଗର ସୁଚିସ୍ମିତା ମେହେର, ଶିଶୁ ଉନ୍ନୟନ ଅଧିକାର ବିଭାଗର ଶୁଭଶ୍ରୀ ପାଢୀ, ସହକାରୀ ବୈଷୟିକ ପରିଚାଳକ ଗୁଣାକାର ବାରିକ, ଅକ୍ଷୟ କୁମାର ଘିବେଲା, ନମିତା ବାରିକ ଉପସ୍ଥିତ ଥିଲେ। ନରହରି ରାଉତଙ୍କୁ ସର୍ବସମ୍ମତିକ୍ରମେ ବ୍ଲକସ୍ତରୀୟ କୃଷି ଉପଦେଷ୍ଟା କମିଟିର ଅଧ୍ୟକ୍ଷ ମନୋନୀତ କରାଯାଇଥିଲା। ସଭ୍ୟ ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ, ସରପଞ୍ଚ ପ୍ରଦ୍ୟୁମ୍ନ ହୋତା, ବାଳକୃଷ୍ଣ ବେହେରା, ଜୟକୃଷ୍ଣ ମିଶ୍ର, ଉଦୟ ନାଏକ, ବୃନ୍ଦାବନ ନାଏକ, ସଭ୍ୟ ପଲ୍ଲବୀ ପଧାନ, ମମତା ନାଏକ, ରୁଚିତା ଅର୍ଚ୍ଚନା ନେଗୀ, ପ୍ରମିଳା ରାଉତ, ରିନା ଭରାସାଗର, ଶୋଭାମତୀ ଜାଲ, ଖେଳନା ନନ୍ଦ ଉପସ୍ଥିତ ଥିଲେ। ପଲ୍ଲବୀ ପଧାନ ଜିଲାସ୍ତରୀୟ ଉପଦେଷ୍ଟା କମିଟିର ସାଧାରଣ ବର୍ଗ ମହିଳା ବିଭାଗ ସଭ୍ୟା ଭାବେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଲୋଇସିଂହା, ୧।୮ (ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଆଗଲପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାସାଗର ସିଂଦେଓ ଗୁରୁବାର ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଶିକ୍ଷକ ମୋହିତ ମେହେର ଅଧ୍ୟକ୍ଷତା କରିଥିଲେ। ସଭାରେ ପ୍ରଧାନ ଶିକ୍ଷକ ସିଂଦେଓଙ୍କ ସମେତ ଫକୀର ମୋହନ ତ୍ରିପାଠୀ, ଆଶିଷ ସିଂଦେଓ ଓ ସୁଧୀର ରଥ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥି ଓ ସହକର୍ମୀମାନେ ଅବସରପ୍ରାପ୍ତ ଶିକ୍ଷକ ସିଂଦେଓ ଜଣେ ମିଷ୍ଟଭାଷୀ, କର୍ତ୍ତବ୍ୟ ପରାୟଣ, ଛାତ୍ର ବତ୍ସଳ ଓ ଜଣେ ଅଭିଜ୍ଞ ଶିକ୍ଷକ ଥିଲେ ବୋଲି କହିଥିଲେ। ଏହି ଅବସରରେ ଶିକ୍ଷକ ସିଂଦେଓଙ୍କୁ ବିଦ୍ୟାଳୟ ତରଫରୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଶିକ୍ଷକ ସିଂଦେଓ ବିଦ୍ୟାଳୟ ପରିସରରେ ଏକ ଗଛ ଲଗାଇଥିଲେ। ସଭା କାର୍ଯ୍ୟକୁ ଶିକ୍ଷୟିତ୍ରୀ ମିଲ୍ଲୀମୟୀ ପଧାନ ଓ ବିଜୟଲକ୍ଷ୍ମୀ ସାହୁ ସଂଯୋଜନା କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ, ପରିଚାଳନା କମିଟି ସଦସ୍ୟଙ୍କ ସମେତ ପ୍ରଶାନ୍ତ ଭୋଇ, ନାରାୟଣ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଆତ୍ମହତ୍ୟା ଧମକ ଦେଇଥିବା ବିଇଓଙ୍କୁ ରେଢ଼ାଖୋଲ ବଦଳି

**ବଲାଙ୍ଗୀର, ୧।୮ (ବୀରେନ୍ଦ୍ର କୁମାର ଝାଙ୍କର):** ବଲାଙ୍ଗୀର ଡିଇଓ ଅଫିସକୁ ଆସି ଆତ୍ମହତ୍ୟା ଧମକ ଦେଇଥିବା ବିଇଓଙ୍କୁ ସମ୍ବଲପୁର ଜିଲା ରେଢ଼ାଖୋଲ ବିଇଓ ଭାବେ ବଦଳି କରାଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ଦିନ ବେଲପଡା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ଭାବେ ଯୋଗ ଦେବାକୁ ଆସି ପ୍ରାୟ ଅଢ଼େଇ ମାସ ହେଲା ଜଏନିଂ ଅର୍ଡର ପାଇ ନ ଥିବା ବିଇଓ ରଞ୍ଜିତ ଭୋଇ ଗୁରୁବାର ବଲାଙ୍ଗୀର ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟକୁ ଆସି ଆତ୍ମହତ୍ୟା ଧମକ ଦେଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ହଇଚଇ ସୃଷ୍ଟି ହୋଇଥିଲା। ତେବେ ଆତ୍ମହତ୍ୟା ଧମକ ଦେବା ପରେ ବିଇଓ ଭୋଇଙ୍କୁ ଗୁରୁବାର ଦିନ ହିଁ ବଲାଙ୍ଗୀରରୁ ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ଶିକ୍ଷା ଅଧିକାରୀ ଭାବେ ବଦଳି କରାଯାଇଛି। ଗୁରୁବାର ଏନେଇ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ଚିଠି କରାଯାଇଥିବା ଜଣାପଡିଛି। ଉକ୍ତ ଚିଠିରେ ପୂର୍ବ ନୋଟିଫିକେଶନ୍‌କୁ ରଦ୍ଦ କରାଯାଇଥିବା ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ ଯେ, ଗତ ପ୍ରାୟ ଅଢ଼େଇ ମାସ ତଳେ ଦେବଗଡ ଜିଲା ରିଆମାଳ ବ୍ଲକରୁ ବଲାଙ୍ଗୀର ଜିଲା ବେଲପଡା ବ୍ଲକ୍ ଶିକ୍ଷା ଅଧିକାରୀ ଭାବେ ଭୋଇ ବଦଳି ହୋଇ ଆସିଥିଲେ। ଗତ ମେ ମାସ ୧୬ ତାରିଖ ଦିନ ବଲାଙ୍ଗୀର ଡିଇଓ ଅଫିସକୁ ଆସି ସେ ଯୋଗଦେଇଥିଲେ ମଧ ତାଙ୍କୁ ଜଏନିଂ ଅର୍ଡର ଦିଆଯାଇନଥିଲା। ଫଳରେ ନିର୍ଯାତନା ଅଭିଯୋଗ ଆଣି ବିଇଓ ଭୋଇ ବଲାଙ୍ଗୀର ଡିଇଓ ଅଫିସକୁ ଆସି ଆତ୍ମହତ୍ୟା ଧମକ ଦେଇଥିଲେ। ଘଟଣାଟି ଚର୍ଚ୍ଚାର ବିଷୟ ହୋଇଥିଲା।

# ଲୁହା ଚକ ଲଗା ଟ୍ରାକ୍ଟର ଜବତ

**ଲୋଇସିଂହା, ୧।୮ (ସୁଶାନ୍ତ ବାରିକ):** ଆରଡି ଓ ପିଡବ୍ଲୁଡି ରାସ୍ତାରେ ଲୁହାଚକ ଲଗା ଗାଡି ଚଳାଚଳ ବାରଣ ରହିଛି। ଏହାକୁ ମାଲିକମାନେ ନ ମାନି ଲୁହାଚକ ଲଗା ଗାଡ଼ି ଚଳାଚଳ କରୁଥିବା ଯୋଗୁ ରାସ୍ତାରୁ ପିଚୁ ଉଠି ରାସ୍ତା ବିପର୍ଯ୍ୟସ୍ତ ହୋଇପଡୁଛି। ଏହାକୁ ନେଇ ବଲାଙ୍ଗୀର ଜିଲା ଆଗଲପୁର(ଡୁଡୁକା) ବ୍ଲକ ପ୍ରଶାସନ ପକ୍ଷରୁ ଉପରୋକ୍ତ ରାସ୍ତା ଉପରେ ଚଳାଚଳ ନ କରିବାକୁ ତାଗିଦ କରାଯାଇଥିଲା। ଏହାସତ୍ତ୍ୱେ ଅମାନିଆ ଗାଡ଼ି ମାଲିକ ଉପରୋକ୍ତ ରାସ୍ତା ଦେଇ ବେଧଡକ ଭାବେ ଗାଡ଼ି ନେଉଛନ୍ତି। ଶୁକ୍ରବାର ଆଗଲପୁର ବିଡିଓ ମହାପାତ୍ର କୁଳଦୀପ ମହାନ୍ତି ଡୁଡୁକା ସାଲେଭାଟ ପିଡବ୍ଲୁଡି ରାସ୍ତାରେ ଯାଉଥିବା ବେଳେ ଏକ ନମ୍ବର ବିହୀନ ଲୁହାଚକ ଲଗା ଟ୍ରାକ୍ଟର ଯାଉଥିବା ଦେଖିବାକୁ ପାଇ ଅଟକାଇ ଥିଲେ। ପରେ ବଲାଙ୍ଗୀର ପରିବହନ ବିଭାଗର ଅଧିକାରୀ ଓ ସାଲେଭଟା ପୋଲିସ ଡ଼ାକି ଉକ୍ତ ଟ୍ରାକ୍ଟରକୁ ଜିମା ଦେଇଥିବା ଜଣା ପଡ଼ିଛି। ଜବତ ଟ୍ରାକ୍ଟର ସାଲେଭଟା ଗ୍ରାମର ଜଣେ ଶିକ୍ଷାବିତ୍‌ଙ୍କର ବୋଲି ଜଣା ପଡ଼ିଛି। ପ୍ରଶାସନର ଏଭଳି କାର୍ଯ୍ୟାନୁଷ୍ଠାନ ପରେ ଗାଡ଼ି ମାଲିକଙ୍କ ମଧ୍ୟରେ ଛନକା ପଶିଯାଇଛି।


## ଦ.ପୂ. ରେଳପଥ – ଇ-ଟେଣ୍ଡର

**ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୨୯, ତାରିଖ: ୩୦।୦୭।୨୦୨୫**

**"ଇ" ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ୱେବ୍‌ସାଇଟ୍ www.ireps.gov.in ରେ ଅପଲୋଡ୍ ହୋଇଛି। ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ।

| କ୍ର. ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି ପରିମାଣ |
|---|---|---|---|---|---|
| ୧ | ୩୩୨୫୧୪୭୯ଏ | ୧୭।୦୯।୨୫ | ପ୍ରାଇମେରୀ ସସ୍‌ପେନ୍‌ସନ ପାଇଁ ଟିପିୟୁ ରିଙ୍ଗ୍‌ସର ସେଟ୍ ଆଦି | ୨୮୫୦ ସେଟ୍ | ୬,୫୧,୮୦୦/- |
| ୨ | ୨୯୨୫୫୦୬୮ | ୨୬।୦୮।୨୫ | ଆଇପି ଭିତ୍ତିକ ଭିଡିଓ ସର୍ଭେଲାନ୍ସ ପ୍ରଣାଳୀ ଆଦିର ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କମିଶନିଂ | ୧୫୨୪ ପାଉଣ୍ଡ | ୫୦,୦୦,୦୦୦/- |
| ୩ | ୨୫୨୫୫୦୧୪ | ୨୯।୦୮।୨୫ | ଟ୍ରାକ୍ସନ୍ ମୋଟର ଟାଇପ୍ ଏଚ୍‌ଏସ୍୧୫୨୫୦ଏ, ଆର୍ଥ ବ୍ରଶ୍ ଆସେମ୍ବ୍ଲି ଆଦି ସହିତ | ୧୧୨ ଗୋଟି | ୨୦,୦୦,୦୦୦/- |
| ୪ | ୨୫୨୫୩୩୦୩ | ୨୨।୦୯।୨୫ | ସିଙ୍ଗଲ ବଟଲ ଭିସିବି ଆଦି ପାଇଁ ଆଇଓଏଚ୍ କିଟ୍ | ୧୭୯ ସେଟ୍ | ୪,୧୭,୪୬୦/- |
| ୫ | ୨୯୨୫୩୨୯୮ | ୨୪।୦୯।୨୫ | କାର୍ବନ ସ୍ଲାଇଡିଂ ଷ୍ଟ୍ରିପ୍ (ଏସ୍‌କେ୮୫ ସିୟୁ) | ୨୦୪ ଗୋଟି | ୧,୦୧,୮୦୦/- |
| ୬ | ୨୫୨୫୪୬୦୩ | ୧୩।୧୦।୨୫ | ଏଚ୍ ଟାଇପ୍ ସିବିସିର ସ୍ପେୟାର ପାର୍ଟସ୍ ସେଟ୍ ଆଦି | ୪୮ ସେଟ୍ | ୧,୨୮,୬୦୦/- |
| ୭ | ୨୯୨୫୩୨୫୨ | ୧୪।୧୦।୨୫ | ଏକ୍ସେଲ ବକ୍ସ ପାଇଁ ହୋଲ୍ଡର ସହିତ ଆର୍ଥ ରିଟର୍ନ ବକ୍ସ ଆଦି | ୩୦୬ ଗୋଟି | ୧,୪୫,୦୧୦/- |
| ୮ | ୨୯୨୫୩୧୬୯ | ୨୯।୧୦।୨୫ | ଭିଜିଲାନ୍ସ କଣ୍ଟ୍ରୋଲ ଡିଭାଇସ୍ (ଭିସିଡି) ସମ୍ବଳିତ। | ୩୧ ଗୋଟି | ୧,୨୮,୯୬୦/- |
| ୯ | ୮୩୨୫୧୮୮୩ | ୨୫।୦୮।୨୫ | କମ୍ପ୍ୟୁଟରାଇଜଡ ଅଣସଂରକ୍ଷିତ ଟିକେଟ ଆଦି | ୧୦୦୦୦୦ ଗୋଟି | ୧,୫୩,୪୦୦/- |
| ୧୦ | ୨୯୨୫୪୮୪ଏ | ୨୫।୦୮।୨୫ | ସିଲିକନ ଇମ୍ପ୍ରେଗ୍ନେଟିଂ ରେଜିନ୍ ସିଲରେସ୍, ଏଚ୍୬୨ସି | ୧୫୨୩ କିଗ୍ରା | ୧,୧୭,୮୨୦/- |
| ୧୧ | ୧୧୨୫୧୦୯୬ | ୦୧।୦୯।୨୫ | ଟ୍ରାନ୍ସିସନ୍ ସ୍କ୍ରୁ କପ୍‌ଲିଂର ସଂଶୋଧିତ ଆରେଞ୍ଜମେଣ୍ଟ ଓ ବିବରଣୀ। | ୩୧୧ ସେଟ୍ | ୧,୨୨,୫୬୦/- |
| ୧୨ | ୨୯୨୫୩୦୮୬ | ୦୧।୦୯।୨୫ | ସୁଇଚ୍ ୬ଏ-୨୫୦ଭିର ସେଟ୍ ଆଦି | ୨୨୨ ସେଟ୍ | ୧,୩୬,୭୪୦/- |
| ୧୩ | ୨୯୨୫୩୨୮୫ | ୧୫।୦୯।୨୫ | ଏୟାର୍ ଡ୍ରାୟର୍। | ୭୫ ଗୋଟି | ୨,୭୯,୬୬୦/- |
| ୧୪ | ୨୯୨୫୩୧୫୨ | ୧୬।୦୯।୨୫ | ପିନିୟନ୍ ଶାଫ୍ଟ ୨୧ ଟିଥ୍ ଆଦି | ୮୪୧ ଗୋଟି | ୪,୯୬,୧୯୦/- |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-467)



## ZILLA PARISHAD, BARGARH

E-Mail ID : ori-dbargarh@nic.in, Telephone No. : 06646-234499

**Letter No. : 3410 Date : 31.07.2025**

### NOTICE INVITING TENDER

**No.CAD-1355** : The Chief Development Officer-cum-Executive Office (CDO-cum-EO), ZP, Bargarh on behalf of District Administration, Bargarh, Odisha invites Tenders/Bids in two cover bid system for **"Request for Proposal for Operation & Maintenance of Food Processing Centers at Designated Site(s) on PPP Basis"**. The bids should reach the undersigned by speed post/ registered post. The last date for submission of tenders is **30.08.2025 up to 5.00 PM.** Details regarding terms & conditions and submission of bids can be downloaded from the district website of Bargarh: https://bargarh.odisha.gov.in.

| Sl. No. | Event Description | Date |
|---|---|---|
| 1 | Availability of Bidding Documents | 01.08.2025 |
| 2 | Pre-Bid conference | 08.08.2025 |
| 3 | Bid Due Date (Last date of submission of bids) | 30.08.2025 |
| 4 | Opening of Technical Bids | 01.09.2025 |
| 5 | Date of Technical Presentation | 03.09.2025 |
| 6 | Announcement of qualified Bidders | 04.09.2025 |
| 7 | Opening of Financial Bids | 06.09.2025 |
| 8 | Letter of Award (LOA) | 08.09.2025 |
| 9 | Signing of Concession Agreement | Within 15 days of award of LOA |

Sd./- CDO-cum-EO
Zilla Parishad, Bargarh

OIPR-19244/11/0004/2526



## NOTICE THROUGH PAPER PUBLICATION

**U/O 5 RULE 20 CIVIL PROCEDURE CODE,1908**

